

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୪ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 14 JANUARY 2024

Vol.No. 35 ■ No.14 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଇଣ୍ଡିଆମେଣ୍ଟ ବୈଠକରେ ବଡ ଫଇସଲା

# ମନା କଲେ ନୀତୀଶ, ମଙ୍ଗ ସମ୍ଭାଳିବେ ମଲ୍ଲିକାର୍ଜୁନ

ନୂଆଦିଲ୍ଲୀ, ୧୩/୧ : ଶେଷ ହୋଇଛି ଇଣ୍ଡିଆ ମେଂଟର ଗୁରୁତ୍ୱପୂର୍ଣ୍ଣ ବୈଠକ । ଶନିବାର ବୈଠକରେ ମେଂଟ ବଡ ନିଷ୍ପତି ଗ୍ରହଣ କରିଛି । ମିଳିଥିବା ସୂଚନା ଅନୁସାରେ ଯାଚିବା ପରେ ବି ମେଂଟର ସଂଯୋଜକ ହେବାକୁ ମନା କରି ଦେଇଛନ୍ତି ନୀତୀଶ କୁମାର । ପ୍ରସ୍ତାବକୁ ପ୍ରତ୍ୟାଖାନ କରି ନୀତୀଶ କହିଛନ୍ତି ସେ କୌଣସି ପଦବୀ ପାଇଁ ଆଗ୍ରହୀ ନୁହଁନ୍ତି । କଂଗ୍ରେସର କୌଣସି ବରିଷ୍ଠ ନେତାଙ୍କୁ ଏହି ଦାୟିତ୍ୱ ଦିଆଯିବା ଉଚିତ । ଶନିବାର ବୈଠକରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ, ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ଏନସିପି ମୁଖ୍ୟ ଶରଦ ପାୱାର ୧୪ରୁ ଅଧିକ ଦଳର ନେତା ସାମିଲ ହୋଇଥିଲେ । ବୈଠକରେ ଭାରତ ଯୋଡ ନ୍ୟାୟ ଯାତ୍ରା, ଆସନ ଭାଗବଂଟାକୁ ନେଇ



ଚର୍ଚ୍ଚା କରାଯାଇଛି । ତେବେ ଏନେଇ କୌଣସି ନିଷ୍ପତି ନିଆଯାଇନି ୨୦ ଜାନୁଆରୀ ପୂର୍ବରୁ ବଡ ନିଷ୍ପତି ନିଆଯାଇପାରେ । ଆଜିର ବୈଠକରେ ସପା ମୁଖ୍ୟ ଅଖିଳେଶ ଯାଦବ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାର୍ନାଜୀ ବୈଠକରେ ଯୋଗ ଦେଇନଥିଲେ । ତେବେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ମେଂଟର ଅଧ୍ୟକ୍ଷ ହେବା ନେଇ ଅଧିକ ସମ୍ଭାବନା ରହିଛି । ଖଡଗେଙ୍କ ମେଂଟର ଅଧ୍ୟକ୍ଷ କରାଯାଉ ବୋଲି ଆଜିର ବୈଠକରେ ପ୍ରସ୍ତାବ ଦେଇଛନ୍ତି ନୀତିଶ କୁମାର । ଇଣ୍ଡିଆ ମେଂଟର ବୈଠକ ଉପରେ ପ୍ରତିକ୍ରିୟା ରଖିଛି ବିଜେପି । ଇଣ୍ଡିଆମେଂଟ ତାଙ୍କୁ ଖେଳନା ପରି ବ୍ୟବହାର କରୁଥିବା କହିଛନ୍ତି ବିହାର ବିଜେପି ପ୍ରଦେଶ ଅଧ୍ୟକ୍ଷ ସମ୍ରାଟ ଚୌଧୁରୀ । ସେହିପରି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି ଇଣ୍ଡିଆ ମେଂଟର ଆସନଭାଗବଂଟା ଅଙ୍କ ବିଜେପିର ଗଣିତ ବିଗାଡିପାରିବ ନାହିଁ । ମେଂଟ ଗଠନ ହେବା ପରେ କାହାକୁ କେଉଁ ଦାୟିତ୍ୱ ଦିଆଯିବ ସେନେଇ ଅନେକ ଚର୍ଚ୍ଚା ଚାଲିଥିଲା । ତେବେ ସଂଯୋଜକ ରେସରେ ସବୁଠୁ ଆଗରେ ନୀତୀଶ କୁମାର ଥିବା କୁହାଯାଉଥିଲା । ପରେ କିଛି ଦିନ ପାଇଁ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ନା ମଧ୍ୟ ଉଠିବା ସହ ଚର୍ଚ୍ଚା ଜୋର ଧରିଥିଲା । ତେବେ ଶନିବାର ମେଂଟର ଭର୍ଚୁଆଲ ବୈଠକରେ ନୀତୀଶ ପ୍ରସ୍ତାବକୁ ପ୍ରତ୍ୟାଖାନ କରି ସବୁ କଳ୍ପନାଜଳ୍ପନା ଉପରେ ପୂର୍ଣ୍ଣଛେଦ ପକାଇଛନ୍ତି ।

## ପିଓକେରେ ବ୍ରିଟିଶ ରାଷ୍ଟ୍ରଦୂତ: ପ୍ରତିବାଦ କଲା ଭାରତ

ନୂଆଦିଲ୍ଲୀ, ୧୩/୧ : ପାକିସ୍ତାନରେ ଅବସ୍ଥାପିତ ବ୍ରିଟେନ ରାଷ୍ଟ୍ରଦୂତଙ୍କ ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ) ଗସ୍ତକୁ ନେଇ ଖପ୍ପା ହୋଇଛି ଭାରତ। ବ୍ରିଟିଶ ରାଷ୍ଟ୍ରଦୂତ ଜାନେ ମାରିଅଟ ଜାନୁଆରୀ ୧୦ରେ ପିଓକେର ମୀରପୁର ଗସ୍ତ କରିଥିଲେ। ଏବେ ଏହାକୁ ଭାରତ ସରକାର ବିରୋଧ କରିଛନ୍ତି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ମାରିଅଟଙ୍କ ଗସ୍ତ ଅତ୍ୟନ୍ତ ଆପତ୍ତିଜନକ। ଏପରି ଆଭିମୁଖ୍ୟ ଭାରତର ସଂପ୍ରଭୁତା ଓ ସୀମାନ୍ତ ଅଖଣ୍ଡତାକୁ ଉଲ୍ଲଙ୍ଘନ କରିବା ସହ ସମାନ। ଏନେଇ ବୈଦେଶିକ ସଚିବ ବିନୟ ମୋହନ କ୍ୱାତ୍ରା ଭାରତରେ ଅବସ୍ଥାପିତ ବ୍ରିଟିଶ ହାଇକମିଶନଙ୍କର ନିକଟରେ ବିଧିବଦ୍ଧ ଭାବେ ଆପତ୍ତି ଜଣାଇଛନ୍ତି। ମନ୍ତ୍ରଣାଳୟ ଆହୁରି କହିଛି, କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖ ସବୁବେଳେ ଭାରତର

▶▶ପୃଷ୍ଠା ୭

## ପୁଣିଥରେ ଦୁଇ ମୁଖ୍ୟମନ୍ତ୍ରୀଙ୍କୁ ଇଡିର ସମନ



ନୂଆଦିଲ୍ଲୀ, ୧୩/୧ : ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ପୁଣି ସମନ। ଜମି ଦୁର୍ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପୁଣି ଥରେ ହେମନ୍ତ ସୋରେନ୍ ସମନ କରିଛି। ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ତାଙ୍କୁ ନୂଆ ଡେଡ୍ ଲାଇନ୍ ଦିଆଯାଇଛି। ଅସନ୍ତା ଜାନୁଆରୀ ୧୬ରୁ ୨୦ ଭିତରେ ହାଜର ହେବାକୁ ହେମନ୍ତ ସୋରେନ୍‌ଙ୍କୁ କୁହାଯାଇଛି। ଜମି ଦୁର୍ନୀତି ମାମଲା ସହ ଜଡିତ ମନି ଲଣ୍ଡରିଂ ମାମଲାରେ ପଚରାଉଚରା କରିବା ପାଇଁ ଇଡି ବାରମ୍ବାର ହେମନ୍ତ ସୋରେନ୍‌ଙ୍କୁ ସମନ କରିସାରିଲାଣି। କିନ୍ତୁ ସେ ଥରଟିଏ ବି ହାଜର ହୋଇନାହାନ୍ତି। ଏବେ ପୁଣିଥରେ ଇଡି ୮ମ ଥର ପାଇଁ ତାଙ୍କୁ ସମନ ପଠାଇ ଡକାଇଛି। ଏହାପୂର୍ବରୁ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଇଡି ଏକ ଚିଠି ପଠାଇଥିଲା। ମନି ଲଣ୍ଡରିଂ ମାମଲାରେ ଆପଣଙ୍କ କେବେ ଓ କେଉଁଠି ବୟାନ ରେକର୍ଡ କରିବା ପାଇଁ ସୁବିଧା

▶▶ପୃଷ୍ଠା ୭

## ସ୍ୱାଧୀନତାର ୭୭ବର୍ଷ ପରେ ପ୍ରଥମଥର ନୀଳଗିରିରୁ ଗଡିଲା ମେମୁ ଟ୍ରେନ: ଲୋକାର୍ପଣ କଲେ କେନ୍ଦ୍ର ରେଳମନ୍ତ୍ରୀ



ବାଲେଶ୍ୱର, ୧୩/୧ (ନି.ପ୍ର): ସ୍ୱାଧୀନତାର ୭୭ବର୍ଷ ପରେ ବହୁ ପ୍ରତୀକ୍ଷାର ଅନ୍ତ ଘଟି ଶେଷରେ ନୀଳଗିରିରୁ ଗଡିଲା ଯାତ୍ରୀବାହୀ ଟ୍ରେନ। ଦୀର୍ଘ ୮୦ଦଶକ ତଳେ ନୀଳଗିରି ରାଜ ପରିବାରର ବିବାହ ଉତ୍ସବ ଅବସରରେ ପ୍ରଥମ ଥର ପାଇଁ ରେଳଧାରଣା ନିର୍ମାଣ କରାଯାଇ ରେଳ ଚାଲିଥିଲା। ମାତ୍ର ଏହାପରେ ଉକ୍ତ ଧାରଣାରେ କୌଣସି ଯାତ୍ରୀବାହୀ ଟ୍ରେନ ଚଳାଚଳ କରୁନଥିବାରୁ ଏହା ଅବହେଳିତ ହୋଇ ପଡ଼ିଥିଲା। ବିଗତ କିଛିବର୍ଷ ପୂର୍ବରୁ ନୀଳଗିରିରେ ସ୍ଲିପର କାରଖାନା ପ୍ରତିଷ୍ଠା ହେବା ଯୋଗୁଁ କେବଳ ମାଲବାହୀ ଟ୍ରେନ ଚଳାଚଳ କରୁଥିଲା। ଦୀର୍ଘବର୍ଷ ଧରି ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବାକୁ ପ୍ରଚେଷ୍ଟା କରାଯାଇଥିଲେ ମଧ୍ୟ ଏହା ସମ୍ଭବ ହୋଇ ପାରିନଥିଲା। ବର୍ତ୍ତମାନର ବାଲେଶ୍ୱର ଲୋକପ୍ରିୟ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଆନ୍ତରିକତା ସର୍ବୋପରି ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତର ସ୍ୱପ୍ନ ଫଳରେ ଶେଷରେ ନୀଳଗିରି ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ପସେଞ୍ଜର ଟ୍ରେନ ଚାଲିବାର ସୌଭାଗ୍ୟ ମିଳିଛି। ଯାହା ଶନିବାର ନୀଳଗିରି ଗୋପୀନାଥପୁର ନୂତନ ରେଳ ଷ୍ଟେସନ ଏବଂ ସ୍ୱତନ୍ତ୍ର ଗୋପୀନାଥପୁର ମେମୁ ଟ୍ରେନକୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁଭ ଲୋକାର୍ପଣ କରିଛନ୍ତି। ସୂଚନା ଅନୁଯାୟୀ କେନ୍ଦ୍ର ରେଳ, ସଂଚାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦୁଇଦିନିଆ ବାଲେଶ୍ୱର ଗସ୍ତରେ ଆସି ଶନିବାର ପୂର୍ବାହ୍ନରେ ରେମୁଣାର ପ୍ରସିଦ୍ଧ କ୍ଷୀରଚୋରା ଗୋପୀନାଥ ମନ୍ଦିର ଦର୍ଶନରେ ଯାଇ ପ୍ରଭୁଙ୍କ କୃପା ଲାଭ କରିଥିଲେ।

▶▶ପୃଷ୍ଠା ୭

## ମମତା ହେଉଛନ୍ତି ବେଇମାନ ଓ ଅହଂକାରୀ, ସୋନିଆ ତାଙ୍କୁ ଭିକ ମାଗିବେନି

ନୂଆଦିଲ୍ଲୀ, ୧୩/୧ : ଗୋଟିଏ ପଟେ 'ଇଣ୍ଡିଆ' ବ୍ଲକରେ ସିଟ୍ ବଣ୍ଟନକୁ ନେଇ ବୈଠକ ଚାଲିଥିବା ବେଳେ ଅନ୍ୟପଟେ ନେତାମାନେ ପରସ୍ପର ଉପରେ ଆକ୍ରମଣ କରିବାକୁ ଲାଗିଛନ୍ତି। ଆଜି ଇଣ୍ଡିଆ ମେଣ୍ଟର ବୈଠକ ବସିଛି। ତେବେ ଏହି ବୈଠକରେ ଯୋଗଦେଇନି ଟିଏମ୍‌ସି। ଏହାକୁ ନେଇ ଏବେ କଂଗ୍ରେସ ସାଂସଦ ଅଧୀର ରଞ୍ଜନ ଚୌଧୁରୀ ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀଙ୍କ ଉପରେ ବର୍ଷିଛନ୍ତି। ଏପରି କି ସେ ତାଙ୍କୁ ବେଇମାନ ଓ ଅହଂକାରୀ ବୋଲି ମଧ୍ୟ କହିଦେଇଛନ୍ତି। ମମତାଙ୍କୁ ଟାର୍ଗେଟ୍ କରି ଅଧୀର ରଞ୍ଜନ କହିଛନ୍ତି, 'ଏହି ମହିଳା (ମମତା ବାନାର୍ଜୀ) ରାଜୀବ ଗାନ୍ଧି ଓ ସୋନିଆ ଗାନ୍ଧିଙ୍କ ନେତୃତ୍ୱରେ ଜଣେ ନେତା ହୋଇଥିଲେ। ଏହି ମହିଳା (ମମତା) ଏତେ ବେଇମାନ ଓ ଅହଂକାରୀ ଯେ ଯିଏ ତାଙ୍କୁ ରାଜନୀତିକୁ ଆଣିଥିଲା ଏବେ ସେହି ଲୋକଙ୍କ ପ୍ରତି ସେ ଅହଂକାର ଦେଖାଉଛନ୍ତି।' ଅଧୀର ରଞ୍ଜନ ଗଣମାଧ୍ୟମ ଆଗରେ ଆହୁରି କହିଛନ୍ତି, 'ସୋନିଆ ଗାନ୍ଧି ଆପଣଙ୍କୁ ଭିକ ମାଗିବେ ନାହିଁ। ଆପଣଙ୍କ ଅହଂକାର ଦିନେ ନା ଦିନେ ଭାଙ୍ଗିବ। ଆମେ ମୋଦିଙ୍କୁ ଧୋକା ଦେବାକୁ ଚାହୁଁନାହାନ୍ତି, ଏଥିପାଇଁ ସିଟ୍ ବଣ୍ଟନକୁ ନେଇ ଆପୋଷ ବୁଝାମଣା ଚାହୁଁନାହାନ୍ତି।

▶▶ପୃଷ୍ଠା ୭



## ଆସାମ ମୁଖ୍ୟମନ୍ତ୍ରୀଙ୍କ ଦମ୍ଭୋକ୍ତି: ଓଡ଼ିଶାରେ ବିଜେପି ଗଢ଼ିବ ସରକାର

ଭୁବନେଶ୍ୱର, ୧୩/୧ (ନି.ପ୍ର): ଓଡ଼ିଶାରେ ବିଜେପି ସରକାର ଗଢ଼ିବ । ଆଉ ଶପଥ ସମାରୋହରେ ସାମିଲ ହେବାକୁ ପୁଣିଥରେ ଓଡ଼ିଶା ଆସିବି । ଆଜି ଏଭଳି ଦମ୍ଭୋକ୍ତି ବାଢ଼ିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା। 'ଓଟିଭି'ର ଫୋରସାଇଟ୍ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଓଡ଼ିଶା ଆସିଥିବା ଆସାମ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱଶର୍ମା ଆଜି ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଓ ବରିଷ୍ଠ ରାଷ୍ଟ୍ରୀୟ




ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ ସମେତ ବରିଷ୍ଠ ନେତାମାନେ ତାଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ବିଶ୍ୱଶର୍ମା କହିଛନ୍ତି ଯେ, ବିଜେପି ରାଜ୍ୟ କାର୍ଯ୍ୟାଳୟ ହେଉଛି ମୋ ପାଇଁ ମନ୍ଦିର । ସେଥିପାଇଁ ଦର୍ଶନ କରିବାକୁ ଆସିଥିଲି ।

▶▶ପୃଷ୍ଠା ୭

## ପୃଥକ ପୃଥକ ବାଇକ ଦୁର୍ଘଟଣା: ୫ ମୃତ, ୩ ଗୁରୁତର

ମୟୁରଭଞ୍ଜ/ କୋରାପୁଟ, ୧୩/୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଘାଘରବେଢ଼ା ଥାନା ଅନ୍ତର୍ଗତ ଶଙ୍କରପୁର ନିକଟରେ ଏକ ବାଇକ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। ଏଥିରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ହିଁ ତିନି ଜଣଙ୍କର ମୃତ୍ୟୁ ଘଟିଥିଲା ବୋଲି ଘାଘରବେଢ଼ା ଥାନା ଅଧିକାରୀ କହିଛନ୍ତି।

▶▶ପୃଷ୍ଠା ୭

## ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶିବିର ଉଦ୍‌ଘାଟିତ

ବାଲେଶ୍ୱର, ୧୩/୧ (ନି.ପ୍ର): ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟରେ ଇନଷ୍ଟିଚ୍ୟୁଟ୍ ଅଫ୍ ନେଚର କିଅର ଏଣ୍ଡ ଯୋଗିକ୍ ସାଇନ୍ସ ଚିଡ଼ିଆପୋଲ, କନେକା ନନ୍ଦମାର୍ଗ ଠାରେ ୭ ଦିନିଆ ଏନ୍‌ଏସ୍‌ଏସ୍ କ୍ୟାମ୍ପ ବାଲେଶ୍ୱର ପୌରପାଳିକାର ଅଧକ୍ଷା ସବିତା ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା କବି କାଳିପଦ ପଣ୍ଡା ଅନ୍ୟତମ ଅତିଥି ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ଯୋଗ ଦେଇ କହିଲେ ଯୋଗ କଲେଜର ଛାତ୍ରଛାତ୍ରୀମାନେ ଯୋଗ କରିବା ସହିତ ଜାତୀୟ ହେବା ଯୋଜନା ମାଧ୍ୟମରେ ଜନସାଧାରଣଙ୍କର ସେବା ସହ ସ୍ୱଚ୍ଛତା ପରିଷ୍କାର ଓ




ରାସ୍ତା ସଫେଇ ବୃଦ୍ଧାଶ୍ରମରେ ଯୋଗଶିକ୍ଷା, ପ୍ରାକୃତିକ ଚିକିତ୍ସା, ନିଶା ନିବାରଣ, ଗଛ ଲଗାଇବା ରକ୍ତଦାନ ଶିବିର ଆଦି କାର୍ଯ୍ୟ ଅତି ମହତ୍ୱପୂର୍ଣ୍ଣ ଅଟେ। ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଚିତ୍ତରଞ୍ଜନ ସାହୁ କହିଲେ ଏନ୍‌ଏସ୍‌ଏସ୍ ଶବିର ଭିତରେ କର୍ମଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ, ରାଜଯୋଗ ଶିକ୍ଷାଲାଭ କରିପାରିବେ। ଡିପ୍ଲୋମା ଇନ୍ ଯୋଗା, ପିଜି ଡିପ୍ଲୋମା ଇନ୍ ଯୋଗା, ମାଷ୍ଟର ଡିଗ୍ରୀ ଇନ୍ ଯୋଗା ଛାତ୍ରଛାତ୍ରୀମାନେ ଶିକ୍ଷା ସହିତ ସେବା ଭାବ ତିଆରି ହୋଇପାରିବ। କଲେଜର ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ ୫୦ଜଣ ଛାତ୍ରଛାତ୍ରୀଙ୍କୁ ନେଇ ବାଲେଶ୍ୱର ଯୋଗ କଲେଜ କ୍ୟାମ୍ପସରେ ୧୩.୦୧.୨୦୨୪ ରୁ ୧୯.୦୧.୨୦୨୪ ୭ଦିନ ଶିବିର ଚାଲିବ। ରେମୁଣାରେ କନକଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରେମୁଣାଠାରେ ୧୬ ତାରିଖ ଯୋଗ ଶିକ୍ଷା, ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଗ୍ରାମୀଣ ଖେଳ ଶିକ୍ଷା ସହିତ ଉତ୍ସାହ ସୃଷ୍ଟି କରିବା ଏନ୍‌ଏସଏସ ଶିବିରର ମୁଖ୍ୟ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ଅଭିଶେଷ ଦାସ, ଅଧାପିକା ଅନୀତା ମିଶ୍ର, ଶିବିର ପରିଚାଳନା କରିଥିଲେ। ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ଶେଷ କରିଥିଲେ। ଶିବିରରେ ଛାତ୍ରଛାତ୍ରୀ, ସମସ୍ତ ଅଧାପକ, ଅଧାପିକା, ଷ୍ଟାଫ ସହଯୋଗ କରିଥିଲେ।

## ୭.୬୦ କୋଟି ଟଙ୍କା ମୂଲ୍ୟର ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଦେବଗଡ, ୧୩/୧ (ନି.ପ୍ର): ଶିକ୍ଷା ଜ୍ଞାନ ଆହରଣର ଅବସର ଦିଏ । ଦକ୍ଷତା ବିକାଶ ଦକ୍ଷତା ଓ ସାମର୍ଥ୍ୟକୁ ବଢାଇଥାଏ । ଶିକ୍ଷା ବ୍ୟବସ୍ଥାରେ ଡିଗ୍ରୀ ଓ ଦକ୍ଷତା ବିକାଶ ଉଭୟ ମହତ୍ତ୍ୱପୂର୍ଣ୍ଣ ବୋଲି ଶନିବାର ଦେବଗଡ଼ ପିଏମ୍ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟରେ ୭.୬୦ କୋଟି ଟଙ୍କା ମୂଲ୍ୟର ବିକାଶମୂଳକ କାର୍ଯ୍ୟ ସମେତ ଫୁଟବଲ ଫର୍ ସ୍କୁଲର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନବୋଦୟ ବିଦ୍ୟାଳୟ ଦେଶର ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ସଂସ୍ଥା । ରାଷ୍ଟ୍ରୀୟ ଶିକ୍ଷା ନୀତି ଉଦ୍ଦେଶ୍ୟରେ



ଅନ୍ତର୍ଗତ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଦିଗରେ ଏହି ବିଦ୍ୟାଳୟ ଏକ ପ୍ରୟାସ । ନିକଟରେ ଜବାହର ନବୋଦୟ ବିଦ୍ୟାଳୟ, ଦେବଗଡକୁ ପିଏମ୍ ଶ୍ରୀ ସ୍କୁଲ ଭାବରେ ବିକଶିତ କରାଯାଇଛି । ଆଜି ସ୍କୁଲରେ ପ୍ରାୟ ୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଶିଳାନ୍ୟାସ ହୋଇଥିବା ୭୫୦ ସିଟ୍ କ୍ଷମତା ବିଶିଷ୍ଟ ବହୁମୁଖୀ ସଭାଗୃହ ଛାତ୍ରଛାତ୍ରୀମାନଙ୍କୁ ଦେଶ ଦୁନିଆ ସହ ଯୋଡିବ । ସେହିପରି ନବୋଦୟ

▶▶ପୃଷ୍ଠା ୭

# ୧୬୨ତମ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ

ମାଲକାନଗିରି, ୧୩/୧ (ନି.ପ୍ର): ସ୍ୱାମୀ ବିବେକାନନ୍ଦ ଲୋକସଂସଦ ମାଲକାନଗିରି ଜିଲ୍ଲା ଶାଖା ଆନୁକୂଲ୍ୟରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ୧୬୨ତମ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଜିଲ୍ଲା ଶାଖାର ସଭାପତି ଅଧ୍ୟାପକ ଡଃ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଶୁଭଞ୍ଜନ ମହାପାତ୍ର, ଡେପୁଟୀ କମାଣ୍ଡାଟ, ସୀମା ସୁରକ୍ଷା ବଳ, ମାଲକାନଗିରି ଓ ମୁଖ୍ୟ ବକ୍ତା ଡଃ. ଧନେଶ୍ୱର ମହାପାତ୍ର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ସ୍ୱାମୀ ବିବେକାନନ୍ଦଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଶିଶୁ ଭଉଣୀ ଏବଂ ମଂଜୁଳା ଗୁରୁମାଙ୍କ ଦ୍ୱାରା ବନ୍ଦନା ଓ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ବିବେକାନନ୍ଦଙ୍କ ଦ୍ୱାରା ରଚିତ ସ୍ୱଦେଶ ମନ୍ତ୍ର ଅଷ୍ଟମ ଶ୍ରେଣୀ ଛାତ୍ରୀ ଯସ୍ମିନ କପେ ପାଠ କରିବା ପରେ ସମସ୍ତ ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା, ଉପସ୍ଥିତ ଅଭିଭାବକ, ମଂଚାସୀନ ଅତିଥିମାନଙ୍କ ଦ୍ୱାରା ଜାତୀୟ ଦିବସ ଉପଲକ୍ଷେ ଦୁଇ ମିନିଟ ସମବେତ ଧ୍ୟାନ କରାଯାଇଥିଲା। ସଭା ଆରମ୍ଭରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ରବୀନ୍ଦ୍ର କୁମାର ମହାରଣା ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ସ୍ୱାମୀଜୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିବା ସହ ପିତାମାତା, ଗୁରୁ ଓ ଈଶ୍ୱରଙ୍କ ନିକଟରେ ପୂର୍ଣ୍ଣ ସମର୍ପଣ କରିବା ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ଭଗବାନଙ୍କ ସୃଷ୍ଟିରେ ସମସ୍ତ ଶିଶୁ ଭିନ୍ନ, ଅଦ୍ୱିତୀୟ ଓ ସ୍ୱତନ୍ତ୍ର ବୋଲି ବିବେଚନା କରି ଉପଯୁକ୍ତ ପରିବେଶ, ଶୃଙ୍ଖଳିତ ମାର୍ଗଦର୍ଶନ ଦ୍ୱାରା ସେମାନଙ୍କୁ ଗଢି ତୋଳିବା ପାଇଁ ମୁଖ୍ୟ ଅତିଥି, ପିତାମାତା, ଗୁରୁଜୀ ଗୁରୁମା ଓ ସମାଜକୁ ନିବେଦନ କରିଥିଲେ। ସଭାପତିଙ୍କ ଦ୍ୱାରା ସମାପ୍ତି ସୂଚକ ସାରାଂଶ ଅଭିଭାଷଣ ପ୍ରଦାନ ପରେ ଗତ ତା ୧୯.୧୧.୨୦୨୩ ରିଖରେ ସ୍ୱାମୀ ବିବେକାନନ୍ଦ ଲୋକସଂସଦ ରାଜ୍ୟଶାଖାର ଉତ୍କଳକଳା ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଚିତ୍ର କଳା ପ୍ରତିଯୋଗିତାର ବିଜେତାଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ବିବେକାନନ୍ଦ ଟ୍ରଫି ପ୍ରଦାନ କରିଥିଲେ। ଜୁନିଅର ବର୍ଗରେ ସରସ୍ୱତୀ ମହାରଣା, ଆଇ.ଏମ.ଏସ.ଟି, ବିଘ୍ନେଶ ବିଦ୍ୱାନ ପାଣି, ସରସ୍ୱତୀ ଶିଶୁ ମନ୍ଦିର, ପ୍ରକାଶ ପଡ଼ିଆମି, ବୁଟିଗୁଡ଼ା ଉ. ପ୍ରା. ବିଦ୍ୟାଳୟ ଓ ସିନିଅର ବର୍ଗରେ.ଜଗଦୀଶ କବାସି, ଲଭଲୀ ପଡ଼ିଆମି, ଜେ.ଏନ. ହାଇସ୍କୁଲ, ଏମ.ଭି-୭ ଓ ନବୀନ ଚନ୍ଦ୍ର ଖରା ସରସ୍ୱତୀ ଶିଶୁ ମନ୍ଦିର ମାଲକାନଗିରିଙ୍କୁ ବିଜେତା ଭାବେ ପୁରସ୍କୃତ କରାଯାଇଥିଲା। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଆଜୀବନ ସଦସ୍ୟ, ଯୁବ ସଂସଦର ସଂଯୋଜକ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

ଧର୍ମଶାଳା, ୧୩/୧ (ନି.ପ୍ର): ରାଜ୍ୟରେ କେହି ଦିବ୍ୟାଙ୍ଗ ଭାଇଭଉଣୀମାନେ ସରକାରୀ ସୁବିଧାରୁ ବଂଚିତ ହେବେ ନାହିଁ । ଯାହାକୁ ନେଇ ରାଜ୍ୟ ସରକାର ଏହାକୁ ଗୁରୁତ୍ୱ ଦେଉ ରାଜ୍ୟର ସମସ୍ତ ବ୍ଲକରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରର ଆୟୋଜନ କରୁଛନ୍ତି । ଏହିକ୍ରମରେ ଆଜି ଭିନ୍ନକ୍ଷମ ଦିବସ ଅବସରରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ପଂଚାୟତ ସମିତି ପକ୍ଷରୁ ମହାବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଧର୍ମଶାଳା ପଂଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥିଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ଏହି ଶିବିରରେ ପାଖାପାଖି ୩ଶହରୁ ଉର୍ଦ୍ଧ ଦିବ୍ୟାଙ୍ଗ ଭାଇଭଉଣୀମାନେ ଯୋଗ ଦେଇ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ସେମାନଙ୍କ ପ୍ରମାଣ ପତ୍ର ପାଇବା ପାଇଁ ଅଦେଦନ କରିଥିଲେ । ତାହା ସହିତ ପୂର୍ବରୁ ଯେଉଁ ମାନଙ୍କର ଡିଜିଟାଲ ପ୍ରମାଣ ପତ୍ର ନାହିଁ ସେମାନେ ଏହି ଶିବିରରେ ଅବେଦନ କରିପାରିବେ । ପ୍ରମାଣ ପତ୍ର ନ ଥବବାରୁ ବହୁ ଯୋଗ୍ୟ ହିତାଧିକାରୀ ସରକାରୀ ସୁବଧାରୁ ବଂଚିତ ହେଉଥିଲେ । ଏନେଇ ପ୍ରଶାସନ ପକ୍ଷରୁ ୫ ଗୋଟି ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଯୋଗ ଦେଇଥିଲେ । ଚକ୍ଷୁ,କର୍ଣ୍ଣ ଓ ନାଶା ବିଭାଗ, ମେଡିସିନ ବିଭାଗ, ଅର୍ଥୋପେଡିକ ବିଭାଗ, ସ୍ନାୟୁ ଓ ମାନସିକ ରୋଗୀ ବିଭାଗର ଡାକ୍ତର ଯୋଗ ଦେଇ ଦିବ୍ୟାଙ୍ଗ ଭାଇଭଉଣୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏବଂ ତୁରନ୍ତ ସେମାନଙ୍କୁ ଡିଜିଟାଲ ପ୍ରମାଣ ପତ୍ର ଯୋଗାଇ ଦିଆ ଯିବ ବୋଲି ସୂଚନା ମିଳିଛି । ଧର୍ମଶାଳା ବ୍ଲକ ପ୍ରସାଶନ ପକ୍ଷରୁ ସୁପରିଚାଳନା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

# ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧୩/୧ (ନି.ପ୍ର): ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ପରେ ସ୍ଥିର ହେଲା ଯେ, ସାଧାରଣତନ୍ତ୍ର ଦିବସ ଦିନ ପ୍ରତ୍ୟୁଷ ୪.୩୦ ମିନିଟ୍ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ପୌରାଂଚଳରେ ରାମଧୂନ୍ ପ୍ରଚାର କରାଯିବ। ସକାଳ ୭.୩୦ମିନିଟ୍ ସମୟରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ, ବାଣିଜ୍ୟାନୁଷ୍ଠାନ ଓ ନିଜସ୍ୱ ଗୃହମାନଙ୍କରେ ଜାତୀୟ ପତାକା ଉତୋଳନ କରି ସନ୍ଧ୍ୟା ପୂର୍ବରୁ ସମ୍ମାନର ସହ ପତାକା ଅବତରଣ କରାଯିବ। ସକାଳ ୮.୩୦ମିନିଟ୍ ସମୟରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ ଠାରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ, ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ, ଅଭିଭାଷଣ ପ୍ରଦାନ କରାଯିବ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯିବ। ଏହି ସାଧାରଣତନ୍ତ୍ର ଦିବସ ଅବସରରେ ଜିଲ୍ଲା ଆରକ୍ଷୀ ବାହିନୀ ବ୍ୟାଣ୍ଡପାର୍ଟି ପରିବେଷଣ କରିବେ ଜାତୀୟ ସଙ୍ଗୀତ। ପ୍ରତିଯୋଗିତାର ଶ୍ରେଷ୍ଠ ୩ଟି ଦଳ, ଦଳଗତ ଦେଶଭକ୍ତି ନୃତ୍ୟ ପରିବେଷଣ କରିବେ। ମୁଖ୍ୟଅତିଥି ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧିତ କରିବା ପରେ କଏଦୀମାନଙ୍କୁ ମିଷ୍ଟାନ୍ନ ବଂଟନ କରିବା ପାଇଁ ଯିବେ ଏବଂ ପରେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନ୍ତେବାସୀ ରୋଗୀମାନଙ୍କୁ ଫଳ ବଂଟନ କରିବେ। ଜିଲ୍ଲା ଶିକ୍ଷାଧିକାରୀ ସ୍କୁଲ୍ କଲେଜ୍ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ଦେଶଭକ୍ତି ସଙ୍ଗୀତ ଓ ଚିତ୍ରକଳା ପ୍ରତିଯୋଗିତା କରାଇବେ। ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଇବା ପାଇଁ ସମଗ୍ର ଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଜିଲ୍ଲାର ବିଭିନ୍ନ ବିଭାଗ ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ ଓ ଜନ କଲ୍ୟାଣକାରୀ ଯୋଜନାକୁ ପ୍ରଜ୍ଞାପନ ମେଢ଼ରେ ପ୍ରଦର୍ଶିତ କରାଇବେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ପ୍ୟାରେଡ୍‌ରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ଟ୍ରଫିର ପ୍ରାୟୋଜକ ହେଉଛନ୍ତି ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ବ୍ୟାଙ୍କ୍ ଅଫ୍ ବରୋଦା, ୟୁନିଅନ୍ ବ୍ୟାଙ୍କ, କେନ୍ଦ୍ରାପଡ଼ା ଅର୍ବାନ୍ କୋପରେଟିଭ୍ ବ୍ୟାଙ୍କ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ବୈଠକରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଆର୍‌ଟିଓ ଧୀରେନ୍ଦ୍ର କୁମାର ନାୟକ, ଡକ୍ଟର ପିକେ ପ୍ରହରାଜ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ରଂଜିତ ଦାସ, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଆଜାମୁଦ୍ଦିନ୍ ଖାନ୍, ଆର୍‌ଆଇ ପ୍ରସାନ୍ତ କୁମାର ରଣସିଂହ, ଜିଲ୍ଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ରମଣ କୁମାର ଦାଶ, ଅଗ୍ନିଶମ ବିଭାଗର ଶଶିଶେଖର ପଣ୍ଡା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୁପାଲି ପ୍ରିୟଦର୍ଶନୀ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ କଲେଜ ଓ ସ୍କୁଲର ଶିକ୍ଷକ/ଶିକ୍ଷୟତ୍ରୀ ପ୍ରମୂଖ ଏହି ପ୍ରସ୍ତୁତି ବୈଠକରେ ଯୋଗ ଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ଜୀବନ ବଂଚାଇଲେ ଯୁବ କୁଲୁଟା ସମାଜ ସଦସ୍ୟ

ବଲାଙ୍ଗିର , ୧୩/୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ୍ ପିପିଲି ଗ୍ରାମର ରକୁମନୀ ଗଡତ୍ୟା ବଲାଙ୍ଗୀର୍ ର ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସିତ ହେଉଛନ୍ତି । ସର୍ଜରୀ ପାଇଁ ଡକ୍ଟର ତାଙ୍କୁ ରକ୍ତ ଯୋଗାଡ଼ କରିବାକୁ ପରାମର୍ଶ ଦେଇଥିଲେ । ତକ୍ଷଙ୍କ ପୁତ୍ର ଧୀରେନ ଗଡତ୍ୟା ରକ୍ତ ପାଇଁ ବଲାଙ୍ଗୀର ଜିଲ୍ଲା ଯୁବ କୁଲୁଟା ସମାଜକୁ ସହଯୋଗ ମାଗିଥିଲେ । ଖବର ପାଇବା ମାତ୍ରେ ବଲାଙ୍ଗୀର ଜିଲ୍ଲା ଯୁବ କୁଲୁଟା ସମାଜ ସଭାପତି ତଥା ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ଅସୀମ କୁମାର୍ ଭୋଇଙ୍କ ନେତୃତ୍ୱରେ ଦେଓଗାଁ ବ୍ଲକ୍ ସହ ସମ୍ପାଦକ ରମେଶ ନାୟକ୍ ୨୭ କିମି ଦୂରରୁ ଆସି ଭୀମ ଭୋଇ ମେଡିକାଲ ହସ୍ପିଟାଲ ରକ୍ତ ଭଣ୍ଡାର ରେ ରକ୍ତଦାନ କରିଥିଲେ । ଯୁବ ସଂଗଠନର ଏଭଲୀ ସେବା ମୂଳକ କାର୍ଯ୍ୟ କ୍ରମ କୁ ବିଭିନ୍ନ ମହଲରେ ପ୍ରଶଂସା କରା ଯାଉଥିବା ଦେଖିବାକୁ ମିଳୁଛି ।

# କବାଡିରେ ବାଲିପାଟଣା ଏବଂ ଖୋ-ଖୋରେ ଜଟଣୀ ବ୍ଲକ ଚମ୍ପିୟାନ

ଖୋର୍ଦ୍ଧା, ୧୩/୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ବେଟୀ ବଚାଓ ବେଟୀ ପଢାଓ ଏବଂ ରାଜ୍ୟ ସରକାରଙ୍କ ବିଜୁ କନ୍ୟା ରତ୍ନ ଯୋଜନା କେବଳ ଝିଅ ମାନଙ୍କୁ ଆଗକୁ ବଢିବା ପାଇଁ ପ୍ରୋତ୍ସାହିତ କରାଯାଉଛି। ତେବେ ଏହି ପରିପ୍ରେକ୍ଷୀରେ ଆଜି ଖୋର୍ଦ୍ଧା ଜିଲ୍ଲାର ୧୦ ଗୋଟି ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଝିଅ ମାନଙ୍କୁ ନେଇ ଖୋର୍ଦ୍ଧା ଷ୍ଟାଡିୟମରେ ଖୋ-ଖୋ ଏବଂ କବାଡି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା ପକ୍ଷରୁ ଏହି ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗୀତାକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ବାଣୀଶ୍ରୀ ପଟ୍ଟନାୟକ ଅନୁଷ୍ଠାନିକ ଭାବରେ ଉଦଘାଟନ କରିବା ସହିତ ଝିଅ ମାନେ କିପରି ସେମାନକ ଜୀବନ ଯୁଦ୍ଧରେ ଆଗକୁ ବଢି ସଫଳତା ଲାଭ କରିବା ଉପରେ ମନ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏହି ପ୍ରତିଯୋଗୀତାକୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପି ଇ ଟି ଶିକ୍ଷକ ସୂଚାରୁ ରୂପେ ପରିଚାଳନା କରିଥିଲେ । କବାଡି ପ୍ରତିଯୋଗିତାରେ ବାଲିପାଟଣା ଖୋର୍ଦ୍ଧା ବ୍ଲକକୁ ହରାଇ ଚମ୍ପିୟାନ ହୋଇଥିବା ବେଳେ ଖୋ-ଖୋ ରେ ଜଟଣୀ ଖୋର୍ଦ୍ଧାକୁ ହରାଇ ଚମ୍ପିୟାନ ହୋଇଛନ୍ତି। ଅପରାହ୍ନରେ ଏହି ପ୍ରତିଯୋଗିତାର ଉଦଯାପାନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିଶୁ ମଙ୍ଗଳ ସମିତିର ସଭ୍ୟ ବ୍ରଜ କିଶୋର ମହାପାତ୍ର, ଖୋର୍ଦ୍ଧାର ବରିଷ୍ଠ ପି ଇ ଟି ଶିକ୍ଷକ ଭାଗିରଥ ଜେନା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପ୍ରୋବୋସନ ଅଫିସର ସୌମେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ବାଲିପାଟଣା ଏବଂ ଜଟଣୀ ବ୍ଲକ ର ପିଲାମାନଙ୍କୁ ଟ୍ରଫି ଏବଂ ପ୍ରମାଣପତ୍ର ପତ୍ର ପ୍ରଦାନ କରିଥିଲେ । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ କନ୍ୟା ମାନଙ୍କୁ ମଧ ଅଂଶଗ୍ରହଣ ପ୍ରମାଣପତ୍ର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତା ରଞ୍ଜନ କୁମାର ଗୋଛାୟତ ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାକୁ ଜିଲ୍ଲା ଶଚିନ୍ଦ୍ରନ ଚିନ୍ଦ୍ରନାଥ ସାହୁ, ସୁକାନ୍ତ କୁମାର ପୃଷ୍ଟି, ଅଶୋକ କୁମାର ସେଠି, ରତାଞ୍ଜଳି ମହାନ୍ତି ପରିଚାଳନା କରିଥିଲେ । ୟୁନିଟ ପରାମର୍ଶଦାତ୍ରୀ ମନସ୍ୱିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୀରେ ଲୋକକଳା ସମ୍ପର୍କିତ କର୍ମଶାଳା

ପୁରୀ, ୧୩/୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳା ସମ୍ପର୍କିତ ଏକ ଦିବସୀୟ କର୍ମଶାଳା ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପୁରୀର ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ସରକାରଙ୍କ ବିଭିନ୍ନ ଲୋକକଲ୍ୟାଣ ଯୋଜନା ସଂପର୍କରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ପରିବହନ ଅଧିକାରୀ ରବୀନ ପଟ୍ଟନାୟକ, ଲିଡ୍ ବ୍ୟାଙ୍କ ର ଜିଲ୍ଲା ଅଧିକାରୀ କିଶୋର କୁମାର ଆଚାର୍ଯ୍ୟ ଓ ଜିଲ୍ଲା କଳାକାର ମଂଚର ଉପସଭାପତି ବସନ୍ତ ପ୍ରଧାନ ଲୋକକଳା ପରିବେଷଣ ସଂପର୍କରେ କଳାକାରମାନଙ୍କୁ ତାଲିମ ଦେଇଥିଲେ।

# ବିବେକାନନ୍ଦ ଜୟନ୍ତୀ ଓ ଯୁବ ଦିବସ ପାଳିତ

ନୂଆପଡ଼ା, ୧୩/୧ (ନି.ପ୍ର): ଖଡ଼ିଆଳ ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଠାରେ ଜାତୀୟ ସେବା ଯୋଜନା ଓ ରେଡକ୍ରସ୍ ତରଫରୁ ଶୁକ୍ରବାର ବିବେକାନନ୍ଦ ଜୟନ୍ତୀ ଓ ଯୁବ ଦିବସ ପାଳିତ ହୋଇଯାଇଛି । ଆଦର୍ଶ ସ୍ନାତକ ମହବିଦ୍ୟାଳୟର ଅଧକ୍ଷ ଡଃ ଅକ୍ଷୟ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ କଲେଜ ଅଧକ୍ଷ ମେଜର ଡଃ. ରାମଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରଫେସର୍ ଭୁବନେଶ୍ୱର ମୁଦୁଲି ଯୋଗ ଦେଇ ବିବେକାନନ୍ଦଙ୍କ ଆଦର୍ଶ ଓ ଯୁବ ସମାଜର ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ସ୍ମାର୍ଟ କ୍ଲାସ ଉଦ୍ଘାଟନ କରିଥିଲେ । ଭାଷଣ ପ୍ରତିଯୋଗିତା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏନଏସଏସ ଅଧିକାରୀ ସୁରେନ୍ଦ୍ର କଲେଟ ମଂଚ ପରିଚାଳନା କରିଥିବା ବେଳେ ରେଡକ୍ରସ ଅଧିକାରୀ ଅବିନାଶ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମଧବିଦ୍ୟାଳୟର ଅଧାପକ ଅଧାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ସେହିପରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖଡ଼ିଆଳ ଠାରେ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଶିକ୍ଷୟତ୍ରୀ ଗୀତାରାଣି ଯୋଶୀ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟର ଗୁରୁମା ଅଞ୍ଜଳି ବନଛୋର ଶିଶୁ ମାନଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ କହିଥିଲେ। ସୌମ୍ୟ ରଞ୍ଜନ ବିଶି ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୃଦ୍ଧା ମାଆ ଭରସାରେ କ୍ୟାନସର ପୀଡ଼ିତ ପୁଅ

ନୂଆପଡ଼ା, ୧୩/୧ (ନି.ପ୍ର): ଜୀବନ କେବେ ଫୁଲ ପରି ସୁଗନ୍ଧିତ ତ କେତେବେଳେ କଣ୍ଟା ପରି ଯନ୍ତ୍ରଣା ଦାୟକ। ଏହି ଯେମିତି ପ୍ରିୟବ୍ରତଙ୍କ ଜୀବନ। ଦିନେ ମଂଚରେ ଅଭିନୟ କରି, ନାଟକ ନିର୍ଦ୍ଦେଶନା ଦେଇ ପ୍ରଶଂସା ସାଉଁଟୁ ଥିବା, କବିତା ପଢ଼ି କରତାଳି ପାଉଥିବା ମଣିଷ ଆଜି ନୀରବ ପାଲଟି ଯାଇଛି। ଏତେ ବଡ଼ ଦୁନିଆରେ ସାହା କହିଲେ ବୃଦ୍ଧା ମାଆ। ନୂଆପଡ଼ା ଜିଲା ବୋଡ଼େନ ବ୍ଲକର କରଙ୍ଗାମାଲ ଗାଆଁ। ଏହି ଗାଁର ପ୍ରିୟବ୍ରତ ପଣ୍ଡା ଓରଫ ଛୋଟୁ ପଣ୍ଡା, ବୟସ ୪୧ ବର୍ଷ ଏବେ ମରି ମରି ବଂଚୁଛନ୍ତି। ଦୁରାରୋଗ୍ୟ କ୍ୟାନସର ପ୍ରତି ମୁହୂର୍ତରେ କଲବଲ କରି ତାଙ୍କୁ ମାରୁଛି। ବାପା ବିଘ୍ନରାଜ ପଣ୍ଡା ୧୯୯୬ ରେ ମୃତ୍ୟୁବରଣ କରିଥିବା ବେଳେ ବୃଦ୍ଧା ମାଆ ସରସ୍ୱତୀ ପଣ୍ଡାଙ୍କ ଭରସାରେ ବଂଚିଛନ୍ତି ପ୍ରିୟବ୍ରତ। ପ୍ରିୟବ୍ରତଙ୍କ ଶିକ୍ଷାଗତ ଯୋଗ୍ୟତା ଏମଏ (ହିନ୍ଦୀ) ବି ଇ ଡି। ସେ ଜଣେ ଭଲ ଅଭିନେତା ସହ ନାଟ୍ୟ ନିର୍ଦ୍ଦେଶନା ଦେଉଥିଲେ। ବିଭିନ୍ନ ସାହିତ୍ୟ ଆସରରେ କବିତା ପଢ଼ି ଶ୍ରୋତାଙ୍କ ମନ କିଣି ନେଉଥିଲେ। ସେଥିପାଇଁ ଅନେକ ପୁରସ୍କାର ମଧ ପାଇଛନ୍ତି, ଏବେ କିନ୍ତୁ ତାହା ସବୁ ଇତିହାସ ହୋଇ ଗଲାଣି। ଦିନେ ସଉକିରେ ଖାଉଥିବା ଗୁଟଖା ତାଙ୍କ ପାଇଁ କାଳ ସାଜିଲା। ୨୦୧୪ ରେ ତାଙ୍କ ପାଟି ଭିତରେ ଛୋଟିଆ ଘା ଟିଏ ଦେଖାଦେଲା। ପରୀକ୍ଷା ପରେ ତାହା କ୍ୟାନସର ବୋଲି ଜଣାପଡିଲା। କର୍ଣ୍ଣାଟକ ଓ ରାଜସ୍ଥାନର ଆୟୁର୍ବେଦିକ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ସେ ଆରୋଗ୍ୟ ଲାଭ କରିଥିଲେ। ଓଏସଟିଏଫରୁ ତାଙ୍କୁ ସହଯୋଗ ମଧ ମିଳିଥିଲା। ସ୍ୱାଭାବିକ ଜୀବନ ଜିଉଁଥିବା ପ୍ରିୟବ୍ରତଙ୍କ ଭାଗ୍ୟରେ ବୋଧହୁଏ ସୁଖ ଲେଖା ନଥିଲା। ୨୦୧୯ ମସିହାରେ ସେ ବାଇକ ଦୁର୍ଘଟଣାର ଶୀକାର ହୋଇଥିଲେ। ବାଇକ୍ ଚଲାଇବା ସମୟରେ ସବୁବେଳେ ହେଲମେଟ ପିନ୍ଧିଥିବା ପ୍ରିୟ ଦୁର୍ଘଟଣାର କିଛି ସମୟ ପୂର୍ବରୁ ହେଲମେଟ ଖୋଲି ଦେଇଥିଲେ। ଏହା ହିଁ ତାଙ୍କ ପାଇଁ କାଳ ସାଜିଲା। ଦୁର୍ଘଟଣାରେ ତାଙ୍କ ମୁହଁରେ ଗୁରୁତର ଆଘାତ ହେଲା। କରୋନା କଟକଣା ଯୋଗୁଁ ସେ ଚିକିତ୍ସା ପାଇଁ ଯାଇ ପାରିଲେ ନାହିଁ । ୨୦୨୦ ଜୁଲାଇ କୋଡ଼ିଏ ତାରିଖରେ ତାଙ୍କ କ୍ୟାନସର ବଢ଼ି ଯାଇଥିବା କହି ରାୟପୁରର ବାଲକୋ ହସ୍ପିଟାଲରେ ଜିଭ ଓ ଖାଦ୍ୟ ନଳୀ କାଟି ଦିଆଯାଇଥିଲା । ସେହିଦିନ ଠାରୁ ସେ ଆଉ ପାଟିରେ ଖାଇ ପାରୁ ନାହାନ୍ତି। ତାଙ୍କୁ ନାକରେ ନଳୀ ଲଗାଇ ତରଳ ଖାଦ୍ୟ ଦିଆଯାଉଛି। ସେ ଠାରନାର କରି କଥା ହେଉଥିବା ବେଳେ ତାଙ୍କ ମାଆ ହିଁ ତାହା ବୁଝି ପାରନ୍ତି। ସାଙ୍ଗ ସାଥୀ ଆସିଲେ ଲେଖିକି କାଗଜରେ ନିଜ କଥା ଜଣାନ୍ତି । ଏବେ ଦୃଷ୍ଟି ଶକ୍ତି ମଧ କମି ଆସିଲାଣି। ମାଆ ସରସ୍ୱତୀ ବୃଦ୍ଧା ବୟସରେ ଯୁବକ ପୁଅର ସ୍ନାନ ଶୌଚ ଠାରୁ ସବୁ କର୍ମ କରୁଛନ୍ତି। ହେଲେ ସେ ଏବେ ପାଚିଲା ପତର, କେତେବେଳେ ହୁଏତ ଝଡି ପଡ଼ିବେ। ତାଙ୍କ ପରେ ପୁଅ କଥା କିଏ ବୁଝିବ ଏଇ ଚିନ୍ତାରେ ଆଖିରେ ନିଦ ନାହିଁ କି ପେଟରେ ଭୋକ ନାହିଁ। ପ୍ରିୟବ୍ରତଙ୍କ ଔଷଧ ଖର୍ଚ୍ଚ ପାଇଁ ପ୍ରତି ମାସରେ ଦଶ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୁଏ। କେବେ କେବେ ସ୍ୱାସ୍ଥ୍ୟ ଖରାପ ହେଲେ ଗାଡ଼ି ଭଡ଼ା କରି ରାୟପୁର ନେବାକୁ ପଡେ। ସେହି ମାସରେ କୋଡ଼ିଏ ହଜାର ଟଙ୍କା ଖର୍ଚ୍ଚ ହୋଇଯାଏ। ତାଙ୍କ ପାଖରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ୍ କାର୍ଡ ଥିଲେ ମଧ ତାହାର ଫାଇଦା ମିଳୁନି। ପୂର୍ବରୁ ଦୁଇ ଏକର ଜମି ବିକି ପୁଅର ଚିକିତ୍ସା କରାଇଥିବା ମାଆ ସରସ୍ୱତୀ ଏବେ ପୁଣି ୭୫ ଡିସିମିଲ ଜମି ବିକିଛନ୍ତି ଆବାସ ଯୋଜନାରେ ପାଇଥିବା ଘର ପାଖରେ ଆଉ ଖଣ୍ଡେ ଘର ତୋଳିବା ପାଇଁ କାରଣ ଗୋଟିଏ କୋଠରୀ ଘରରେ ମାଆ ପୁଅ ରହିବା ପାଇଁ ଅସୁବିଧା ହେଉଛି। ପ୍ରିୟ ଓ ତାଙ୍କ ମାଆଙ୍କୁ ପ୍ରତିମାସରେ ସାତ ଶହ ଟଙ୍କା ଲେଖାଏଁ ଭତା ମିଳେ। ମାସିକ ମିଳୁଥିବା ୩୫ କିଲୋଗ୍ରାମ ଚାଉଳ ଓ ଏହି ଭତା ଟଙ୍କା ତାଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ପରି। ତାଙ୍କ ପରିବାର କ୍ଷୁଦ୍ର ଚାଷୀ ହେଲେ ମଧ କାଳିଆ ଯୋଜନା କିମ୍ବା ପ୍ରଧାନମନ୍ତ୍ରୀ କିସାନ ଯୋଜନାରେ ସାମିଲ ହୋଇ ପାରି ନାହାନ୍ତି। କେବେ କେବେ ସମ୍ପର୍କୀୟଙ୍କ ସହଯୋଗରେ ବଂଚିବାକୁ ପଡେ। ପୁଅର ଔଷଧ ଖର୍ଚ୍ଚ ସହ ସରକାରୀ ସହଯୋଗ ପାଇଁ ସେ ସରକାରଙ୍କୁ ନିବେଦନ କରିଛନ୍ତି। ଏନେଇ ବୋଡ଼େନ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍ ଚାର୍ଜ ଡାକ୍ତର ସଂଜୀବ କୁମାର ନାଏକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ମାଗଣା ଔଷଧର ବ୍ୟବସ୍ଥା କରିବେ ବୋଲି କହିଥିଲେ। ବୋଡ଼େନ ବିଡ଼ିଓ ପ୍ରିୟରଞ୍ଜନ କୁମାର ତାଙ୍କୁ ସରକାରୀ ସହାୟତା ପାଇଁ ଜିଲ୍ଲାପାଳଙ୍କୁ ଜଣାଇବେ ବୋଲି କହିଛନ୍ତି। ଦେଖାଯାଉ ସେମାନେ ତାଙ୍କ ପ୍ରତିଶ୍ରୁତି କେବେ ରଖୁଛନ୍ତି। ଗୁଟଖା ବର୍ତମାନର ଯୁବ ପୀଢ଼ି ପାଇଁ ମରଣ ଯନ୍ତା ପାଲଟିଥିବା ବେଳେ ସରକାର ଏହାର ବିକ୍ରି ଉପରେ କଟକଣା ଲାଗୁ କରି ପାରୁ ନାହାନ୍ତି। ଫଳରେ ଏହା ମୁଖ କ୍ୟାନସର ପରି ମାରାତ୍ମକ ବ୍ୟାଧିରେ ଲୋକଙ୍କୁ ସଂକ୍ରମିତ କରୁଛି। ଯାହାର ପ୍ରକୃଷ୍ଟ ଉଦାହରଣ ହେଲେ ପ୍ରିୟବ୍ରତ। ବେଳ ହୁଁ ସତର୍କ ନହେଲେ ଦିନେ ଏହା ଅନେକ ପରିବାରର ଆର୍ଥିକ ଦୁଃସ୍ଥିତିର କାରଣ ପାଲଟିବ।

# ଦଳିତ ଏକତା ରଥ ଓ ସମ୍ବିଧାନ ରଥକୁ ନୂଆପଡ଼ା ଜିଲ୍ଲାରେ ଭବ୍ୟ ସ୍ୱାଗତ

ନୂଆପଡ଼ା, ୧୩/୧ (ନି.ପ୍ର): ଦଳିତ ଏକତା ଓ ସମ୍ବିଧାନ ସୁରକ୍ଷା ରଥ ଆଜି ନୂଆପଡା ଜିଲାର ମୁଖଶାଳା ତୁକଲା ଗ୍ରାମ ଠାରେ ଭବ୍ୟ ସ୍ୱାଗତ କରାଯାଇଛି । ଶହଶହ ମହିଳା ଓ ପୁରୁଷଙ୍କ ସମାବେଶ ହୋଇଥିଲା । ଏଥିରେ ବିଶେଷ କରି ମହିଳା ମାନେ ଫୁଲ ଚନ୍ଦନ ଦେଇ ହୁଳହୁଳି ଶବ୍ଦରେ ପ୍ରକମ୍ପିତ କରିଥିଲେ । ଶହଶହ ବାଇକରେ ଦଳିତ ଯୁବକ ମାନେ ଏକ ବିରାଟ ଶୋଭାଯାତ୍ରାରେ ସମ୍ବିଧାନ ସୁରକ୍ଷା ରଥକୁ ସ୍ୱାଗତ କରି ଖଡିଆଳରେ ପହଂଚିଥିଲେ । ଖଡିଆଳ ପହଂଚିବା ପରେ ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ । ରଥାରୋହଣ କରି ଆସିଥିବା ଓଡ଼ିଶା କେଉଁଟ, କୈବର୍ତ୍ତ ଓ ଧୀବର ହଟାଓ କ୍ରିୟାନୁଷ୍ଠାନ କମିଟିର ଆବାହକ ଡିଙ୍ଗର କୁମ୍ଭାର ଏହି ରଥ ଗଡିବାର ଆଭିମୁଖ୍ୟକୁ ପ୍ରାଞ୍ଜଳ ଭାବରେ ଉପସ୍ଥିତ ଦଳିତ ବନ୍ଧୁ ମାନଙ୍କୁ ବୁଝାଇଥିଲେ । ଆୟୋଜକ କମିଟିର ପୁରୁଧା ତଥା ନୂଆପଡ଼ା ଜିଲା ଡମଗଣା ସମାଜର ପ୍ରତିଷ୍ଠାତା ସଭାପତି ଫକୀର ମୋହନ ଜଗତ କେଉଁଟ କୈବର୍ତ୍ତ ଧୀବର ମାନଙ୍କୁ ନକଲି ଏସ.ସି. ବୋଲି ବର୍ଣ୍ଣନା କରିଥିଲେ । ସମ୍ବିଧାନର ଅନୁଚ୍ଛେଦ ୩୪୧ ଅନୁସାରେ ଯେଉଁ ମାନେ ସମାଜର ଅସ୍ପୃଶ୍ୟ ବର୍ଗର ଜାତି ସେମାନଙ୍କୁ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବା ପରିବର୍ତ୍ତେ ଓବିଶି ବର୍ଗର କେଉଁଟ, କୈବର୍ତ୍ତ, ଧୀବର ଜାତିକୁ ଅସମ୍ବିଧାନିକ ଭାବେ ଏସ.ସି. ଲିଷ୍ଟରେ ଯୋଡ଼ି ଦିଆଯାଇ ୨୦୦୨ ମସିହାରୁ ଅନୁସୂଚିତ ଜାତି ମାନଙ୍କୁ ସଂରକ୍ଷଣ ବ୍ୟବସ୍ଥା କୁ ହଡପ କରି ଅଧାରୁ ଅଧିକ ପୋଷ୍ଟ , ଚାକିରୀ, ଶିକ୍ଷା, ରାଜନୀତି ଓ ଅନ୍ୟାନ୍ୟ ସଂସ୍ଥାରେ ଛଡାଇ ନିଆଯାଉଛି । ଏଣୁ ଏହି ନକଲି ଜାତିକୁ ବହିଷ୍କାର ନକଲେ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ସରକାରଙ୍କ ବିରୁଦ୍ଧ ରେ ଓଡ଼ିଶାର ସମଗ୍ର ଅନୁସୂଚିତ ଜାତି ମତଦାନ କରିବେ ବୋଲି ଶ୍ରୀ ଜଗତ ଚେତାବନୀ ଦେଇଛନ୍ତି ।

# ମନ୍ମଥନାଥ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ

ପଟ୍ଟାମୁଣ୍ଡାଇ, ୧୩/୧ (ନି.ପ୍ର): ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଆଜି ମନ୍ମଥନାଥ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ଖୁବ ଧୂମ୍‌ଧାମ୍‌ରେ ପାଳନ କରାଗଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୟୁଥ ଆଣ୍ଡ ଇକୋ କ୍ଲବ ତରଫରୁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ସଭା କାର୍ଯ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରାଯାଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଗଗନ ବିହାରୀ ସୂତାର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟର ସାରଦା ଭାଇ ଯୋଗ ଦେଇଥିଲେ। ସଭାର ଆରମ୍ଭରେ ଏନ୍‌ସିସି ଅଫିସର ସରୋଜ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ପରେ ପରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ବୋଲା ଯାଇଥିଲା। ଶିକ୍ଷୟତ୍ରୀ ଅନିତା ଧଳ ଅତିଥି ପରିଚୟ ଦେଇଥିଲେ। ତାପସ କୁମାର ବେହେରା ସ୍ୱାମୀଜୀଙ୍କ ଉପରେ କୁଇଜ୍ ପ୍ରତିଯୋଗିତା କରିଥିଲେ ଓ ପ୍ରତେକ ସଠିକ ଉତର ପାଇଁ ଗୋଟେ ଗୋଟେ ଶ୍ରୀମଦ ଭାଗବତ ଗୀତା ଓ ଶ୍ରୀ ହନୁମାନ ଚାଳିଶା ପିଲାଙ୍କୁ ଦିଆ ଯାଇଥିଲା। ଏହି କାର୍ଯ୍ୟରେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସେମାନେ ହେଲେ ଅଶୋକ କୁମାର ଦାସ, ସୁଜୟ କୁମାର ରାଉତରାୟ, ଗୋମତି ସ୍ୱାଇଁ, ଜ୍ୟୋତିଲକ୍ଷ୍ମୀ ବେହେରା, ମାନସୀ ମହାନ୍ତି, ଶୈଳବାଳା ଆଚାର୍ଯ୍ୟ, ସଂଧ୍ୟାରାଣୀ ପାଣିଗ୍ରାହୀ, ତାପସ୍ୱିନୀ ମଲ୍ଲିକ, ବିନୋଦ ନାଥ, ସ୍ମିତାପ୍ରଜ୍ଞା ରାଉତ। ବିଦ୍ୟାଳୟର ଶିକ୍ଷୟୀତ୍ରି ସସ୍ମିତା ସିଂ ସଭା କାର୍ଯ୍ୟକୁ ଉତମ ରୂପେ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ଶଶାଙ୍କ ଶେଖର ସାହୁ ଶୃଙ୍ଖଳା ଦାୟୀତ୍ୱରେ ଥିଲେ ଓ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ସ୍ୱର୍ଣ୍ଣମୟୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପରେ ସଭାପତି ସଭାକାର୍ଯ୍ୟକୁ ଶେଷ କରିଥିଲେ।

# ଜାତୀୟ ଯୁବ ଦିବସରେ ବଲାଙ୍ଗିର ଗାୟତ୍ରୀ ପରିବାର ପକ୍ଷରୁ ବ୍ୟସନ ମୁକ୍ତ ସାମାଜ ଗଠନ ପାଇଁ ସଚେତନତା ଶୋଭାଯାତ୍ରା

ବଲାଙ୍ଗିର, ୧୩/୧ (ନି.ପ୍ର): ବ୍ୟସନ ମୁକ୍ତ ସାମାଜ ଗଠନ ଦିଗରେ ଆମର ଯୁବ ସାମାଜ କୁ ନିଶା ଗ୍ରହଣ ରେ ହେଉଥିବା ବିଭିନ୍ନ ପୋଷ୍ଟର ପ୍ଲେ କାର୍ଡ ନେଇ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଜାତୀୟ ଯୁବ ଦିବସରେ ଗାୟତ୍ରୀ ପରିବାର ବଲାଙ୍ଗିର ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଥିଲା। ଆଜି ଅପରାହ୍ନ ୩ଟାରୁ ଗୋପାଳଜୀ ମନ୍ଦିର ପରିସରରେ ଥିବା ଗାୟତ୍ରୀ ଶକ୍ତି ପୀଠ ରୁ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିକୃତିରେ ଦୀପ ପ୍ରଜ୍ୱଳନ ପରେ ବଲାଙ୍ଗିର ଜିଲ୍ଲା ସଂଯୋଜକ ସତ୍ୟନାରାୟଣ ଗୁପ୍ତାଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ଅଂଚଳ ଏଥିରେ କୁଡାସିଂହା ପ୍ରଜ୍ଞାପିଠ ପରିଜନ ବୃନ୍ଦ, ପୁଇଁତଳା ବ୍ଲକ, ବଲାଙ୍ଗିର ବ୍ଲକ, ଦେଓଗାଁ ବ୍ଲକ ବଲାଙ୍ଗିର ନଗରରୁ ଆସିଥିବା ପରିଜନ ମହିଳା ସଦସ୍ୟ, ଯୁବା ବାହିନୀ ସଦସ୍ୟ ମାନେ ସହର ମଧ୍ୟରେ ଯାଇ ସମଲେଇଶ୍ୱରୀ ମନ୍ଦିର, ଦୈନିକ ବଜାର, ଟିକରାପଡ଼ା, କଳାମଣ୍ଡଳ ପୁରୁଣା ସରକାରୀ ଓ ଘରୋଇ ବସଷ୍ଟାଣ୍ଡ ହୋଇ ସଂସ୍ଥାର ପ୍ରସ୍ତୁତ ବିଭିନ୍ନ ପୁସ୍ତକ ପ୍ରଚାର ପତ୍ର ରାସ୍ତାରେ ବିଭିନ୍ନ ଲୋକଙ୍କୁ ବଣ୍ଟନ କରିଥିଲେ । ବିଭିନ୍ନ ସ୍ଥାନରେ ନିଶା, ପାନ, ବିଡି, ଗୁଟଖା ଦ୍ୱାରା ଦେଉଥିବା କୁପରିଣାମ ଉପରେ ଲୋକଙ୍କୁ ସଚେତନ କରିଥିଲେ। ଆମ ଦେଶରେ ଯୁବସମାଜର ବ୍ୟସନରେ ଅଭ୍ୟସ୍ତ ହୋଇ କୁପଥଗାମୀ ହେଉଥିବା ଉପରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ହରିଦ୍ୱାର ଆହ୍ୱାନରେ ସମଗ୍ର ଦେଶରେ ବ୍ୟସନ ମୁକ୍ତ ସ୍ୱର୍ଣ୍ଣିମ ଭାରତ ଗଠନ ଦିଗରେ ମହା ଅଭିଯାନ ଆରମ୍ଭ କରିଛି। ଏହି କ୍ରମରେ ବଲାଙ୍ଗିର ଗାୟତ୍ରୀ ପରିବାର ବର୍ଷ ତମାମ ବିଭିନ୍ନ ସଂସ୍କାର କାର୍ଯ୍ୟକ୍ରମ କରୁଛି। ଆଜିର ଦିନରେ ଯୁବା ଦିବସ ପାଳିତ କରି ଶୋଭାଯାତ୍ରା ମାଧମ ସଚେତନତା ସୃଷ୍ଟି ଦିଗରେ ପ୍ରୟାସ ରତ ହୋଇଥିଲା।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୪ ଜାନୁଆରୀ ୨୦୨୪
email :
rabibarachayan2015@gmail.com



## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୩୪
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ନଦୀର ଥଳକୂଳ ନପାଇ ଗୋଡ଼ଖସି ବ୍ୟକ୍ତି ମରିବା ସ୍ୱାଭାବିକ, ବ୍ୟାଘ୍ର, ଭଲ୍ଲୁକ ଆଦି ନଖୀ ପ୍ରାଣୀଙ୍କ ନଖାଘାତରେ ମୃତ୍ୟୁ ହେବା ନିଶ୍ଚିତ ହେଲେ ବି ତହିଁରୁ ବର୍ତ୍ତି ଯାଇହୁଏ ମାତ୍ର ନାରୀର ସ୍ନେହ, ପ୍ରେମରେ ଏମିତି ହଳାହଳ ପୂରି ରହିଛି ଯେ, ତହିଁରୁ ବର୍ତ୍ତିବା ପୁରୁଷ ପକ୍ଷରେ କେବେବି ସମ୍ଭବ ନୁହେଁ । ସେ ବିଶ୍ୱାସ ଯେତେବେଳେ ବିଷର ରୂପନିଏ...

ମହାରାଜ ଦଶରଥ! ତୁମେ ଏ କ'ଣ କହୁଛ ?

ଗୁରୁଦେବ ବଶିଷ୍ଠ ଏପରି ପ୍ରଶ୍ନ କରନ୍ତେ, ମୋ ଶଶୁର କହିଥିଲେ, ହଁ ଗୁରୁଦେବ, ମୁଁ ଯାହା କହୁଛି ଏହା ଅକ୍ଷରେ ଅକ୍ଷରେ ସତ୍ୟ । ତାହା ହୋଇ ନଥିଲେ ଆପଣଙ୍କ ଭଳି ସିଦ୍ଧପୁରୁଷ କେବେ କହି ନଥାନ୍ତେ, ମୃତ୍ୟୁ ପର୍ଯ୍ୟନ୍ତ ନାରୀଙ୍କୁ କେବେ ବିଶ୍ୱାସ କରିବ ନାହିଁ । ମୋର ତିନିରାଣୀଙ୍କ ମଧ୍ୟରୁ ଅତି ଆଦରଣୀୟା ଥିଲା କୈକେୟୀ । ସାରା ଅଯୋଧ୍ୟା ଜାଣନ୍ତି କୈକେୟୀ ମୋର ଏକାନ୍ତ ପ୍ରିୟ । ତା' ସ୍ନେହ, ପ୍ରେମ, ଶ୍ରଦ୍ଧାରେ ବାନ୍ଧି ହୋଇ ତାକୁ ଦୁଇଟି ବର ଦେବାପାଇଁ ମୁଁ ଶପଥ କରିଥିଲି । ସେହି ବର ଦୁଇଟି ସେ କାଲି ରାତିରେ ମୋଠୁଁ ମାଗିନେଲା । ସେ ବର ଦୁଇଟି କ'ଣ ଥିଲା ଜାଣନ୍ତି ଗୁରୁଦେବ, "ପ୍ରଥମ ବର ଥିଲା ମୋ ଜ୍ୟେଷ୍ଠପୁତ୍ର ରାମ ଚଉଦବର୍ଷ ପାଇଁ ଆଜିଠାରୁ ବନବାସ ଯିବ । ଆଉ ଦ୍ୱିତୀର ବର ଥିଲା ତା' ପୁତ୍ର ଭରତ ଅଯୋଧ୍ୟାର ରାଜା ହୋଇ ପ୍ରଜା ପାଳିବ ।" କଥା କହୁକହୁ ନିଜକୁ ଆଉ ସମ୍ଭାଳି ପାରି ନଥିଲେ ସେ। ଭୋ... ଭୋ... ହୋଇ କାନ୍ଦି ଲୋଟି ପଡ଼ିଥିଲେ ମହର୍ଷି ବଶିଷ୍ଠଙ୍କ ପାଦତଳେ ।

ସ୍ତବ୍ଧ ହୋଇଯାଇଥିଲା ଅଯୋଧ୍ୟାର ରାଜପ୍ରାସାଦ । ଚିତ୍ର ପିତୁଳା ତୁଲ୍ୟ ଛିଡ଼ା ହୋଇ ରହିଥିଲେ ହଜାର ହଜାର ଜନତା । କାହାରି ତୁଣ୍ଡରେ ଭାଷା ନାହିଁ । ସମସ୍ତେ ନିରବ । ମନେ ହେଉଥାଏ ଯେମିତି ସମସ୍ତଙ୍କ ପିଣ୍ଡରୁ ପ୍ରାଣ ଛାଡ଼ି ଯାଇଛି ।

ଏହି ସମୟରେ ମୋ ସ୍ୱାମୀ ହସ୍ତଯୋଡ଼ି ସମସ୍ତଙ୍କୁ ପ୍ରଣାମ ଜଣାଇ କହିଥିଲେ, ମୋ ପିତାଙ୍କ ପାଇଁ ମୁଁ ଆପଣଙ୍କ ଠାରୁ କ୍ଷମା ପ୍ରାର୍ଥନା କରୁଛି । ଆପଣ ମାନେ ମୋ ପିତାଙ୍କୁ କ୍ଷମାକରି ଦିଅନ୍ତୁ । ଆଜିର ଅଭିଷେକ ଉତ୍ସବ ହୋଇପାରିବ ନାହିଁ । ମୋ ପିତାଙ୍କ ସତ୍ୟରକ୍ଷା କରି ମୁଁ ଆଜିଠାରୁ ଚଉଦବର୍ଷ ପାଇଁ ବନଯାତ୍ରା କରିବି ।

ଅନ୍ୟାୟ ! ଅନ୍ୟାୟ ! ଏହା ଘୋର ଅନ୍ୟାୟ। ଅଯୋଧ୍ୟାର ପ୍ରଜାକୁଳ ଏ ପ୍ରକାରର ଅନ୍ୟାୟକୁ କଦାପି ସହ୍ୟ କରିବେ ନାହିଁ ।

ପ୍ରଜାମାନଙ୍କ କୋଳାହଳ ଶୁଣି ମୋ ସ୍ୱାମୀ ପୁଣି ନିବେଦନ କରି କହିଥିଲେ, "ହେ ମୋର ଅଯୋଧ୍ୟାର ପ୍ରିୟ ପ୍ରଜାକୁଳ । ତୁମେମାନେ କ'ଣ ଚାହଁ ମୋ ପିତା ସତ୍ୟଭ୍ରଷ୍ଟ ହୁଅନ୍ତୁ ? ମୁଁ ପୁତ୍ର ହୋଇ କ'ଣ ମୋ ପିତାଙ୍କ ସତ୍ୟ ପାଳନ କରିବି ନାହିଁ ? ଅଯୋଧ୍ୟା କ'ଣ ଅସତ୍ୟର ଭୂମି ପାଲଟିଯିବ ? ଏ ସତ୍ୟକୁ ଲଙ୍ଘନ କରି ମୁଁ କ'ଣ ରଘୁବଂଶରେ କଳଙ୍କ ଲଗାଇବି ?

ପରିବେଶକୁ ଶାନ୍ତ କରିଦେବା ପାଇଁ ମହର୍ଷି ବିଶ୍ୱାମିତ୍ର କହିଥିଲେ, ହେଁ ଅଯୋଧ୍ୟାର ପ୍ରଜାଗଣ, ଅଯୋଧ୍ୟାକୁ ନିମନ୍ତ୍ରିତ ହୋଇଥିବା ମୁନିଋଷି, ସାଧୁସନ୍ଥ, ରାଜାମହାରାଜା ସମସ୍ତଙ୍କୁ ମୁଁ ନିବେଦନ କରୁଛି, ସମସ୍ତେ ଶାନ୍ତ ହୋଇ ଯାଆନ୍ତୁ । ମହାରାଜ ଦଶରଥଙ୍କ ସଂଜ୍ଞା ଫେରିଆସୁ । ଆପଣମାନେ ସମସ୍ତେ ବିଶ୍ରାମ ନିଅନ୍ତୁ । କିଛିସମୟ ପରେ ଆମେ ବିଚାର କରି ଦେଖିବୁ, ଏ ପରିସ୍ଥିତିରେ କ'ଣ କରାଯାଇ ପାରିବ ? ଗୋଟାଏ ପଟରେ ରାଜ ସିଂହାସନ, ଅନ୍ୟପଟରେ ସତ୍ୟ, ଧର୍ମ, ନ୍ୟାୟ, ବଚନବଦ୍ଧତା, ଅଯୋଧ୍ୟାର ଭାଗ୍ୟାକାଶରେ ଯାହାଥିବ, ତାହାହିଁ ଘଟିବ । ତୁମେମାନେ ସବୁ ଧୈର୍ଯ୍ୟର ସହିତ ପ୍ରତୀକ୍ଷା କର ।

ମହର୍ଷି ବିଶ୍ୱାମିତ୍ରଙ୍କ ଆଶ୍ୱାସ ବଚନରେ କିଛିସମୟ ପାଇଁ ଶାନ୍ତ ହୋଇ ଯାଇଥିଲା ଅଯୋଧ୍ୟା ।

### ॥ ଆଠ ॥

ପ୍ରତୀକ୍ଷାର ଅନ୍ତ ହେଲା । ମୋ ଶଶୁର ମହାରାଜ ଦଶରଥ ହସ୍ତଯୋଡ଼ି ସମସ୍ତଙ୍କୁ ଅନୁରୋଧ କରି କହିଥିଲେ, ଆପଣମାନେ ମୋତେ କ୍ଷମା କରି ଦିଅନ୍ତୁ । ମୋ ବଚନ ମୁଁ ରକ୍ଷା କରିପାରୁନାହିଁ । ଆଜି ଏ ସ୍ଥାନରେ ଅନୁଷ୍ଠିତ ହୋଇଥାନ୍ତା ମୋ ଜ୍ୟେଷ୍ଠପୁତ୍ରର ଅଭିଷେକ ଉତ୍ସବ। ସେ ସ୍ଥାନରେ ପାଳିତ ହେବ ଶୋକସ୍ରୋବ । ପୁତ୍ର ମୋର ଆଜିଠାରୁ ଚଉଦବର୍ଷ ପାଇଁ ବନଯାତ୍ରା କରିବ । ଅଯୋଧ୍ୟାର ରାଜ ସିଂହାସନରେ ମୁଁ ମୋର ଦ୍ୱିତୀୟ ପୁତ୍ର ଭରତକୁ ବସାଇବି ।

ତାଙ୍କ କଥା ଶୁଣି ସେ ସ୍ଥାନରେ ଉପସ୍ଥିତ ଥିବା ଜନତା ଏହା କେବେ ସମ୍ଭବ ନୁହେଁ ବୋଲି କୁହନ୍ତେ, ମହର୍ଷି ବିଶ୍ୱାମିତ୍ର କହିଥିଲେ, ଆପଣମାନେ ବୁଝିବାକୁ ଚେଷ୍ଟା କରନ୍ତୁ । କେଉଁ ପରିସ୍ଥିତିରେ ପଡ଼ି ମହାରାଜ ଦଶରଥ ଏକଥା କହୁଛନ୍ତି । ସତ୍ୟ ପଥରେ ଗତିକରି, ସତ୍ୟାନୁବନ୍ଧିତ ରାଜା ଦଶରଥଙ୍କର ଆଉ କୌଣସି ଉପାୟ ନାହିଁ । ମହାରାଣୀ କୈକେୟୀଙ୍କୁ ସେ ବଚନ ଦେଇ ସାରିଛନ୍ତି । ଆପଣମାନେ ଗଣ୍ଡଗୋଳ ନକରି ... ।

ମହର୍ଷିଙ୍କୁ କଥା ସମାପ୍ତ କରିବାକୁ ନଦେଇ ଅଯୋଦ୍ଧାର ପ୍ରଜାକୁଳ କହିଥିଲେ, ସତ୍ୟ କରିଛନ୍ତି ଆମ ରାଜା ଦଶରଥ, ଆମେ ନୋହୁଁ । ଆମେ କିନ୍ତୁ ଯୁବରାଜ ରାମଚନ୍ଦ୍ରକୁ ଆଜି ଅଯୋଧ୍ୟାର ସିଂହାସନରେ ଅଭିଷିକ୍ତ କରାଇବୁ ।

ଏକଥା ଶୁଣି ମୋ ସ୍ୱାମୀ ଯୋଡ଼ହସ୍ତ ହୋଇ କହିଥିଲେ, "ହେ ଅଯୋଧ୍ୟାବାସୀ ! ଆପଣମାନେ ଜିଦ୍ କରନ୍ତୁ ନାହିଁ । ଆପଣମାନେ କାହାକୁ ସିଂହାସନରେ ବସାଇବେ ? ଏ ଅଯୋଗ୍ୟ ରାମକୁ ? ମୋ ଦ୍ୱାରା ଏହା ସମ୍ଭବ ନୁହେଁ । ମୁଁ ରଘୁବଂଶର ଦାୟାଦ । ଯେଉଁ ବଂଶ ସତ୍ୟ, ଶାନ୍ତି, ଦୟା, କ୍ଷମା, ତ୍ୟାଗ ଉପରେ ତିଷ୍ଠି ଆସିଛି ମୁଁ ତାକୁ ଅବମାନନା କରିବି କେମିତି ? ମହାରାଜ ଦଶରଥ ମୋର ପିତା । ମୋ ପିତା ସତ୍ୟ କରିଛନ୍ତି ଯେତେବେଳେ, ପିତୃ ସତ୍ୟ ରକ୍ଷାକରି ମୁଁ ବନଗମନ କରିବି । ଏହା ମୋର ତ୍ରିବାର ସତ୍ୟ। ଆଜି ଏହି ମୁହୂର୍ତ୍ତରେ, ସମସ୍ତ ଅଯୋଧ୍ୟାବାସୀଙ୍କ ଉପସ୍ଥିତିରେ, ଦଶରଥ ନନ୍ଦନ ରାମ ତ୍ରିବାର ସତ୍ୟ ସହ ଶପଥ ନେଇ କହୁଛି ଚଉଦବର୍ଷ ପାଇଁ ମୁଁ ବନଗମନ ପୂର୍ବକ ମୋ ପିତୃସତ୍ୟ ପାଳନ କରିବି।

ଆଶ୍ଚର୍ଯ୍ୟ ଅଯୋଧ୍ୟାବାସୀ, ଆମନ୍ତ୍ରିତ ଅତିଥି, ଆଶ୍ଚର୍ଯ୍ୟ ମୋ ଶଶୁର ଦଶରଥ ମୋର ଦୁଇ ଶାଶୁଙ୍କ ସହିତ କନିଷ୍ଠ ଲକ୍ଷ୍ମଣ । ଏ କ'ଣ କଲେ ରାଜକୁମାର ରାମଚନ୍ଦ୍ର । ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ସତରେ କ'ଣ ସେ ଅରଣ୍ୟ ଯାତ୍ରା କରିବେ ? ଖୁଣ୍ଟ ଭଳି ଛିଡ଼ା ହୋଇ ରହିଥାଏ ମୁଁ । ମୋ ବେନି ନୟନରୁ ଝରି ପଡୁଥାଏ ଧାରଧାର ଅଶ୍ରୁ । ମୁଖରୁ ବଚନ ସ୍ଫୁରୁ ନଥାଏ । ସ୍ୱାମୀ ଯଦି ମୋର ଅରଣ୍ୟ ଯାତ୍ରା କରିବେ, ମୁଁ କ'ଣ କରିବି ? ମୋତେ କ'ଣ ଅଯୋଧ୍ୟାରେ ଛାଡ଼ିଦେଇ ସେ ଏକାକୀ ବନଗମନ କରିବେ ? ମୁଁ ଏ ଅଯୋଧ୍ୟା ପୁରୀରେ ରହି କ'ଣ କରିବି ? ମନେମନେ ସିଦ୍ଧାନ୍ତ ନେଲି ସେ ଯଦି ବନଯାତ୍ରା କରିବେ ମୁଁ ମଧ୍ୟ ତାଙ୍କ ସହିତ ବଣକୁ ଯିବି ।

ମୋ ଦୁଇ ଶାଶୁ ମୋତେ କୁଣ୍ଢାଇ ଧରି ଭୋ ଭୋ ହୋଇ କାନ୍ଦୁଥାନ୍ତି । ଅଯୋଧ୍ୟା ରାଜବାଟୀର ସମସ୍ତ ନରନାରୀ, ଦାସଦାସୀ ସଭିଙ୍କ ଚକ୍ଷୁରେ ଅଶ୍ରୁ । ହା ରାମ... ହା ରାମ... କହି ବିହ୍ୱଳିତ ହୋଇ ସମସ୍ତେ କ୍ରନ୍ଦନରତ ।

ରାଜସଭା ଭାଙ୍ଗିଲା । ସିଂହାସନ ଉପରେ ପଥର ପରି ବସି ରହିଥାନ୍ତି ମୋ ଶଶୁର । ପାଖରେ ବିଶ୍ୱାମିତ୍ର, ବଶିଷ୍ଠ ଆଦି ମହର୍ଷିଗଣ । ସ୍ୱାମୀ ମୋର ସେମାନଙ୍କ ଠାରୁ ଆଜ୍ଞାନେଇ ଅନ୍ତଃପୁରକୁ ପ୍ରବେଶ କଲେ ।

(କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ପ୍ରସଙ୍ଗ (୪)

# ଗପ ପରି ଲାଗୁଥିଲେ ବି ସତ

### ସୃଷ୍ଟିଧର ପରିଡା



ଜୀବନ ବଡ ଯନ୍ତ୍ରଣାଦାୟକ। କୁହାଯାଏ ଯେଉଁ ଜୀବନରେ ଯନ୍ତ୍ରଣା ନଥାଏ ସେ ଜୀବନ ସୁନ୍ଦର ଓ ପୂର୍ଣ୍ଣାଙ୍ଗ ହୋଇନଥାଏ। ଜୀବନର ଦୁଃଖ ଯନ୍ତ୍ରଣାକୁ ଯିଏ ଗଭୀରଭାବେ ଅନୁଭବ କରିପାରେ ତାର ଜୀବନ ସୁଦୀର୍ଘ ଓ ସୁନ୍ଦର ହୋଇଥାଏ। ବୁଝିଲ ଅବିନାଶ, ଗୋଟେ ଅନୁଭବର କଥା କହିବାକୁ ଯାଇ ଏ ଗୌରଚନ୍ଦ୍ରିକାର ଅବତାରଣା । ଆଜିକାର ସାହିତ୍ୟ ଓ ସାହିତ୍ୟିକମାନଙ୍କୁ ନେଇ ମୋ ଭିତରେ ଗଭୀର ଦ୍ୱନ୍ଦ୍ୱ । ସେଥିରୁ ଜମାରୁ ମୁକ୍ତ ହୋଇ ପାରୁନି । ତମେ ଜାଣ, ଏବେ ସାହିତ୍ୟର ବଡ଼ପଣ୍ଡା ବୋଲାଉଥିବା ବହୁ ସାହିତ୍ୟିକ ତ୍ରିତଳ ପ୍ରାସାଦ ଓ ଏସି ରୁମରେ ବସି ଅଏସ ଜୀବନ ବିତାଇ ଦଳିତ ସାହିତ୍ୟ ସୃଷ୍ଟି କରିବାରେ ଲାଗିପଡିଛନ୍ତି । ସେମାନେ ଯେଉଁ ସାହିତ୍ୟ ସୃଷ୍ଟି କରୁଛନ୍ତି ତାକୁ ଅନେକ କବି ଓ ସାହିତ୍ୟିକ ବାହାବା ଦେଇ ସେମାନଙ୍କୁ ବଡବଡ ମାନ୍ୟତା ବି ଦେଉଛନ୍ତି। ତମେ କୁହ, ଜଣେ ମଣିଷ, ସିଏ ଯେତେବଡ କବି କି ସାହିତ୍ୟିକ ହେଉପଛେ, ସିଏ ଜୀବନକୁ ଉପଭୋଗ କରି ଗରିବ ଲୋକଙ୍କର ଦୁଃଖ ଯନ୍ତ୍ରଣାକୁ, ସମସ୍ୟା ଓ ସମାଜର ଘଟୁଥିବା ଘଟଣାବଳୀକୁ ଠିକ୍‌ଭାବେ ନିଜ କଲମ ମୁନରେ ରୂପ ଦେଇପାରିବ କି ? ଅନ୍ୟପକ୍ଷରେ ଯେଉଁ ଲେଖକ ନିଜ ଜୀବନରେ କେବଳ ଦୁଃଖ ଯନ୍ତ୍ରଣାକୁ ଭୋଗି, ତାକୁ ଗଭୀର ଭାବେ ଅନୁଭବ କରିବା ସହ ସମାଜରେ ଘଟୁଥିବା ଛୋଟବଡ ସମସ୍ୟାକୁ ଯେଉଁଭଳି ନିଖୁଣ ଭାବରେ ନିଜ କଲମରେ ରୂପ ଦେଇପାରୁଛନ୍ତି ତାହା ଦେଖିବାର କଥା । ଯାହା କୁହ, ଖାସ୍ ଏଇଥିପାଇଁ ସାହିତ୍ୟରେ ଦୁଇଟି ଗୋଷ୍ଠୀ ଦେଖିବାକୁ ମିଳୁଛି ।

ଜାଣ, ଆଉଗୋଟେ କଥା । ଏବେ ନିକଟରେ ଗାଁରୁ ଜଣେ ବନ୍ଧୁ କିଛି କାମନେଇ ମୋ ସହିତ ଦେଖା କରିବାପାଇଁ ଆସିଥିଲେ। କଥା ପ୍ରସଙ୍ଗରେ କହିଲେ, ବୁଝିଲୁ ସାଙ୍ଗ, ବହୁତ କଷ୍ଟରେ ତୋ ପାଖକୁ ଆସିବା ପାଇଁ ସମୟ ପାଇଛି। ଏବେ ଘରୁ ବାହାରିବାପାଇଁ ମୋତେ ସମୟ ମିଳୁଛି କାହିଁ ! ତୋ ଭାଉଜ ଏବେ ଏସଏଚଜି ଗୋଷ୍ଠୀର ସଦସ୍ୟ। ସକାଳ ଆଠଟାରୁ କାନ୍ଧରେ ବେଗ ଗଳେଇ ନାରୀନେତ୍ରୀ ସାଜି ବାହାରିଆସୁଛି ଯେ ଘରେ ପହଁଚୁଛି ସଂଜ ଗଡିଲେ। ତେଣୁ ସେଇ ସକାଳୁ ବାପା, ମା', ଗାଈ ଗୋରୁ ଇତ୍ୟାଦି ସମ୍ଭାଳିବା ସହ ଏ ବୁଢାକାଳେ ସମସ୍ତଙ୍କ ପାଇଁ ରୋଷେଇ କରି ମୋର ସମସ୍ତ ସମୟ ଚାଲିଯାଉଛି। ଏବେ ତୋ ଭାଉଜ କାମ ମୋତେ ହିଁ କରିବାକୁ ପଡୁଛି । ମା' ତ ବୁଢୀ ହେଲାଣି, ସିଏ କଣ ଆଉ କିଛି ପାରୁଛି !

ବୁଝିଲ ଅବିନାଶ, ତା' କଥା ଶୁଣି ତାକୁ କହିବାକୁ ଇଚ୍ଛା ହେଉଥିଲା ଯେ ଆମେ ସ୍ୱାଧୀନତା ନାଁରେ ସ୍ୱେଚ୍ଛାଚାରିତାକୁ ଗ୍ରହଣ କରିସାରିଲେଣି । ଆମ ଆଖିକୁ ଯୋଉ ପ୍ରଗତି ଦିଶୁଛି, ତାହା ପ୍ରଗତି ନୁହେଁ । ଘରେ ବୁଢୀଶାଶୁଟି ହାତରେ ରାନ୍ଧି ଖାଇବ, ବୁଢା ଶ୍ୱଶୁରଟି ରୋଗ ବିଛଣାରେ ପଡିଥିଲେ ବି ସେବା ଯତ୍ନ ଟିକେ ପାଇବନି, ସ୍ୱାମୀ ଘର ସଂସାର କଥା ବୁଝିବ ଆଉ ନାରୀଟି ସଭା ସମିତି, ରାଜନୈତିକ ରାଲିରେ ଯୋଗ ଦେଇ ରାତିକୁ ଘରକୁ ଫେରିବ । ଇଏ ସତରେ ପ୍ରଗତି କି ?

ଅବିନାଶ ନିରବରେ ବସି ଶୁଣୁଥାଏ ମୋ କଥା। ମୁଁ ଟିକେ ନିରବ ରହିବା ଦେଖି ଅବିନାଶ କହିଲା, ସମାଜରେ ଆଉ ଏକ ଅନ୍ୟ ଗୋଷ୍ଠୀ ଏବେ ତିଆରି ହୋଇ ଯାଉଛି ଭାଇ । ଏବେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ସ୍କୁଲ କଲେଜର ପିଲାମାନଙ୍କୁ ରାଜନୀତିରେ ସଂଶ୍ଳିଷ୍ଟ କରିବାପାଇଁ ଏକ ଅଭିନବ ପ୍ରୟାସ ସୃଷ୍ଟି କରୁଛନ୍ତି। ବିଶେଷକରି ଯେଉଁ କୋମଳମତି ପିଲାମାନେ ପ୍ରଥମକରି କଲେଜରେ ପାଦ ଦେଇଛନ୍ତି ସେମାନଙ୍କୁ କିପରି ଭୋଟ ରାଜନୀତିରେ ପଶାପାଲି ସଜାଯାଇଛି ତାର ଏକ ଜ୍ୱଳନ୍ତ ଉଦାହରଣ ଦେଖାଯାଉଛି। ଯେଉଁ ପିଲାମାନେ ସ୍କୁଲ ପାଠ ଶେଷକରି କଲେଜରେ ପାଦ ଥାପିଥାନ୍ତି ସେମାନଙ୍କର ନା ଥାଏ ଜୀବନ ବିଷୟରେ ଧାରଣା ନା ସମାଜ ବିଷୟରେ ସଚେତନତା । ଏହି ଛାତ୍ରଛାତ୍ରୀଙ୍କୁ ନେଇ ଏବେ ଯେଉଁ ଖେଳ ଖେଳାଯାଉଛି ତାହା ଆପଣ ଅନୁମାନ କରିପାରିବେ ନାହିଁ। ଏବେ ଏହି ପିଲାମାନେ ଜୀବନକୁ ବୁଝି ନାହାନ୍ତି, କିନ୍ତୁ ବାପାମା'ଙ୍କର କଷ୍ଟ ସେମାନଙ୍କୁ ଦିଶୁନାହିଁ । କାରଣ କଲେଜରେ ନାଚ, ଗୀତ, ସଭା ସମିତି ଭିତରେ ପାଠ ଏଣିକି ଗୌଣ । ମସ୍ତିରେ ମାତିଥିବା ସବୁପିଲା କଣ କେବେ ବାପାମା'ଙ୍କ ଆୟତ୍ତକୁ ଆଉ ଆସିବେ ? ସେମାନେ ରାଜନେତାଙ୍କ ହାତବାରିଶି ହୋଇଯିବା ସହଜ । କାରଣ ଏ ବୟସ ବୁଝେନାହିଁ ଭୁଲ୍ ଠିକ୍ ।

ଅବିନାଶ ଠିକ୍ କଥାହିଁ କହୁଥିଲା । ମୁଁ କହିଲି, ତୁମେ ଜାଣିଚ ଅବିନାଶ, ଏ ସମ୍ପର୍କରେ ମୋର ଜଣେ ବନ୍ଧୁ କହୁଥିଲେ ଏବେ କଲେଜରେ ବିଭିନ୍ନ ରାଜନେତା ଓ ନେତାମାନଙ୍କର କାର୍ଯ୍ୟକଳାପ ଏତେ ନିମ୍ନସ୍ତରକୁ ଖସିଯାଇଛି ଯାହାର ସୁଯୋଗ ନେଇ ଏହି ପିଲାମାନେ ନିଶାସକ୍ତ ବି ହେଲେଣି । ତେଣୁ ଏଠି ବି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୁଇଟି ଗୋଷ୍ଠୀ ତିଆରି ହୋଇଛି। ଏବେ ସମାଜର ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ଗୋଷ୍ଠୀ ତିଆରି କରି ରାଜନେତାମାନେ ଭୋଟ ନେବାର ଯେଉଁ ଜାଲ ବିଛେଇବାରେ ଲାଗିଛନ୍ତି, ତାହା ନକହିଲେ ଭଲ । ଆଗାମୀ କାଲିର ଭବିଷ୍ୟତମାନେ ବଂଚନ୍ତୁ କି ମରନ୍ତୁ ଅବା କୁପଥଗାମୀ ହୁଅନ୍ତୁ ସେଥିପାଇଁ ଆମ ନେତାମାନଙ୍କର ସାମାନ୍ୟ ଚିନ୍ତା ନାହିଁ।

ମୋ କଥାର ଉତ୍ତରରେ ଅବିନାଶ କହିଲା, ନିଶା କଥା ଆଉ କୁହନ୍ତୁନି ଭାଇ, ଏଇ ନିଶା ଆଉ ମାଗଣା ପାଇବା ପାଇଁ ବଡବଡ କୋଠା ଥିବା ମଣିଷମାନେ ପରା ନିଜକୁ ବିପିଏଲ ତାଲିକାରେ ରଖି ମାଗଣା ଖାଇବାକୁ ଲଜ୍ଜାବୋଧ କରୁନାହାନ୍ତି ! ନେତାମାନେ ଯାହା ଚାହୁଁଛନ୍ତି ତାହା କରିବାରେ ସଫଳ ହେଉଛନ୍ତି । ତାଙ୍କ କବଳରୁ ମୁକ୍ତି ପାଇବାକୁ ନା କାହାର ଆଗ୍ରହ ଅଛି ନା ଚେଷ୍ଟା । ବରଂ ଯୋଉପାଣି ଯୁଆଡେ ଯାଉଛି ଯାଉ, ମୁଁ ତ ଠିକ୍ ଅଛି କହି ବୁଦ୍ଧିଜୀବିମାନେ ନାହିଲେ ତେଲ ଦେଇ ଶୋଇବାକୁ ଶ୍ରେୟ ମଣୁଛନ୍ତି । ସେମାନଙ୍କ ଭିତରେ ବି ଏବେ ଦୁଇଟି ଗୋଷ୍ଠୀ ।

ଅବିନାଶ କଥାକୁ ନିରବରେ ସମର୍ଥନ କରି, ଏ ସବୁ ଗପ ପରି ଲାଗୁଥିଲେ ବି ସତ, ଏ କଥା ଭାବୁଥିଲି ମୁଁ।

❤ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର-୧
(ମୋ) ୯୪୩୭୦୬୩୭୦୫

## କବିତା...

### ॥ ସଞ୍ଜ ନଇଁଲେ ॥

**ବୃନ୍ଦାବନ ଦାସ**



କେଉଁଠି ନା' କେଉଁଠି
ଦିନ ଆଲୁଅରେ ଛପିଥାଏ
ଉଦାସୀନ ଉଦାସୀନ
ଗୋଟେ କରୁଣ ନିରବତା ।

ବେଳ ରତ ରତ
ନୀଡ ଫେରନ୍ତା ପକ୍ଷୀର କ୍ଳାନ୍ତ ଡେଣାରୁ
ପାହାଡ ଚୂଡାକୁ
ଧୀରେ ଓହ୍ଲଉଥାଏ ସଂଧ୍ୟା ।

ଅନ୍ଧାରର ହାତଧରି ରାତି ଆସିବା ଯାଏଁ
ନିର୍ଜନତାରୁ
ମୁକୁଳିତ ବ୍ୟସ୍ତ କୋଳାହଳରେ

ପବନ ସାଉଁଳେଇ ଦିଏ ଦିହ
କେହିଜଣେ
କାନରେ ଫିସ୍ ଫିସ୍ କରି କଣ କହେ
ଭଗ୍ନ ସ୍ଥାପତ୍ୟରୁ ଉତୁରି ଆସନ୍ତି
ମୂର୍ତ୍ତି ପରେ ମୂର୍ତ୍ତି ଜୀବନ୍ତ ହୋଇ ।

ରାଜ ଉଦ୍ୟାନରେ ଶୁଖିଲାପତ୍ର ଦେଖିଲେ
ଗୌତମର କାଳେ ବୈରାଗ୍ୟ ଆସିଯିବ
ରାଜାଜ୍ଞା ହେଲା

ତନ୍ନ ତନ୍ନ କରି ଗୋଟେଇନିଅ ସବୁ
କିଏ ଜାଣିଥିଲା
ସେଇ ବୈରାଗ୍ୟ ଯେ ଦିନେ
ଜୀବନର ଅସଲ ଗୀତ ହୋଇ ବହି ଯିବ
ସାରା ଭୂଲୋକ
ବୁଦ୍ଧଂ ଶରଣଂ ଗଚ୍ଛାମି
ଧର୍ମଂ ଶରଣଂ .. ସଙ୍ଘଂ ଶରଣଂ ... ।

ପ୍ରତି ସଞ୍ଜରେ ସେଠି
ଯୋଡିହୋଇ ଯାଉଥାଏ ଭଗ୍ନାବଶେଷ
ଖଣ୍ଡ ବିଖଣ୍ଡିତ ପ୍ରସ୍ତର ଖଣ୍ଡ
ମସ୍ତକବିହୀନ ମୂର୍ତ୍ତି
କିଏ ଜାଳି ଦେଉଥାଏ ଦୀପ ଧୂପ
ପାଦ ସବୁ ତତ୍ପର ହୋଇ ଆଗେଇ ଆସୁଥାନ୍ତି
ଚୈତ୍ୟ ସଭାଗୃହ ତପୋସ୍ଥଳି ଆଡେ
ତଥାପି ବାକିଥାଏ ଆସିବାକୁ ରାତି ।

❤ ଅଧ୍ୟାପକ , ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
ମୋ - ୯୭୭୭୮୪୩୦୩୧

### ॥ ଦଙ୍ଗା ॥

**ମୂଳ ବଙ୍ଗଳା : ସେବନ୍ତି ଘୋଷ**
**ଅନୁବାଦ : ପ୍ରଦୀପ କୁମାର ରାୟ**





ମୁଁ ତୁମକଥା ଭାବିବି ନାହିଁ, ତୁମେ
ଯଥାସମ୍ଭବ ନିରବ ରହିବ ।
ନିଦ ଭିତରେ ଆଦର କରିବି । କେଶ
ଘୁଞ୍ଚାଇ ଦେବି ପ୍ରାଣପଣେ।
ତୁମେ କଡ଼ ଲେଉଟାଇବ । ମୋ ହାତରେ
ହାତ ରଖିବାକୁ ଯାଇ ଚମକି ପଡ଼ିବ ।
ମୋର ପଞ୍ଜରାରେ ଦେଶଭାଗ ଅଛି । ତୁମ
ହାତରେ ଦଙ୍ଗାର ଇତିହାସ ।

ଜୀବନ୍ତ ଫେରିବା ପୂର୍ବରୁ ତୁମର ମୁହଁ
ଦେଖିଛି। ଦେଖିଛି ଥରଥର ହାତ । ତୁମେ
ଘୁଞ୍ଚାଇ ଦେଇଛ ସବୁକିଛି । ପବନର
ସ୍ରୋତରେ ଭାସି ଯାଉଛି ନାମ । ତୁମେ କ'ଣ
ବୁଝିଛ, ନାରୀକୁ ଭୁଲାଇବାର ଗପ କେମିତି
ହୁଏ ? କେମିତି ବଦଳିଯାଏ ରୂପାର କାଠି ?

ମୁଁ ଠିକ୍ ତୁମରି ପାଖରେ ଅଛି । ପାଣି
ପିଇବାର ଶବ୍ଦ ବି ଶୁଣି ପାରୁଛି । ତୁମେ
ବୁଝି ପାରୁଛ ଦଙ୍ଗା ପୂର୍ବରୁ ଠିକ୍ କ'ଣ ହୁଏ
? ତୁମକୁ ଟାଣି ନେଇ ଯାଉଛନ୍ତି ସେମାନେ,
ମୋତେ ପାଇଲେ ବି ସେମାନଙ୍କର
ଚଳିଥାନ୍ତା ।

❤ ଅବସରପ୍ରାପ୍ତ ଅଧ୍ୟକ୍ଷ, କୁଚିଣ୍ଡା
ମହାବିଦ୍ୟାଳୟ, ସମ୍ବଲପୁର
(ମୋ) ୯୪୩୭୫୩୪୭୭୩

### ॥ ତୁମେ ॥

**ଲିପ୍ସା ପଟେଲ**



ହୁଏତ ତୁମକୁ ପଚାରିବାରଥିଲା
ଅନେକ କଥା........
ତଥାପି କାହିଁକି କେଜାଣି
ବୋତାମଦିଆ ସାର୍ଟଟିଏ ପରି
କେଉଁ ଏକ ଅସହାୟତାରେ
ଚୁପ୍ ରହିଗଲ
ଛାତିତଳେ ମୋଡିମାଡି
ମନର ସବୁତକ ବ୍ୟଥା !

ଡାଏରୀରେ ନିରୁଦ୍ଦିଷ୍ଟ
ପ୍ରେମ କବିତା ପରି......
ମଉଳା ରକ୍ତ ଗୋଲାପର
ସାକ୍ଷ୍ୟ ପରି......
ଅନେକ କିଛି କହିବାର ଥିଲା.....
ବେଳ ଅବେଳର ଖିଆଲକୁ
ଆୟତ୍ତ କରିବାରେ ହିଁ ଥିଲା
ତୁମର ପାରିବାପଣିଆ।

ଅଯାଚିତ ଶବ୍ଦର ଢେର୍ ଭିତରୁ
ଖୁବ୍ ସହଜରେ ମୁକୁଳି ଆସି
ସମ୍ଭାଳି ଦେଇଥିଲ ଜୀବନର ମଙ୍ଗ,
ଅନେକ ଅଗ୍ରାହ୍ୟ ଭାବ ଓ
କିଛି କିଛି ଗ୍ରହଣୀୟତାର ପରିଧିକୁ
ଆତ୍ମାଦହନର ଯଜ୍ଞକୁଣ୍ଡରେ
ସ୍ୱାହା ଦେଇ......
ସାଜିଥିଲ ମୋ ହୃଦୟର ସମ୍ରାଟ୍।

❤ ଭବାନୀପାଟଣ
(ମୋ)୯୪୩୯୪୦୦୩୪୮

### ॥ ବିଜନବେଳା ॥

**ଶଶାଙ୍କ ଶେଖର ପଣ୍ଡା**



ବିଜନ ବେଳାରେ ସଞ୍ଜ ଫେରିଗଲା
ପ୍ରିୟା ଗୋ ଫେରିଲ ନାହିଁ
ଅପାସୋରା କେତେ ପ୍ରୀତି ରହିଗଲା
ତମ ବାଟ ଚାହିଁଚାହିଁ (୦)

କଥା ଦେଇ ଯଦି ଭୁଲିବାର ଥିଲା
କାହିଁକି ନିଜର କଲ
ଭଲପାଇବାର ମିଛ ଉପହାର
ମୋ ହାତେ ବଢ଼ାଇ ଦେଲ,
ବିଳାପରେ ମନ ସ୍ମୃତି ଅଗଣାରେ
ଝୁରେ ନିତି ସାଥୀ ପାଇଁ (୧)
ବିଜନ ବେଳାରେ....

ଛଳନାରେ ତୋଳି ସପନ ସଉଧ
ଭାଙ୍ଗି ଦେଲ ଜାଣିଜାଣି
କଳଙ୍କରେ ବୋଳା ଜୀବନ କାହାଣୀ
କିଏ ବା ପାରିବ ଶୁଣି,
ଆଉ କେବେ ଭେଟ ହେବ କି ନ ହେବ
ସେ' କଥା ମୁଁ ଜାଣି ନାହିଁ (୨)
ବିଜନ ବେଳାରେ....

❤ ଉତ୍ତରବାଡ଼, ଭଣ୍ଡାରିପୋଖରୀ
ଭଦ୍ରକ- ୭୫୬୧୨୦
ମୋ : ୯୯୩୭୧୨୬୮୦୪

### ॥ ଶୀତ ଓ ରୂପାଦାସ-୧୩ ॥

**ହେମନ୍ତ ରାଉତ**



ଏମିତି ଅୟୁତ ବର୍ଷରୁ ଶୀତ ଆସେ
ମାୟାଛନ୍ନ ପୃଥିବୀ ଉପରେ ।
ଶୀତ ଆସିଲେ ଆକାଶ ବୋଝେଇ ଡାଲା
ନୀଳ କଇଁ ପାଖୁଡ଼ା
ଜହ୍ନ ନଇର ଆରପାରିରେ ଲାଗିଥିବା
ଗୋଟେ ଭସା ବଉଦ
ପଉଷର ପାଚିଲା ଧାନ କ୍ଷେତରେ
କୁହୁଡ଼ି ରେଣୁ ବୁଣିଲେ
ହିରଣ୍ମୟ ଧାନଶିଷା ଦୋହଲୁଥାଏ ।
ପ୍ରତିଟି ରାତିରେ ଅଂଧାରମାନେ ଅସହାୟ ।
ପ୍ରଜାପତିର ରଂଗିନ ଡେଣା ଜୁଡୁବୁଡୁ
ଶୀତରେ ହଜିଯାଏ ।
ଶୀତ ଆସିଲେ ରୂପାଦାସର ଫୁରୁଫୁରୁ
ଚୂର୍ଣ୍ଣ କୁନ୍ତଳ ଜଳବିନ୍ଦୁରେ ଭିଜିଯାଏ ।
ଘନ କୁହୁଡ଼ି ଲୁଚିଯାଏ ଆମ ଗାଁ ।
ବିଜୁଳିଆ ପାଟର କୋଠି କୋଠି ଧାନବିଲ
।
କେମିତି ଶୀତରେ କୁନିଝିଅଟି ପ୍ଲାଷ୍ଟିକ୍
ଜରି ପିଷ୍ଟବୋଡ ସକାଳୁ ସକାଳୁ
ଗୋଟାଉଥାଏ ।
ଦଧିଦାସ ଛିଣ୍ଡାକନ୍ଥା ଘୋଡି ହୋଇ ନିଆଁ
ଜାଳେ ସାରା ରାତି
ଖୋଲା ରାସ୍ତାରେ ଟିକିଟିକି ଛୁଆଙ୍କୁ
କୋଳରେ ଧରି
ମାଈକୁକୁର ଶୋଇଥାଏ ସାରାରାତି ।
ଶୀତର ଲହରି ଖେଳି ନଈନାଳ ପବନ
ଦିଗ ବିଦିଗ ଦେହମନ ସବୁ ହେମାଳ
ରୂପାଦାସ ପାଇଁ ସବୁ ଉଷୁମ ଲାଗେ
ବଡ଼ିଭୋରୁ ରୂପାଦାସ ଗାଧୋଇ
ନଈରୁ ଫେରେ
ରୂପାଦାସ ଫେରିଗଲା ପରେ
ରାତି ପରି ଶୀତ ଆହୁରି ନିବିଡ଼ ନିବିଡ଼ ।

❤ ବାର୍ହାପୁର, କେନ୍ଦ୍ରାପଡା
ମୋ-୯୯୩୮୬ ୬୯୬୩୧

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୪ ଜାନୁଆରୀ ୨୦୨୪



# ଆଧ୍ୟାତ୍ମିକ ଜୀବନ ଓ ଶାକାହାର

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଶାକାହାରୀ ମାନଙ୍କୁ ସମ୍ମାନ ଜଣାଇ ଅକ୍ଟୋବର ୧ ତାରିଖକୁ ବିଶ୍ୱ ଶାକାହାରୀ ଦିବସ ପାଳନ କରାଯାଏ । ଏହାକୁ ଉତ୍ତର ଆମେରିକାର ଶାକାହାରୀ ସମାଜ ପକ୍ଷରୁ ୧୯୭୭ ମସିହାରୁ ପାଳନ କରାଯାଉଛି । ପରିବେଶ ସୁରକ୍ଷା, ସୁସ୍ଥ ଶରୀର ଓ ଜୀବଦୟାର ପ୍ରଚାର ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ । ଶାକାହାରୀ ଖାଦ୍ୟ ପ୍ରତି ଲୋକଙ୍କୁ ଅଧିକ ଆକୃଷ୍ଟ କରିବା ଓ ଜୀବନ ପାଇଁ ଏହାର ଉପକାରିତା ସଂପର୍କରେ ଏହି ଦିବସରେ ସଚେତନତା କରାଯାଏ । ସେହିପରି ଜଣେ ଶାକାହାରୀର ଜୀବନଶୈଳୀ କିପରି ହେବା ଉଚିତ ସେ ସଂପର୍କରେ ମଧ୍ୟ ଏହି ଦିବସରେ ପ୍ରଚାର କରାଯାଇଥାଏ । କେବଳ ଏହି ଦିବସ ନୁହେଁ, ଅକ୍ଟୋବର ମାସକୁ ମଧ୍ୟ ବିଶ୍ୱ ଶାକାହାରୀ ସଚେତନତା ମାସ ଭାବେ ପାଳନ କରାଯାଏ । ଏକ ନିରୋଗ ଶରୀର ମାଧ୍ୟମରେ ସୁଖଶାନ୍ତିଭରା ଜୀବନଯାପନ କରିବା ପାଇଁ ଖାଦ୍ୟର ଉପାଦେୟତା ବିଷୟରେ ଭାରତୀୟ ପୁରାଣ ଶାସ୍ତ୍ରରେ ମାର୍ଗଦର୍ଶନର ତଥ୍ୟ ରହିଛି । ମନୁଷ୍ୟ ଜୀବନ କ୍ଷଣସ୍ଥାୟୀ । କେତେବେଳେ କାହାର ଜୀବନ ପ୍ରଦୀପ ନିର୍ବାପିତ ହୋଇଯିବ ତାହା କହିହେବ ନାହିଁ । ସେଥିପାଇଁ ମନୁଷ୍ୟ ଜୀବନକୁ ପାଣି ଫୋଟକା ସହିତ ତୁଳନା କରାଯାଇଛି । ତଥାପି ଯେତେଦିନ ଏ ସଂସାରରେ ବଞ୍ଚିଥିବା ଏ ଶରୀରକୁ ସୁସ୍ଥ ରଖିବା ପାଇଁ ଯତ୍ନବାନ ହେବା । କାରଣ ଏ ସଂସାର ସାଗରକୁ ସୁରୁଖୁରୁରେ ପାର ହେବା ପାଇଁ ଶରୀର ଏକମାତ୍ର ମାଧ୍ୟମ । ଗଭୀର ତରଙ୍ଗାୟିତ ସମୁଦ୍ରକୁ ପାର ହେବା ପାଇଁ ଏକ ନିଖୁଣ ପୋତର ଆବଶ୍ୟକତା ଥିଲାପରି ନାନା ଝଡ଼ଝଞ୍ଜା ମଧ୍ୟଦେଇ ଗତି କରୁଥିବା ଅମୂଲ୍ୟ ମାନବ ଜୀବନକୁ ସୁରୁଖୁରୁରେ ଚଳାଇ ନେବା ପାଇଁ ଏକ ସୁସ୍ଥ ଶରୀର ଆବଶ୍ୟକ । ଜାହାଜରେ ଛିଦ୍ର ଥିଲେ ଗଭୀର ସମୁଦ୍ର ମଧ୍ୟରେ ଜାହାଜଟି ବୁଡ଼ିଗଲା ପରି ରୋଗାକ୍ରାନ୍ତ ଶରୀର ଅସମୟରେ ମୃତ୍ୟୁବରଣ କରେ । ମାନବ ଶରୀର ସହଜରେ ନାନା ପ୍ରକାର ରୋଗବ୍ୟାଧି ଆକ୍ରାନ୍ତ ହୋଇ ଦୁର୍ବଳ ଓ ଅକର୍ମଣ୍ୟ ହୋଇ ଅନ୍ୟମାନଙ୍କ ପାଇଁ ବୋଝ ହୋଇଥାଏ । ଗୋଟିଏ ସୁସ୍ଥ ଶରୀର ଅନ୍ୟମାନଙ୍କ ପାଇଁ ବୋଝ ନ ହୋଇ ଉତ୍ତମ ସ୍ୱାସ୍ଥ୍ୟକୁ ସର୍ବଶ୍ରେଷ୍ଠ ସମ୍ପଦ ବୋଲି ଅଭିହିତ କରାଯାଇଛି । ସରଳ ଜୀବନ ଯାତ୍ରାର ପ୍ରଣାଳୀ ଅବଲମ୍ବନ ସହଜ ସାବଲୀଳ ଶାରୀରିକ ବ୍ୟାୟାମ ଓ ଖାଦ୍ୟ ଉପରେ ନିଜର ନିୟନ୍ତ୍ରଣ ରଖିପାରିଲେ ଶରୀର ସୁସ୍ଥ ରହେ । ଖାଦ୍ୟପଦାର୍ଥର ସ୍ୱାଦ ଜାଣିବା ପାଇଁ ଜିହ୍ୱା ମୁଖ୍ୟ ଭୂମିକା ଗ୍ରହଣ କରୁଥିବାରୁ ସୁସ୍ୱାଦୁ ଖାଦ୍ୟ ଗ୍ରହଣ କରିବା ପାଇଁ ଜିହ୍ୱା ମନକୁ ପ୍ରଭାବିତ କରିଥାଏ । ଫଳରେ ଅନିୟନ୍ତ୍ରିତ ମନର ପ୍ରଭାବରେ ଅଧିକ ପରିମାଣରେ ସୁସ୍ୱାଦୁ ଖାଦ୍ୟ ଗ୍ରହଣ କରିବା ଶରୀର ରୋଗାକ୍ରାନ୍ତ ହୋଇଥାଏ । ଅଧିକ ଚର୍ବି ଜାତୀୟ ଖାଦ୍ୟ, ତେଲ ଘିଅ ଓ ଶ୍ୱେତସାର ଖାଇବା ଦ୍ୱାରା ଶରୀରର ସ୍ଥୂଳତା ବୃଦ୍ଧି ପାଏ । ଅଧିକ ମସଲା, ରାଗ, ଚା, କଫି ଓ ମଦ୍ୟପାନ ପାକସ୍ଥଳୀ ଓ ଅନ୍ତଃନଳୀରେ ପ୍ରଦାହ ସୃଷ୍ଟି କରେ । ନିୟମିତ ଭାବେ ଖାଦ୍ୟ ଗ୍ରହଣର ବ୍ୟବଧାନ ଉପରେ ଦୃଷ୍ଟିରଖି ଖାଦ୍ୟ ଗ୍ରହଣ କଲେ ପାଚନ କ୍ରିୟା ସ୍ୱାଭାବିକ ହେବା ସହ ଶରୀର କାର୍ଯ୍ୟକ୍ଷମ ରହେ ।

ଖାଦ୍ୟର ପରିମାଣ ଓ ଗୁଣାତ୍ମକମାନ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରିଥାଏ । ବିଭିନ୍ନ ଖାଦ୍ୟ ଗ୍ରହଣ ଦ୍ୱାରା ଶରୀର ମଧ୍ୟରେ ଉତ୍ପନ୍ନ ହେଉଥିବା ଭିନ୍ନ ଭିନ୍ନ ପ୍ରକାରର ଶକ୍ତି ଦେହ ଓ ମନକୁ ବିଭିନ୍ନ ଭାବରେ ପରିଚାଳିତ କରେ । ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେପରି ଖାଦ୍ୟ ସେପରି ମନ । ଯେପରି ମନ ସେପରି ଚିନ୍ତା, ସେପରି ବ୍ୟବହାର ଓ କାର୍ଯ୍ୟ ଏବଂ ଯେପରି କାର୍ଯ୍ୟ ସେପରି ସ୍ୱାସ୍ଥ୍ୟ, ଖାଦ୍ୟ ମନୁଷ୍ୟକୁ ଚଳଚଞ୍ଚଳ କାର୍ଯ୍ୟକ୍ଷମ, ମାନ୍ଦା, ଚିନ୍ତାଗ୍ରସ୍ତ, ବିଷାଦଚିତ୍ତ ବା ପ୍ରଫୁଲ୍ଲ ରଖେ । ଖାଦ୍ୟର ପ୍ରକାରଭେଦ ଏକାଗ୍ରତାକୁ ନୟନ୍ତ୍ରିତ କରେ । ଖାଦ୍ୟ ପରିମାଣ ଓ ଗୁଣାତ୍ମକମାନ ଆତ୍ମସଂଯଜମର ହ୍ରାସ ବୃଦ୍ଧିକୁ ମଧ୍ୟ ନିୟନ୍ତ୍ରିତ କରେ । ମନୁଷ୍ୟ କିନ୍ତୁ ନିଜର ଖାଦ୍ୟ ଉପରେ ନିୟନ୍ତ୍ରଣ ରଖେନାହିଁ । ଖାଦ୍ୟ ସମ୍ବନ୍ଧରେ ଗାଆଁ ମାନଙ୍କରେ ଗୋଟିଏ ଲୋକପ୍ରିୟ ସତର୍କ ବାଣୀ ହେଲା ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଧାଇଁଲେ ବଢ଼ଇ ବାୟୁ, ଖାଇ ବସିଲେ ବଢ଼ଇ ପେଟ ଓ ଖାଇ ଖାଇଲେ ଯମର ଭେଟ । ହିନ୍ଦୁ ଶାସ୍ତ୍ରରେ ଖାଦ୍ୟକୁ ସାତ୍ତ୍ୱିକ, ରାଜସିକ ଓ ତାମସିକ ଏହି ତିନିଭାଗରେ ବିଭକ୍ତ କରାଯାଇଛି । ବିଭିନ୍ନ ଖାଦ୍ୟ ମନୁଷ୍ୟର ଦେହ ଓ ମନରେ ଭିନ୍ନ ଭିନ୍ନ ଅବସ୍ଥା ସୃଷ୍ଟି କରିଥାଏ । ସାତ୍ତ୍ୱିକ ଖାଦ୍ୟ ମନରେ ଭାବପ୍ରବଣତା ସୃଷ୍ଟି ନକରି ମନକୁ ନିଶ୍ଚଳ ରଖେ । ରାଜସିକ ଖାଦ୍ୟ ମନରେ ଭାବ ପ୍ରବଣତା ସୃଷ୍ଟି କରେ ଓ ତାମସିକ ଖାଦ୍ୟ ମନରେ ଉତ୍ତେଜନା, କ୍ରୋଧ, ପ୍ରତିହିଂସା, କାମୁକତା ଆଦି ଦୁର୍ଗୁଣ ସୃଷ୍ଟି କରେ । ଆଧ୍ୟାତ୍ମିକ ମାର୍ଗକୁ ପସନ୍ଦ କରୁଥିବା ବ୍ୟକ୍ତିମାନେ ସର୍ବଦା ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ମନ ଶାନ୍ତ, ଶିଷ୍ଟ, ନିଶ୍ଚଳ ଓ ପବିତ୍ର ରହେ । ମଦ ଓ ମାଂସର ମନୁଷ୍ୟ ଶରୀର ଉପରେ ପଡୁଥିବା କୁପ୍ରଭାବ ଆମେ ଜାଣିଛେ । ମାଂସ ଭକ୍ଷଣ ଦ୍ୱାରା ମନରେ ହିଂସ୍ର ପ୍ରବୃତ୍ତି ଜାତ ହୁଏ । ମାଂସ ଖାଇବା ପାଇଁ ପଶୁଟିକୁ ହତ୍ୟା କଲାବେଳେ ତା’ ମନରେ ଯେଉଁ ପ୍ରତିକ୍ରିୟା ଓ ଭାବାନ୍ତର ସୃଷ୍ଟି ହୁଏ ତାହା ମାଂସଭକ୍ଷଣକାରୀ ମନ ଉପରେ ମଧ୍ୟ ପ୍ରଭାବ ପକାଇପାରେ ।

ଖାଦ୍ୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇ ଚିନ୍ତାଧାରାକୁ ମଧ୍ୟ ନିୟନ୍ତ୍ରିତ କରେ । ଶାକାହାର ଖାଦ୍ୟ ସାତ୍ତ୍ୱିକ ଓ ଆଧ୍ୟାତ୍ମିକ ଜୀବନ ପାଇଁ ସର୍ବୋତ୍କୃଷ୍ଟ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କେବଳ ଆମିଷ ନୁହେଁ ଖାଦ୍ୟ ବ୍ୟବସ୍ଥାରେ ପିଆଜ, ରସୁଣକୁ ବି ତ୍ୟାଗ ପାଇଁ ମାର୍ଗଦର୍ଶନ କରିଛନ୍ତି । ପାଶ୍ଚାତ୍ୟ ଦେଶମାନଙ୍କରେ କଞ୍ଚା ପରିବାପତ୍ର, ଅଧାସିଝା ପରିବା କିମ୍ବା ମସଲା ଦିଆ ନଯାଇ ସିଝା ହୋଇଥିବା ପରିବାପତ୍ର ଖାଇଥାଆନ୍ତି । ବେଶୀ ସିଝିଗଲେ ଖାଦ୍ୟପ୍ରାଣ ନଷ୍ଟ ହୋଇଯାଏ । ଆମ ଦେଶରେ ବ୍ୟଞ୍ଜନର ସ୍ୱାଦୁ ବଢ଼ାଇବା ପାଇଁ ଓ ଆକର୍ଷଣୀୟ ଦେଖାଯିବା ପାଇଁ ଦିଆଯାଉଥିବା ମସଲାଯୁକ୍ତ ତରକାରୀକୁ ସେମାନେ ପସନ୍ଦ କରନ୍ତି ନାହିଁ । କାରଣ ଏହି ଖାଦ୍ୟ ସ୍ୱାସ୍ଥ୍ୟପକ୍ଷରେ ହାନିକାରକ । ସାଇବାବା କହନ୍ତି, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ଖାଦ୍ୟପ୍ରାଣରେ ଭରପୁର କଞ୍ଚା ଖାଇ ହେଉଥିବା ଫଳ, ମୂଳ, ପନିପରିବା ଡାଲି ଜାତୀୟ ଖାଦ୍ୟ ମୁଗ, ମଟର, ବୁଟକୁ ଗଜା କରି ଭାଜି କରି ବା ଡାଲି କରି ଖାଇଲେ, ନଡ଼ିଆ ଖାଇଲେ ଓ ନଡ଼ିଆ ପାଣି ପିଇଲେ କିଛି ପରିମାଣରେ ଦହି ଖାଇଲେ ସ୍ୱାସ୍ଥ୍ୟ ଭଲରହେ । ସୀମିତ ପରିମାଣର ଶ୍ୱେତସାର, ପୁଷ୍ଟିସାର ଓ ଅଳ୍ପ ସ୍ନେହସାର ଖାଦ୍ୟ ଖାଇବା ଉଚିତ । ଯଥେଷ୍ଟ ପରିମାଣରେ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟଭଲ ରହେ । ଖାଦ୍ୟ ଖାଉଥିବାବେଳେ ମଝିରେ ମଝିରେ ପାଣି ପିଇବା ଉଚିତ ନୁହେଁ । ଅନିୟମିତ ଖାଦ୍ୟ ଗ୍ରହଣ ଦ୍ୱାରା ମେଦବହୁଳତା, ଉଚ୍ଚରକ୍ତଚାପ ମଧୁମେହ ରୋଗ, ପେଟରୋଗ, ପରିପାକ ସମସ୍ୟା ଦେଖାଦିଏ । ସେଥିପାଇଁ ନିୟମିତ ବ୍ୟବଧାନରେ ଆବଶ୍ୟକତା ଅନୁଯାୟୀ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବା ଉଚିତ । ଗୋଟିଏ ଉପାଦେୟ ଲୋକକଥା ପ୍ରଚଳିତ ଅଛି । ତାହାହେଲା ଦିନରେ ଥରେ ଆହାର ଗ୍ରହଣ କରନ୍ତି ଯୋଗୀ, ଦୁଇଥର ଆହାର ଗ୍ରହଣ କରନ୍ତି ଭୋଗୀ ଓ ତିନିଥର ଆହାର ଗ୍ରହଣ କରନ୍ତି ରୋଗୀ । ଆବଶ୍ୟକତା ଅନୁଯାୟୀ ସୀମିତ ଆହାର ଗ୍ରହଣ କରି ଯୋଗୀମାନେ ଦୀର୍ଘଜୀବୀ ହେଉଥିଲେ । ଅତ୍ୟଧିକ ପରିମାଣରେ ବାରମ୍ବାର ଖାଦ୍ୟ ଖାଇ ଅକାଳମୃତ୍ୟୁ ବରଣ କରିବା ଲୋକଙ୍କର ବହୁତ ଦୃଷ୍ଟାନ୍ତ ଅଛି । ସ୍ୱାସ୍ଥ୍ୟ ଭଲ ରହିବା ପାଇଁ ମଝିରେ ମଝିରେ ଉପବାସ ରହିବା ପାଇଁ ସାଇବାବା କହିଥାନ୍ତି । ଏହାଦ୍ୱାରା ପାକ ଯନ୍ତ୍ର ବିଶ୍ରାମ ପାଏ ।

♥ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ
(ମୋ) : ୯୪୩୭୦୫୧୯୫୭

# ମାଟି ଓ ମାତୃଭାଷା ପ୍ରତି ମମତା ରହିଲେ ସବୁ ସମ୍ଭବପର : ବାବାଜୀ ଚରଣ ଜେନା

**ବାବାଜୀ ଚରଣ ଜେନା, ଆମ ସମୟର ଜଣେ ବିଶିଷ୍ଟ ଗୀତିକବି ଭାବେ ସୁପରିଚିତ । ତାଙ୍କ ଗୀତି କବିତା ପରିବ୍ୟାପ୍ତ ଅଭିମାନୀ ବର୍ଷାଠୁ ଆରମ୍ଭ କରି ରତ୍ନମତୀ ନଦୀ ଯାଏ; ବିରହ ବତୁରା ମନଠାରୁ ପ୍ରୀତିର ଗୀତି ଯାଏଁ । ତାଙ୍କ ଗୀତର ଲାଳିତ୍ୟ କେତେବେଳେ ଝଉଁବଣର ମିଠା ସୁର ହୋଇ ମନକୁ ଛୁଏଁ ତ କେତେବେଳେ ଶ୍ରାବଣ ସନ୍ଧ୍ୟାରେ ଜହ୍ନଟିଏ ହୋଇ ହସେ । ଗୀତ ଗଢଣରେ ତାଙ୍କର ଅନ୍ତରଙ୍ଗତା ତାଙ୍କୁ ଦେଇଥାଏ ନିଆରା ପରିଚୟ । ତାଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଓଡ଼ିଶାର ସର୍ବପୁରାତନ ସଂଗୀତ ବିଦ୍ୟାଳୟ କଟକ ସହର ସ୍ଥିତ ନ୍ୟାସନାଲ୍ ମ୍ୟୁଜିକ୍ ଆସୋସିଏସନ୍ ରୁ ହିନ୍ଦୁସ୍ଥାନୀରେ ପୂଜ୍ୟ ପଣ୍ଡିତ କୁଣ୍ଡଳା ଆଦି ନାରାୟଣ ରାଓ ଏବଂ ଓଡିଶୀରେ ଗୁରୁ ପଣ୍ଡିମେଶ୍ୱର ଜେନାଙ୍କ ଠାରୁ ମୁଁ ସଂଗୀତ ଶିଖୁଥିଲି । ୧୯୮୨ ବନ୍ୟାରେ ଦଳେଇ ଘାଇ ସହ ଆମ ଗାଁ ମଧ୍ୟ ଜଳ ପ୍ଲାବିତ ହୋଇ ଥିଲା ଏବେ ପରି ରିଂ ବନ୍ଧ ନଥିଲା । ଦଳେଇ ଘାଇ ପରେ ଦୁର୍ଦ୍ଦଶା ଭୋଗୁଥିବା ଦୃଶ୍ୟ ଦୁଃଖାବହ ଥିଲା । ଅଜାଣତେ ଲୁହ ସହ ଝରିପଡିଥିଲା ‘କାଳିଆତୋ ବଡଦାଣ୍ଡେ କିଏ ହସେ କିଏ କାନ୍ଦେ/ତଥାପି ମଉନ ତୁହି ନକହୁଛୁ କଥା ପଦେ । ଏହାହିଁ ଥିଲା ମୋ ଗୀତିକବିତାର ପହିଲି ସୃଜନ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?

■■ ୧୯୮୪ରେ ମୁଁ ହାଲ ସୁନାବେଡାରେ ଚାକିରୀ ପାଇଲି, ପ୍ରଥମ ଦରମାରେ ରେଡ଼ିଓ କିଣିଲି ଯାହା ନିସଙ୍ଗ ଜୀବନର ସାଥି ଥିଲା । ସୁନାବେଡାର ପାଣିପାଗ ସାହିତ୍ୟ ସଂସ୍କୃତି ଭଲପାଇବାର ପରିବେଶ ଥିଲା, ଆଗରୁ କିଛି କିଛି ଲେଖିଲେବି ସୁନାବେଡାରେ ବିକଶିତ ହେଲା । ହାଲ୍‌ର ଅଧିକାଂଶ ସମବେତ ସଂଗୀତ ମୁଁ ଲେଖିବା ସହ ସମବେତ ସଂଗୀତରେ ଭାଗ ନେଉଥିଲି । ମେଜର ଅପରେସନ ପରେ ଗୀତରୁ ଗୀତିକବିତାରେ ମନୋନିବେଶ କଲି । ଓଡ଼ିଆ ଗୀତିସାହିତ୍ୟର ପ୍ରଚାର ପ୍ରସାର ଦିଗରେ ଛୋଟ ଗୁଣ୍ଡୁଚିମୂଷା ଭଳି ଭୂମିକା ନେଇ ଏଇ ଯାତ୍ରା ଏବେ ପର୍ଯ୍ୟନ୍ତ ଅବ୍ୟାହତ ରଖିଛି ।

■ ଗୀତି କବିତା ପ୍ରତି କେମିତି ଆକୃଷ୍ଟ ହେଲେ ? ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋ ବୋଉ ଥିଲେ ମୋର ଆଦ୍ୟଗୁରୁ, ପିଲା ଦିନେ ତାଙ୍କ ଗୁଣୁ ଗୁଣାଉଥିବା ରାମାୟଣ ଉପରେ ଆଧାରିତ ଲୋକଗୀତି – “ଯାଇ ଥିଲ ଧନ ବନକୁ, ଫୁଲ ତୋଳିବା ପାଇଁ , ସୁବର୍ଣ୍ଣ ମୁକୁଟ କାହାର ଆଣିଛ ଛଡ଼ାଇ” ମୋ ମନ ହୃଦୟର ମାନସ ପଟ୍ଟଳରେ ଆଜି ବି ସାଇତି ରଖିଛି । ମୋର ପରିବେଶ ମଧ୍ୟ ସଂଗୀତମୟ ଥିଲା ଦାଦା ଧରଣୀଧର ଜେନାଙ୍କ ଓଡିଶୀ, ଆମ ମାଟିର ଗୌରବ ଅମୃତକଣ୍ଠ ଚିତ୍ତରଞ୍ଜନ ଜେନାଙ୍କ ଗୀତ, ପିଉସୀପୁଅ ଭାଇ କଣ୍ଠଶିଳ୍ପୀ ବ୍ରଜବିହାରୀ ଜେନା ଓ ବନବିହାରୀ ଜେନାଙ୍କ ଗୀତ ସହ ରେଡ଼ିଓର ସବୁ ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ ଶୁଣୁଥିଲି । ଏହାହିଁ ମୋତେ ଗୀତିକବିତା ପ୍ରତି ଆକୃଷ୍ଟ କଲା ଯାହା ପରବର୍ତ୍ତୀ ସମୟରେ ମୁଁ ଆକାଶବାଣୀର “ବି” ଗ୍ରେଡ କଣ୍ଠଶିଳ୍ପୀ ହେବା ସହ ଗୀତିକାର ଭାବେ ସୀକୃତି ପାଇଲି ।

■ ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କହିଁକି ?

■■ ‘ଭକ୍ତିରତ୍ନମାଳା’ରୁ ଆରମ୍ଭ କରି ‘କିଆ କେତକୀ’ ଯାଏ ୧୮ଖଣ୍ଡ ଗୀତିସଂକଳନ ପ୍ରକାଶିତ । କିଏ ଭଲ ତାହା ପାଠକେ କହିବେ, ଶ୍ରୋତା କହିବେ । ମୋ ଆଖିରେ ସବୁ ସମାନ । ପଲ୍ଲୀଗୀତି ସଜପଖାଳ/କିଆ କେତକୀରେ ଓଡ଼ିଆ ମାଟିର ବାସ୍ନା ସହ କଥିତ ବୋଲି, ବାଣୀ, ଢଗଢ଼ମାଳି ପ୍ରୟୋଗର ଝଲକ ଅଛି ବୋଲି ଅଧିକାଂଶ ପାଠକେ କୁହନ୍ତି । ପରିଶ୍ରମ ସାର୍ଥକ ହୋଇଛି ବୋଲି ଶୁଣି ଭଲ ଲାଗେ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ସଂକଟରେ କେବେ ନଥିଲା ଏବେବି ନାହିଁ । ଅଣଓଡ଼ିଆ ଟିଏ ଖଣ୍ଡି ଓଡିଆରେ କହିଲେ ଆମେ ତା ଭାଷାରେ ଉତ୍ତର ଦେଉଛେ । ଆମ ଭାଷା ବୈଭବ ହଜି ଯାଉଛି । ହାଲର ଜଣେ ଉପରିସ୍ଥ ମୋତେ ହିନ୍ଦିରେ କହିଲେବି ମୁଁ ଓଡ଼ିଆରେ ତାଙ୍କ ସହ କଥା କହୁଥିଲି । ପରବର୍ତ୍ତୀ ସମୟରେ ସିଏ ଓଡ଼ିଆରେ ମୋ ସହ କଥା ହେଲେ । ଚାକିରୀରୁ ଅବସର ସମୟରେ କହିଲେ ବାବାଜୀ ଜେନା ମୋତେ ଓଡ଼ିଆ ଶିଖାଇ ଦେଲେ । ବେଙ୍ଗଲି ସହ ହିନ୍ଦୀ ଭାଷାଭାଷୀ ଲୋକମାନେ ମୋ କବିତାକୁ ଶୁଣୁଥିଲେ ହାଲ ଟିଭିରେ । ଭଲ ଖରାପ ମତାମତ ମଧ୍ୟ ଦେଉଥିଲେ । ସାହିତ୍ୟର ଭାଷା ନାହିଁ । ଜଣେ ଚାହିଁଲେ ସବୁ ହୋଇ ପାରିବ । କେବଳ ସାହିତ୍ୟ ମନସ୍କ ମନଟିଏ ଲୋଡା ।

■ ଗୀତିକାର ମାନେ କେବଳ ପ୍ରେମ ପ୍ରଣୟ ଓ ପ୍ରାର୍ଥନାକୁ ନେଇ ଶବ୍ଦର କୋଣାର୍କ ଗଢ଼ନ୍ତି କାହିଁକି ? ସାମାଜିକ ସମସ୍ୟା କାହିଁକି ଆସିବ ନାହିଁ ଗୀତି କବିତାରେ ? ଏଥିରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ପ୍ରାଚୀନ କାଳରୁ ପ୍ରେମ ପ୍ରଣୟ ପ୍ରାର୍ଥନା ଜୀବନ ସହ ଜଡିତ ଥିଲା, ଏହା ଜୀବନର ଚଲାପଥ ସୁଗମ କରିବା ସହ ସଂସ୍କୃତି ଓ ସଂସ୍କାର ଶିଖାଉଥିଲା । ଓଡ଼ିଆ ସାହିତ୍ୟରେ ଜୀବନ ଯନ୍ତ୍ରଣାର ଗୀତ ଅଛି ଏଇ ଯେମିତି ମୋର ଚିରାକାଗଜ ସଂକଳନରୁ ଏଇ ଗୀତିକବିତା ‘ଜୀବନଟା ଏକ ସଂଗ୍ରାମ ଯା’ର ଶେଷ କେବେ ହୁଏ ନାହିଁ/ଅହରହ ଯହିଁ ସଂଗ୍ରାମ ଚାଲେ ଟିକିଏ ବଞ୍ଚିବା ପାଇଁ ।’ ସ୍ୱାଧିନତା ଆନ୍ଦୋଳନରେ ଜାତୀୟ କବି ବୀରକିଶୋର ଦାସଙ୍କ କବିତା ବାନର ସେନାର ସୈନିକମାନେ ଗାଇ ଗାଇ ମନୋଭାବ ପରିବର୍ତ୍ତନ କରି ପାରୁଥିଲେ । ଏବେ କାହିଁକି ହେବନାହିଁ ?

■ ଓଡିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ ଓଡ଼ିଆ ଭାଷା ଏକ ପ୍ରାଚୀନ ଭାଷା ଯାହା ଶିଳାଲେଖାରୁ ପ୍ରମାଣିତ । ତେଣୁ ଆମେ ଶାସ୍ତ୍ରୀୟ ମାନ୍ୟତା ପାଇଛେ । ମାଟି ଓ ମାତୃଭାଷା ପ୍ରତି ମମତା ରହିଲେ ସବୁ ସମ୍ଭବପର । ସରଳ ଶବ୍ଦ ପ୍ରୟୋଗ ସହ ଜନସାଧାରଣଙ୍କ ସମସ୍ୟାକୁ ଗୀତ ମାଧ୍ୟମରେ ଆଣିବାକୁ ପଡିବ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାର ପ୍ରୋତ୍ସାହିତ କରେ, ସଚେତନ କରାଏ, ମାପିଚୁପି ଚାଲିବା ସହ ଆଗକୁ ବଢିବାକୁ ସାହାଯ୍ୟ କରେ । ପ୍ରେମ ପ୍ରଣୟ ସହ ମାଟିକୁ ଭାଷାକୁ ମାନବିକତାକୁ ସମ୍ମାନ ଦେବାର ବାର୍ତ୍ତା ସାହିତ୍ୟରେ ରହୁ ।

♥



**ସ୍ୱୀକାରୋକ୍ତି :** ମୋର ଜନ୍ମ ଏପ୍ରିଲ ୧୨ ତାରିଖ ୧୯୫୬ ମସିହାରେ କଟକ ସହରର ନୂଆବଜାର ପୋପରଡାରେ, ପିତା କୁଳମଣି ଜେନା ମାତା ଅହଲ୍ୟା ଦେବୀ । ବୈଷୟିକ ଶିକ୍ଷା ସମାପ୍ତି ପରେ କିଛି ଦିନ ନ୍ୟାସନାଲ୍ ମ୍ୟୁଜିକ୍ ଆସୋସିଏସନରୁ ହିନ୍ଦୁସ୍ଥାନୀରେ ପୂଜ୍ୟ ପଣ୍ଡିତ କୁଣ୍ଡଳା ଆଦି ନାରାୟଣ ରାଓ ଏବଂ ଓଡିଶୀରେ ଗୁରୁ ପଣ୍ଡିମେଶ୍ୱର ଜେନାଙ୍କ ଠାରୁ ମୁଁ ସଂଗୀତ ଶିକ୍ଷା କରିବା ସମୟରେ ସୁନାବେଡ଼ା ହାଲରେ ଚାକିରି ପାଇଲି । ପରେ ଗୀତିକାର ଭାବେ ଆକାଶବାଣୀ ଓ ଦୂରଦର୍ଶନରରେ ସ୍ୱୀକୃତି ପାଇଲି । ସୁନାବେଡ଼ାରେ ବନପ୍ରଭା ସାହିତ୍ୟ ସଂସଦ ଓ ଅବସର ପରେ କଟକରେ କାଠଯୋଡି ସାହିତ୍ୟ ସଂସଦ ଗଠନ କରି ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାରର ଦିଗରେ ଗୁଣ୍ଡୁଚିମୂଷା ଭଳି ଭୂମିକା ଅବ୍ୟାହତ ରଖିଛି ।






ନିଜ ପତ୍ନୀ ଓ ଦୁଇପୁତ୍ରଙ୍କ ସହ କବି ବାବାଜୀ ଚରଣ ଜେନା...

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର, ରବିବାର,
୧୪ ଜାନୁଆରୀ ୨୦୨୪



ପଢ଼ିବା ପରେ



ବିପ୍ଳବ

# ସୁଧାକରଙ୍କ କବିତା : ଉତ୍ତରିତ ଅନୁଭବର ସଫଳ ଉଚ୍ଚାରଣ






ଆମ ସମୟର ଜଣେ ପ୍ରଚାରବିମୁଖ କବି ହେଲେ ସୁଧାକର ମହାନ୍ତି। ଅନେକ ଗୁଡ଼ିଏ ଶକ୍ତିଶାଳୀ କବିତାର ସ୍ରଷ୍ଟା ହେଲେ ମଧ୍ୟ ସମକାଳୀନ ଓଡ଼ିଆ ସାହିତ୍ୟରେ ଖୁବ୍ କମ୍ ଲୋକ ଜାଣନ୍ତି ତାଙ୍କୁ। ମଣିଷ ମନର ସଂଗୋପିତ ଆବେଗକୁ ଅବିକଳ ଉତାରିବାରେ ଓସ୍ତାଦ ସୁଧାକରଙ୍କର 'ଆଜି ବି ସେଇଠି' ପାଠକମାନଙ୍କ ପାଇଁ ସମର୍ପିତ ହୋଇଛି। ପ୍ରଥମ କବିତା ସଂକଳନ 'ଆଦ୍ୟଧ୍ୱନ' ଅପାର ସଫଳତା ପରେ ଏହା ତାଙ୍କର ଦ୍ୱିତୀୟ କବିତା ବହି।

ସଂକଳନର ପ୍ରଥମ କବିତା 'ଦୁଇଟି ଶୂନ୍ୟସ୍ଥାନ' ହିଁ ପାଠକ ମନରେ ବ୍ରହ୍ମୋପଲବ୍ଧି ଆଣିଦେବ ଆଉ ପାଠକକୁ ବିସ୍ମୟ କରିଦେବ। ସବୁ ମଣିଷର ଜାତକରେ ଜନ୍ମ ହେବାର ତିଥି ଲେଖା ଯାଇଥାଏ ମାତ୍ର ଅଦୃଶ୍ୟ ଭାବରେ ଶୂନ୍ୟ ଥାଏ ଦେହାବସାନର ମୁହୂର୍ତ୍ତ। ମାତ୍ର ଜନ୍ମ ମୃତ୍ୟୁ ଚକ୍ରର ଉର୍ଦ୍ଧ୍ୱକୁ ଉଠିଯାଇ କବି ନିଜକୁ ବିଦେହ ସତ୍ତାଟିଏ ବୋଲି ପରିକଳ୍ପନା କରିଛନ୍ତି ସେଇ ଆତ୍ମାର ଜନ୍ମ ମୃତ୍ୟୁର ଦୁଇଟି ଯାକ ତିଥି ଶୂନ୍ୟ ରହିଚି ଯାହା ଅପେକ୍ଷାରେ ବଞ୍ଚିଛନ୍ତି ସେ। ବ୍ୟାକୁଳ ହୋଇ ନିଜ ବିଦେହ ସତ୍ତାଟିକୁ ଅପେକ୍ଷା କରିଛନ୍ତି। ଓଡ଼ିଆ ସାହିତ୍ୟରେ ଏମିତି ପରିକଳ୍ପନା ଆଉ ପ୍ରୟୋଗ ବିରଳ।

ଦେହ ଆଉ ବିଦେହର/ବିଚାର ମଝିରେ/ ମୁଁ କ୍ଳୀବ, / କେଉଁ ଦେହ ମୋ ବିଦେହ ପାଇଁ ତିଆରି ସରିଛି ! / ତାକୁ ଦେଖିବାକୁ ମୁଁ କେବେ ଠୁଁ ବ୍ୟାକୁଳ,/ ହେଲେ ଦେହ ଏବେ କେଉଁଠି ?

( ଦୁଇଟି ଶୂନ୍ୟସ୍ଥାନ, ପୃ: ୧୧)

ସେମିତି ଅପାର୍ଥିବ ପ୍ରେମର ଭାଷା କୁହେ, ଫେରିବାର ସମୟ କବିତା। ଯେଉଁଠି କାବ୍ୟ ପୁରୁଷ ସୋରିଷ ଫୁଲର ଦେହ ପାଖକୁ ଫେରି ଆସି ବି ଦେହର ଗନ୍ଧରେ ପାଗଳ ହୁଏନି। ଆତ୍ମିକ ଆବେଗର ଶୃଙ୍ଖଳମାଳ ଭିତରେ ବିଦେହ ପ୍ରେମକୁ ଅନୁଭବ କରେ ଚେତନାର କବାଟ ଖୋଲି। ସେଥିପାଇଁ ତାଙ୍କ ପ୍ରେମ ପ୍ରବାଳ ଓଠର ମାୟାରେ ସମ୍ମୋହିତ ହୁଏନି। ଅନ୍ଧାରକୁ ଡରେ। ଅପାର୍ଥିବ ଆବେଗରେ ନିମଗ୍ନ ଥାଏ। ତେଣୁ ସେ ଲେଖିଲେ..

ମୁଁ ଶିଉଳି ଶାମୁକା କଥା କୁହେନି,/ ଜହ୍ନ କିବା ନିଘୋଡ଼ ନିଦରେ/ ଶୋଇଥିବା ଅନ୍ଧାରର କଥା କୁହେନି,..

( ଫେରିବାର ସମୟ, ପୃ: ୧୬)

'ନୂଆ ପୃଥିବୀର କବିତା', 'ଆଖି: ସକାଳର ସୀମାନ୍ତ ଆଡ଼େ', 'ଅଭୀପ୍ସାର ଶିଖା', 'ଟଳଟଳ ପାଣି ଟୋପା' ପ୍ରଭୃତି କବିତାରେ ଜୀବନ ନଶ୍ୱରତାର ଅନୁଭବ ଆଉ ଅନନ୍ତ ନୀଳିମାରେ ହଜି ଯିବାର ଇଚ୍ଛା।

ମୁଁ ଅବଶ, ମୋ ଚେତନ ତତ୍ତ୍ୱମାନେ / ଏବେ ଜଡ଼ତାରେ ବିଲୟ ହେବା ଅପେକ୍ଷାରେ,/ ମାତ୍ର କେଇ ମୁହୂର୍ତ୍ତର ଜୀବନ / ସାରୁପତ୍ରରେ ଟଳଟଳ ପାଣି ଟୋପା,/ ପରେ ପରେ ମାଟିରେ ବିଲୟ ।

(ଟଳଟଳ ପାଣି ଟୋପା, ପୃ :୪୦)

ଦୈହିକ ପ୍ରେମଠୁଁ ଖୁବ୍ ଉର୍ଦ୍ଧ୍ୱରେ କବିଙ୍କ ଚିନ୍ତା ଆଉ ଚେତନା। ଅପାର୍ଥିବ ପ୍ରେମରେ ମଗ୍ନ କବି ବେଳେ ବେଳେ ପ୍ରକୃତିର ନୈସର୍ଗିକ ପ୍ରେମରେ ହଜି ଯିବାକୁ ପସନ୍ଦ କରନ୍ତି। ଫୁଲ, ନଈପଠା, ଜହ୍ନରାତି, ଝାଉଁବଣ, ନୀଳ ସରୋବର, ଧାନକେଣ୍ଡା, ଆକାଶର ଅନନ୍ତ ନୀଳିମା କାଳେ କାଳେ ପ୍ରଲୁବ୍ଧ କରିଛି କବିଙ୍କୁ। କବି ସୁଧାକର ସେଥିରୁ ବାଦ୍ ପଡ଼ି ନାହାଁନ୍ତି। ସେଇ ସବୁ କବିତା ହେଲା ନୀଳପଦ୍ମର ସରୋବର, ପାହାଡ଼ ତଳର ଗାଁ, ଚାଳଘର, ଗାଁର ସଞ୍ଜ, ବର୍ଷା: ତୁମକୁ ସ୍ୱାଗତ, କ୍ଷେତ ପରେ କ୍ଷେତ ଇତ୍ୟାଦି। ସବୁଠି ରହିଚି ପ୍ରକୃତିକୁ ପ୍ରାଣ ଭରି ଭଲ ପାଇବାର ଆବେଦନ, ଗ୍ରାମ୍ୟ ଜୀବନର ଛଳ ଛଳ ଭାବ।

କବିଙ୍କ ଗାଁକୁ ଲାଗି ମଧୁର ଅଂଶୁପା ହ୍ରଦ ଆଉ ବଡ ପାଟ ଯେଉଁଠି ଶୀତ ଋତୁ ଆରମ୍ଭରୁ ଲାଗେ ଦେଶୀ ବିଦେଶୀ, ଚିହ୍ନା ଅଚିହ୍ନା ଅନେକ ପକ୍ଷୀଙ୍କ ଭିଡ଼। ପକ୍ଷୀ ଜୀବନର ଅନେକ ଗୁଡ଼ିଏ ଅନ୍ତରଙ୍ଗ ସମୟର ଚିତ୍ର 'ନୀଳ ପଦ୍ମର ସରୋବର' ରେ ଜୀବନ୍ତ ହୋଇଉଠିଛି। ସେଇ ସବୁ ସମୟ କବିଙ୍କୁ ଯେତିକି ବିମୋହିତ କରିଚି ତାଙ୍କର ବାହୁଡ଼ି ଯିବା ଶତେ ଗୁଣ ବ୍ୟଥିତ କରିଛି ତାଙ୍କୁ।

କେତେ ଆସିଲେ/ କେତେ ଉଡ଼ିଗଲେ/ ବଡ଼ ପାଟ କିନ୍ତୁ ଚିତ୍ରରେ ପୂର୍ଣ୍ଣ/ ପୂର୍ଣ୍ଣରୁ ପୂର୍ଣ୍ଣତାର ପ୍ରସ୍ଥାନ - / ସେଇ ପୂର୍ଣ୍ଣତା/ ବଡ଼ ପାଟର ଛାତିରେ ଆଲୋଡ଼ନ ଭରୁଥିବ/ ଆଉ ଏକ ଶୀତର ପ୍ରତୀକ୍ଷାରେ।

( ନୀଳପଦ୍ମର ସରୋବର, ପୃ ; ୭୨ )

ଗୋଟିଏ ପାହାଡ଼ ତଳି ଗାଁ ରାତିରେ କିମିତି ଦିଶେ ? କେମିତି କିମିଆଁ କରେ କବିର ମନକୁ ?

ସ୍ନେହଭିଜା ଜହ୍ନର ଚାହାଣି/ ରାତି ସାରା ପହରା ଦିଏ / ଶୋଇପଡ଼ିଥିବା ଗାଁଟା ଉପରେ/ ମାଟିର ଦେହରେ ଭରୁଥାଏ/ କଅଁଳ ଶିଶୁର ହାତ ପାପୁଲିର ସ୍ପର୍ଶ/ ଗାଢ଼ କରେ ତନ୍ଦ୍ରା।

(ପାହାଡ଼ ତଳିର ଗାଁ, ପୃ: ୭୪)

ବହିର ସବା ଶେଷ କବିତା ଏକ ଉଚ୍ଚ କୋଟିର ପ୍ରେମ କବିତା। ଭଲ ପାଇବାକୁ ପାଇଯିବା ଜୀବନରେ ପୂର୍ଣ୍ଣତା ଆଣେନି। ତାକୁ ହଜେଇ ନିଜେ ହଜିଯିବାରେ ଆଉ ତାକୁ ଝୁରି ହେବାରେ ପ୍ରେମର ସାର୍ଥକତା।

ସମୟକୁ ନିଜ ହାତ ମୁଠାରେ ଜାବୁଡ଼ି ନ ରଖିବାର ଅସାମର୍ଥ୍ୟରେ କବି ମ୍ରିୟମାଣ। ହଜି ଯାଇଥିବା ସେଇ ସବୁ ପ୍ରେମର ମୁହୂର୍ତ୍ତ ମାନଙ୍କର ସ୍ମୃତିରେ ଆଖି ଲୁହ ଜରଜର। ଦେଖନ୍ତୁ ସେଇ ଦୁଃଖର ଆରମ୍ଭ...

ତୁମ ସହିତ ବିତିଥିବା ପ୍ରତିଟି ମୁହୂର୍ତ୍ତ / ଏବେ ପୀଡ଼ା ଦେବା ଆରମ୍ଭ କଲେଣି / ସେଇ ପୀଡ଼ାକୁ ସାଇତିବାକୁ ହେବ / ଆଉ ଆକଣ୍ଠ ପିଇବାକୁ ହେବ / ପ୍ରତିଦିନର ଶୋଷରେ।

ଏଣେ ପ୍ରେୟସୀ ସ୍ୱାର୍ଥରେ ଅନ୍ଧ। ଝାଉଁ ବଣର ଛାଇ ତାକୁ ଆକର୍ଷିତ କରି ପାରେନି। ରଜନୀଗନ୍ଧାର ବଗିଚା ଦେଇ ଆସୁଥିବା ମଧୁର ପବନ ଛୁଆଁରେ ସେ ବିଭୋର ହୁଏନି। ସେ ଏବେ ଆଉ କାହା ପଞ୍ଜୁରୀର ଶାରୀ। କିନ୍ତୁ ପ୍ରଣୟ ବିଭୋର ପୁରୁଷ ସେଇଠି ଅଟକି ଯାଇଛି।

ମୁଁ କିନ୍ତୁ ଆଜି ବି ସେଇଠି / ଠିଆ ହୋଇଛି ସ୍ମୃତିର ଝାଉଁ ମୂଳରେ /କାଳେ ତୁମେ ସେଇ ଛାଇର କେବେ ପ୍ରାର୍ଥୀ ହେବ / ଖୋଲି ରଖିଛି ତୁମ ଅବୁଝା ପ୍ରଶ୍ନର ସବୁ ଉତ୍ତର/ ଯାହା ତୁମେ ପଚାରିଥିଲ/ ତୁମ ଆଦ୍ୟ ଯୌବନ / ଫିଟି ପଡ଼ିଥିବା ମୁହୂର୍ତ୍ତମାନଙ୍କରେ।

( ଆଜି ବି ସେଇଠି, ପୃ : ୧୨୪)

ଦେହର କଥା ହେଉ, ଦାହର କଥା ହେଉ, ଆତ୍ମାର କଥା ହେଉ ସବୁଠି ଶବ୍ଦ ପ୍ରୟୋଗ ରେ ତାଙ୍କର ନୂତନତା ପାଠକକୁ ବାନ୍ଧି ରଖିବ। ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ 'ଆଜି ବି ସେଇଠ' କବିଙ୍କର ଏକ ସାର୍ଥକ ସୃଷ୍ଟି।

ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

ଗଳ୍ପ

# ନଖିଆ

ଜ୍ଞାନେନ୍ଦ୍ର ପଣ୍ଡା





ଭୀଷଣ କୋଳାହଳ ଭିତରେ ଶୁଖିଲା କାଠ ଗଣ୍ଡି ପରି ବସି ରହିଥିଲା ନଖିଆ । ଭୋରରୁ ତା' ଘର ଆଗ ରାସ୍ତାର ସମ୍ପ୍ରସାରଣ କାମ ଆରମ୍ଭ ହୋଇସାରିଥିଲା । ମୁଣ୍ଡ ଉପରେ ସୂର୍ଯ୍ୟ ପହଞ୍ଚିବା ବେଳକୁ ତା' ଆଖିର ଲୁହ ସବୁ ଯେମିତି ଥକି ଆସୁଥାନ୍ତି ଅଥଚ ପୂର୍ବ ଭଳି ସେମିତି ଚାଲିଥାଏ ଇଲେକ୍ଟ୍ରିକ ଚାଳିତ ବଡ଼ ବଡ଼ କରତ। ଗୋଟିଏ ପରେ ଗୋଟିଏ ହୋଇ ଟଳି ପଡୁଥାନ୍ତି ରାସ୍ତା ଧାରରେ କେଉଁ କାଳରୁ ଦଣ୍ଡାୟମାନ ଥିବା ବିଶାଳ ଗଛ ଗୁଡ଼ିକ। ବନ୍ଦ ହେଉନ'ଥାଏ ଲୋକଙ୍କ ହୋ ହାଲ୍ଲା ଆଉ ମେସିନର ପ୍ରଚଣ୍ଡ ଗର୍ଜନ।

କାଲି ରାତି ପାଖରୁ ପାଣି ମୁନ୍ଦିଏ ସୁଦ୍ଧା ତୁଣ୍ଡକୁ ଦେଇନାହିଁ ନଖିଆ । ଏହା ଭିତରେ ଜ୍ୱରାକ୍ରାନ୍ତ ବୁଢ଼ୀ ମା' ଟି ଥରି ଥରି ଆସି କୁଡ଼ିଆ ଘରର କାନ୍ଥକୁ ଆଉଜେଇ ବସିଥିବା ନଖିଆକୁ ପଖାଳ ଟିକିଏ ପାଟିରେ ଦେବାକୁ କେତେଥର ନେହୁରା ହେଲାଣି ।

ବାପଛେଉଣ୍ଡ ନଖିଆକୁ ଦିଶୁଥିଲା ତା' ଛୁଆ ଦିନର କଥା । ଗୁଣ୍ଠେ ଜାଗାର ଗୋଟିଏ ପାଖକୁ କୁଡ଼ିଆ ଘର ବୋଲି ଅଗଣାରେ ଖାଲି ମାଟି ହାଣ୍ଡିର ଗୋଟିଏ ତୁଳସୀ ଚଉରା । କୁଡ଼ିଆ ଆଗକୁ ଆଠ ଦଶ ହାତ ଦୂରରେ ବାଡ଼। ବାଡ଼କୁ ଲାଗି ଗୋଟିଏ ହୃଷ୍ଟପୃଷ୍ଟ ନିମ ଗଛ ଯାହାକୁ ତା' ବାପା ଆଦରରେ ରାମ ବୋଲି ଡାକୁଥାଏ । ତା' ମା'ର ପିଲାପିଲି ହେଉନ'ଥିଲା ଯେ ମାନସିକ କରି ବାପା ଏଇ ନିମ ଗଛଟିକୁ ପୋତିଥିଲା । ମା' କୁହେ ସେଇଠୁ ଠିକ ଚାରି ବର୍ଷ ପରେ ସିଏ ଜନ୍ମ ହୋଇଥିଲା। ମା, ବାପ ଦୁଇଜଣ ଯାକ ଗଛଟିକୁ ନିଜର ବଡ଼ ପୁଅ ପରି ବେଶ ଆଦର କରି ଗଛଟିର ନାଁ ରାମ ବୋଲି ରଖିଥିଲେ । ତା' ନାଁ ଦେଇଥିଲେ ଲକ୍ଷ୍ମଣ । ମା' ସକାଳେ ତୁଳସୀରେ ପାଣି ଦେଇ ସାରି ନିମ ଗଛ ମୂଳରେ ଡେକଚିଏ ପାଣି ଦେଇଆସେ । ବାପା ସକାଳକୁ ନିଇତି ମୂଲ ଖଟି ଯିବା ପୂର୍ବରୁ ମାଆ ଯେତେବେଳେ ଆସନ ପାରିଦେଇ ବାପାଙ୍କ ପାଇଁ ପଖାଳ, ଶାଗ ବାଢୁଥାଏ ସେତିକିବେଳେ ବାପାଙ୍କ ପାଟିରେ ଗୋଟିଏ କଥା ଥାଏ...

- 'ରାମକୁ ପାଣି ଢାଳେ ଦେଲଣି କି ନାହିଁ ?'

ମା' ବି ଭୁଲିନ'ଥାଏ ସେ କଥା । ସବୁଥର ନିମଗଛ ମୂଳରେ ଆଗୁଆ ପାଣି ମୁନ୍ଦିଏ ଢାଳି ଆସିଥାଏ । କେବେ ଭୁଲିଯାଇଥିଲେ ଏକ ନିଶ୍ୱାସକେ ଯାଇ ରାମକୁ ପାଣି ପିଆଏ ।

ବାପା ସନ୍ଧ୍ୟା ବେଳକୁ ମଜୁରୀ ଲାଗି ଫେରେ। ଆସୁ ଆସୁ ଧାଇଁଯାଏ ନିମଗଛ ମୂଳକୁ। ଝାଉଁଳି ପଡିଥିବା ଗଛକୁ ଚାହିଁ 'ରାମରେ...' 'ରାମରେ', ମୋ ବାପାରେ... ବାପାରେ... କହୁ କହୁ ନିମ ଗଛଟିକୁ ସ୍ନେହରେ ଆଉଁସି ପକାଏ। ବଡ଼ ଜୋରରେ ଡାକ ପକାଏ ମାଆକୁ । ବଡ଼ ଢାଳରେ ପାଣି ଧରି ମା' ବି ଧାଇଁଯାଏ ନିମ ଗଛମୂଳକୁ । ବାପା ନିମ ଗଛକୁ ଆଦରରେ ପାଣି ପିଆଏ । ତା' ସାଙ୍ଗରେ କେତେ କଥା ସୁଖ ଦୁଃଖ ହୁଏ । ନିଜେ ସେଇ ଢାଳରୁ ମୁନ୍ଦିଏ ପିଇଦେଇ ଟିକିଏ ଗଛ ମୂଳରେ ବସେ । ସଞ୍ଜ ପାହିଲେ ମାଆ ତୁଳସୀ ଚଉରାରେ ବତୀଟେ ଜାଳିଦିଏ । ମା' କୁହେ...

- 'ନଖିଆରେ ଯା ତୋ ଭାଇକୁ ଆଗ ଦଣ୍ଡବତ ହବୁ'।

ସେ ବି ଖୁବ ଭକ୍ତିରେ ନିମଗଛ ମୂଳେ ହାତ ଯୋଡ଼େ ।

ସ୍କୁଲରୁ ଫେରି ତା' ଡାଳ ଧରି ଲାଉ ହୁଏ ।

କେବେ କେବେ ଦରକାର ପଡ଼ିଲେ ବାପା ସାଙ୍ଗରେ ସେ କାମରେ ସାହାଯ୍ୟ କରିବାକୁ ଯାଏ ନଚେତ ସବୁ ଦିନ ଗାଁ ସ୍କୁଲ ଯାଏ । ସେତେବେଳକୁ ତାକୁ ତେର ବର୍ଷ । ସେଦିନ ସକାଳିଆ ସ୍କୁଲରୁ ଫେରି ପଖାଳ ଟିକେ ଖାଇ ବସିଥାଏ । ଦାଣ୍ଡ ଆଡୁ ମାଆର ବିକଳ ଚିତ୍କାର ଶୁଭିଲା ।

- 'ନଖିଆରେ...! ତୋ ବାପାକୁ ଦେଖିବୁ ଆ !!'

ସେ ଡିଆଁ ମାରି ସାମ୍ନାରେ ହାଜର । ବାହାରେ ମଣିଷ ମରା ଖରା । ବାପା ଚାରିକାତ ମେଲାଇ ଅବାଗିଆ ହୋଇ ପିଣ୍ଡା ଉପରେ ପଡ଼ିଥାଏ । ମା' ତଳପିଣ୍ଡାରେ ନିଜ ମୁଣ୍ଡକୁ ଛେଚି ଭୋ ଭୋ ହୋଇ ରଡ଼ି ଛାଡୁଥାଏ । ବାପା ମଥାରେ ହାତ ବୁଲେଇ ଆଣିବା ବେଳକୁ ତା' ହାତକୁ ତତଲା ହାଣ୍ଡିରେ ହାତ ମାରିଲା ପରି ଲାଗିଲା । ଢାଳେ ପାଣି ଆଣି ସେ ବାପାର ମୁଣ୍ଡରେ ଥାପୁଡି ଚାଲିଥାଏ। ମା' ବାପାର୍ ଅଚେତ ଦେହକୁ ବଡ଼ ବଡ଼ ଆଖିରେ ନିଷ୍ଫଳ ହୋଇ ଚାହିଁଥିଲା । ତା'ର ମନେ ପଡୁଥାଏ ବାପା ଯେଉଁଠି କାମ କରୁଥିଲା ସେଠାରେ ପାଖ ଆଖରେ ଗୋଟିଏ ବି ଗଛ ନ'ଥାଏ । ଛାଇ ଟିକେ ହେଲେ ମିଳିବା ସେଠାରେ ସ୍ୱପ୍ନ ଥିଲା । ବାପା ମଥାରେ ଓଦା କନା ଚାପି ଧରି ବିକଳ ହୋଇ ସେ ମା' କୁ ଚାହୁଁଥାଏ । କେତେବେଳ ପରେ ବଡ଼ କଷ୍ଟରେ ବାପା ଆଖି ଟିକେ ମେଲି ତାକୁ ଚାହିଁଦେଇ ନିମଗଛ ଆଡକୁ ମୁଣ୍ଡ ଢଳେଇ ସବୁଦିନ ପାଇଁ ଆଖି ବୁଜିଦେଲା ।

ପାଖ ଲୋକେ ଆସି ନିମ ଗଛ ଗଡ଼େଇବାରେ ଲାଗିଲେ । ଗଛ କାଟିବାର କାରଣ ସେ ମା'କୁ ପଚାରୁଥିଲା । ଦୀର୍ଘ ସମୟ ଧରି ମା ସେମିତି ନିର୍ଜୀବଟେ ପରି ବାପାଙ୍କ ପାଖରେ ପିଣ୍ଡାରେ ବସିଥାଏ। ମଣିଷଟିଏ ମରିବାର ଥିଲେ ଗଛଟିଏ କଟେ, ଏମିତି ଗୋଟିଏ ଉତ୍ତର ସେ ତା' ଅବୋଧ ହୃଦୟରେ ସେଦିନ ଯେମିତି ଖୋଜି ନେଇଥିଲା । ବାପା ସାଙ୍ଗରେ ଚାଲିଗଲା ବଡ଼ ପୁଅ ।

ସବୁଦିନ ପାଇଁ ବାପା ହଜିଗଲା ଆଉ ତା' ସାଙ୍ଗରେ ହଜିଗଲା ମା' ପାଟିରୁ 'ରାମରେ...' 'ରାମରେ...' ଡାକ । ତା'ପର ଠାରୁ ମା ସକାଳ ସଞ୍ଜ ପ୍ରାୟତଃ ଆକାଶକୁ ଚାହିଁ ଇଆଡୁ ସିଆଡୁ କଥା ସବୁ ଗୁଣୁଗୁଣାଏ । ନିମ ଗଛ ଯେଉଁଠି ଥିଲା ସେଆଡକୁ ଅନେଇ ଆଖିରୁ ଲୁହ ଝରାଏ ।

ବାପା ଯିବା ଆଜିକୁ ଚଉଦ ବରଷ ଗଲାଣି। ୟା ଭିତରେ ନଖିଆ ଦିନ ମଜୁରି କାମରେ ଯେଉଁଆଡ଼େ ଗଲେ ବି ଟିକିଏ ସୁବିଧା ସୁଯୋଗ ମିଳିଲେ ଫାଙ୍କା ପଡ଼ିଆ ହେଉ କି ରାସ୍ତା ଧାର ସବୁଠି ଗଛ ଲଗାଏ । ନଖିଆର ମନେପଡ଼ିଯାଏ ତା' ବାପା କଥା । ଆଖିରୁ ଉଷୁମ ଲୁହ ଠପ୍ ଠପ୍ ହୋଇ ବହିପଡ଼େ । ନଖିଆ ଭାବେ କି ତା' ବାପା ପରି କେହି ବାଟୋଇ କି ଦିନ ମଜୁରିଆ ଯେମିତି ଖରା ଦାଉରୁ କେବେ କଷ୍ଟ ନ'ପାଉ । ପର ମୁହୂର୍ତ୍ତରେ ସେ ଅଧିକ ଉତ୍ସାହ ନେଇ ଗଛ ଲଗାଇବାରେ ଲାଗେ । ତା' ଘର ସାମ୍ନା ରାସ୍ତା କାମ ହେବା କଥା ଶୁଣିବାଠାରୁ ସେ ଆଉ କାମକୁ ଯାଇନାହିଁ । ଗଛ କଟାକୁ ଅଟକେଇବା କଥା ଗାଁ ଭାଇମାନଙ୍କୁ ବୁଝେଇ ଅସଫଳ ହେବାପରେ ଗତ ତିନିଦିନ ଧରି ମୁଖିଆଙ୍କ ଘରକୁ ଯାଇ ଅନେକ ଥର ନେହୁରା ହୋଇ ଫେରି ଆସିଥିଲା ନଖିଆ ।

ଭିତରୁ ପୁନର୍ବାର ବୁଢ଼ୀ ମାଆର ଖାଇବା ପାଇଁ ଡାକରେ ସେ ସାଷ୍ଟାଙ୍ଗ ହେଲା । ସାମ୍ନାରେ ପୂର୍ବାପେକ୍ଷା ଅଧିକ ଭିଡ଼ । ସ୍ଥାନୀୟ ବିଧାୟକ ଆସିଛନ୍ତି ସାଙ୍ଗରେ ଅଛନ୍ତି ଅନେକ କୁଜିନେତା, ପୋଲିସ, ସାମ୍ବାଦିକ ଆଉ ଗାଁ'ର ମୁଖିଆ । ଏମାନଙ୍କୁ ଦେଖିବାକୁ ଲୋକଙ୍କ ପ୍ରବଳ ଭିଡ । ସବୁଠାରୁ ପୁରୁଣା ବରଗଛଟିର ଗଣ୍ଡିରେ କରତ ଭିଡ଼ାଯାଉଛି । ପୁଣିଥରେ ତା' ଆଖିକୁ ଦିଶିଗଲା ପିଲାବେଳେ ତାଙ୍କ ବାଡ଼ିର ନିମଗଛ କଟା ଆଉ ତା' ବାପାର ଅଂଶୁଘାତରେ ଆରପାରିକୁ ଚାଲିଯିବାର ଦୃଶ୍ୟ । ତା' ଭିତରେ ଥାଇ ତାକୁ ଯେମିତି କେହି ବାରମ୍ବାର କହୁଥିଲା...।

- 'ମଣିଷଟିଏ ମରିବାର ଥିଲେ ଗଛଟିଏ କଟେ' ।

- 'ମଣିଷଟିଏ ମରିବାର ଥିଲେ ଗଛଟିଏ କଟେ' ।

ସେ ପାଗଳଙ୍କ ଭଳି ଭିଡ଼ ଭିତରକୁ ଧାଇଁଯାଇ ଚିତ୍କାର କରୁ କରୁ ବିଧାୟକଙ୍କ ହାତକୁ ଧରିପକେଇ ଘୋଷାରିବାକୁ ଲାଗିଲା।

- 'ଆସ ଏଇ ପଟେ ହିଁ ମଶାଣି । ମୁଁ ତମକୁ ମଶାଣିକୁ ନେଇଯିବି' ।

ପୋଲିସ ତତ୍‌କ୍ଷଣାତ ନଖିଆକୁ ମାଡ଼ିବସିଲା। ତାକୁ ଝିଙ୍କି ଝିଙ୍କି ପୋଲିସ ଭ୍ୟାନ ପାଖକୁ ନେବା ବେଳକୁ ସେ ପାଗଳଙ୍କ ପରି ହସି ହସି ଚିତ୍କାର କରି କହୁଥିଲା...

- 'ଯେତେ ଗଛ ଅଛି ସବୁ କାଟିପକାଅ । ଏଠି ଆଉ ଜଣେ ବି କେହି ମଣିଷ ନାହିଁ । ସମସ୍ତେ ଏକାଥରକେ ମରିଗଲେଣି'।

♥ ସଲ୍ଟରୋଡ, ସୁନ୍ଦରୀ, ସୁନହଟ ବାଲେଶ୍ୱର-୨
(ମୋ) ୯୮୬୧୧୧୬୩୮୦

# ଆଇନର ଶାସନ, ବ୍ୟବସ୍ଥାପନା ଓ ମାର୍ଗଦର୍ଶନ

ବିଶ୍ୱ ପ୍ରକାଶ ଦେବତା

ଭାରତ ବର୍ଷର ଗଣତନ୍ତ୍ର ବିଶ୍ୱର ଅନ୍ୟତମ ସର୍ବବୃହତ୍ତ ଗଣତନ୍ତ୍ର। ଆଇନର ଗଣ୍ଡି ଭିତରେ ବ୍ୟବସ୍ଥାପନା ଓ ସଂସ୍ଥାପନା ସହ ଦେଶର ନ୍ୟାୟପାଳିକା ମଧ୍ୟ ଅତ୍ୟନ୍ତ ସୁଦୃଢ଼। ଆମ ସାଧାରଣରେ ଯେ କେହିବି ହୁଅନ୍ତୁ ସମାଜରେ ଯେତେବେଳେ ଯେଉଁକ୍ଷେତ୍ରରେ ଆଉ ଯେଉଁ ପ୍ରସଙ୍ଗରେ ଆମ ସମସ୍ତଙ୍କର ନ୍ୟାୟ ଅଭାବବୋଧ ହୁଏ ଆମେ ନ୍ୟାୟର ମନ୍ଦିର ଏବଂ ଗଣତନ୍ତ୍ରର ସବୁଠାରୁ ବିଶ୍ୱସ୍ତ ଓ ସର୍ବବୃହତ୍ତ ଅନୁଷ୍ଠାନ କୋର୍ଟକୁ ହିଁ ଯାଇଥାଉ। କେହି କେହି କୁହନ୍ତି ଯେ ବଡ଼ବଡ଼ିଆ ଲୋକମାନେ ନିଜ ଇଛାରେ ଆଇନ ତିଆରି କରନ୍ତି ଆଉ ଆଇନର ବାଟ ବି ମୋଡ଼ି ଦିଅନ୍ତି। କିନ୍ତୁ ବାସ୍ତବ କଥା ହେଉଛି ଆଇନ ତା ବାଟରେ ଯାଇଥାଏ। ସୁପ୍ରିମକୋର୍ଟ ହେଉ ବା ହାଇକୋର୍ଟ ବା ଜିଲ୍ଲା କୋର୍ଟ ହେଉ ବା ନିମ୍ନ ଅଦାଲତ, ସବୁଠି ନ୍ୟାୟର ରକ୍ଷକ ଭାବେ ନ୍ୟାୟର ଅବତାର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ବିଚାର କରାଯାଉଥିବା ନ୍ୟାୟଧୀଶମାନେ ଥାଆନ୍ତି। ଆପଣ ରାତି ପାହିଲେ ଖବର କାଗଜର ପୃଷ୍ଠା ଦେଖନ୍ତୁ ଗୋଟିଏ ଛୋଟିଆ ଲୋକଟିଏ ମଧ୍ୟ ସୁପ୍ରିମକୋର୍ଟର ଦ୍ୱାରରେ ପହଞ୍ଚି ପାରୁଛି ଆଉ ତା ନ୍ୟାୟ ସେ ପାଇପାରୁଛି। ବିଳମ୍ବ ହୋଇପାରେ କିନ୍ତୁ ନ୍ୟାୟ ନିଶ୍ଚିନ୍ତ ଭାବେ ମିଳୁଛି। କିନ୍ତୁ ବେଳେ ବେଳେ ଦେଖାଯାଏ ଏହି ଆଇନର ବ୍ୟବସ୍ଥା ଭିତରେ କିଛି କିଛି ଜ୍ଞାନଗୁଣ, ଦକ୍ଷତା, ନିରପେକ୍ଷତା, ବିଶ୍ୱସନୀୟତା, ଅଭାବବୋଧ ଥିବା ଲୋକ ଏହା ଭିତରକୁ ଅନଧିକାର ଭାବେ ପସି ଯାଉଛନ୍ତି। ଅନେକ ଆଇନଜୀବୀ ରହିଛନ୍ତି ଯେଉଁମାନେ କେବଳ ନାମ ବାଚକ ଆଇନଜୀବୀ। ଆଇନ ପାଠ ପଢ଼ିଛନ୍ତି କୌଣସି ବାରର ସଦସ୍ୟ ଭାବେ ପଞ୍ଜିକୃତ ମଧ୍ୟ ହୋଇଛନ୍ତି କିନ୍ତୁ ସେମାନେ କୋର୍ଟକୁ ଯାଆନ୍ତି ନାହିଁ। ଅନ୍ୟଗଲା ବାଟରେ ଆଇନର ଦ୍ୱାହି ଦେଇ ଆଇନକୁ ନେଇ ବେପାରବଟା କରିବାର ଆସ୍ପର୍ଦ୍ଧା ରଖନ୍ତି। ନିଜ ସ୍ୱାର୍ଥ ବ୍ୟାହତ ହେଲେ କୋର୍ଟ କଚେରୀ ବନ୍ଦ କରିଦିଅନ୍ତି। ଏଥିରେ କୋର୍ଟଙ୍କର କୌଣସି ସ୍ୱାର୍ଥ ନଥାଏ କିନ୍ତୁ ନିରୀହ ଜନସାଧାରଣ ହନ୍ତସନ୍ତ ହୁଅନ୍ତି। ଗତ ବର୍ଷ ମାନ୍ୟବର ସୁପ୍ରିମ କୋର୍ଟ ଅତ୍ୟନ୍ତ କଠୋର ହୋଇ ଏହା ଉପରେ କଡ଼ା ଅଙ୍କୁଶ ଜାରି କରିଛନ୍ତି। କାରଣ ଜଣେ ନିରୀହ ଲୋକଟି ସେମାନଙ୍କ ଆନ୍ଦୋଳନ ଦ୍ୱାରା କ୍ଷତିଗ୍ରସ୍ତ ହୋଇ ନିଜ ନ୍ୟାୟରୁ ବଞ୍ଚିତ ହୋଇଥାଏ ବା ତାର ନ୍ୟାୟର ଆଶା ବିଳମ୍ବିତ ହୋଇଯାଇଥାଏ।

ଗଣତନ୍ତ୍ରର ଚାରୋଟି ସ୍ତମ୍ଭ ଭିତରୁ ନ୍ୟାୟପାଳିକା ଅତ୍ୟନ୍ତ ଶକ୍ତିଶାଳୀ, ସୁଦୃଢ଼ ଓ ବ୍ୟବସ୍ଥିତ ସ୍ତମ୍ଭ। କାରଣ ଅନ୍ୟ ତିନୋଟି ସ୍ତମ୍ଭର ନିର୍ଭରଯୋଗ୍ୟ ଓ ବିଶ୍ୱସ୍ତ ବନ୍ଧୁ ସୁରକ୍ଷାଦାତା ହେଉଛି ନ୍ୟାୟପାଳିକା। ଭାରତ ବର୍ଷରେ ତମାମ ଏହି ନ୍ୟାୟପାଳିକାର ସଭ୍ୟସଭ୍ୟା ବା ପରିବାରର କୁହାଯାଉଥିବା ଆଇନଜୀବୀ ମାନଙ୍କୁ ନେଇ ବିଭିନ୍ନ ରାଜ୍ୟରେ ଆଇନଜୀବୀ ପରିଷଦ ରହିଛି। ଏହି ଆଇନଜୀବୀ ପରିଷଦର ନିର୍ବାଚନ ମାନ୍ୟବର କୋର୍ଟଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ପରିଚାଳିତ ହୋଇଥାଏ। ଓଡ଼ିଶାରେ ମଧ୍ୟ ଓଡ଼ିଶା ଆଇନଜୀବୀ ପରିଷଦ ରହିଛି। ଏହା ହେଉଛି ଓଡ଼ିଶାର ସମସ୍ତ ଆଇନଜୀବୀ ସଭ୍ୟସଭ୍ୟା ମାନଙ୍କ ମୂଳ ଅନୁଷ୍ଠାନ। ଏହାପରେ ବିଭିନ୍ନ ବାର ଆସୋସିଏସନ ରହିଛି। ଯେପରି ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ହେଉଛି ସବୁଠାରୁ ବଡ଼ ବାର ଆସୋସିଏସନ। କିଛି ବର୍ଷ ହେଲା ବିଭିନ୍ନ ଅଭିଯୋଗ, ମନମାନି, ଗଫଲତି ଓ ନିରପେକ୍ଷତା ଅଭାବ ଏହିଭଳି ଘଟଣାକୁ ନେଇ ଓଡ଼ିଶା ଆଇନଜୀବୀ ପରିଷଦର ନିର୍ବାଚନ ହୋଇନଥିଲା। ଚଳିତ ବର୍ଷ ଏହି ନିର୍ବାଚନ ହୋଇଛି। ଏଥିରେ ପଚିଶ ଜଣ ସଭ୍ୟସଭ୍ୟା ରହିବାର ବ୍ୟବସ୍ଥା ରହିଛି। ଚଳିତ ବର୍ଷ ଜନୈକ ବରିଷ୍ଠ ଆଇନଜୀବୀ ସୀତାଂଶୁ ମୋହନ ଦ୍ୱିବେଦୀ ନିର୍ବାଚିତ ହୋଇଛନ୍ତି। ତେବେ ତାଙ୍କ ନିର୍ବାଚନକୁ ମଧ୍ୟ ମାନ୍ୟବର କୋର୍ଟଙ୍କ ଦିଗଦର୍ଶନରେ ହୋଇଛି। ତେବେ ଅଭିଯୋଗ ଉଠୁଛି ଯେ ଏହି ନବ ନିର୍ବାଚିତ ସଭାପତି ଗଳାବାଟ ଦେଇ ଅନ୍ୟମାନଙ୍କୁ ପ୍ରରୋଚିତ କରି ଏବଂ ପ୍ରବଳ ଅର୍ଥ ଖର୍ଚ୍ଚ କରି ଏହାକୁ ଜିଣିବାରେ ସକ୍ଷମ ହୋଇଛନ୍ତି। ଆଇନଗତ ଓ ସାମାଜିକ ସ୍ତରରେ କିଛି ପତିଆରା ସୃଷ୍ଟି କରିବା ପାଇଁ ଚାଣକ୍ୟଙ୍କ ସାମ, ଦାନ, ଦଣ୍ଡ, ଭେଦ ନୀତି ଗ୍ରହଣ କରି ସେ ଏହି ନିର୍ବାଚନକୁ ଜିତିବାରେ ସକ୍ଷମ ହୋଇଛନ୍ତି। ଟଙ୍କା ଦେଇ ଭୋଟ କିଣିହୁଏ ତାହା ନବୀନ ବାବୁଙ୍କ ରାଜ୍ୟରେ ଜଳ ଜଳ। କେନ୍ଦ୍ରରେ ମଧ୍ୟ ହେଉଛି କିନ୍ତୁ ଆଇନଜୀବୀ ପରିଷଦ ପରି ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନରେ ଏପରି ବାହୁବଳୀ ଓ ଅର୍ଥବଳୀମାନେ ପ୍ରବେଶ କରିବା ଅର୍ଥ ଆଇନର ବ୍ୟବସ୍ଥା ଭିତରେ ଅର୍ଥ ଓ ବାହୁର ପ୍ରବେଶ। ଅଭିଯୋଗ ବି ଉଠୁଛି ଯେ କିଛି ତଥାକଥିତ ମାଫିଆ, ଅପରାଧି, ନିଶାଖୋର ଓ ଦୁର୍ନୀତିଗ୍ରସ୍ତଙ୍କ ସାହାରା ନେଇ ଏହି ମହାଶୟ ନିର୍ବାଚନକୁ ଜିଣି ନାହାଁନ୍ତି ତ କିଣିଛନ୍ତି। ଭୁବନେଶ୍ୱର କ୍ଲବ, କଟକ କ୍ଲବ ଓ କଟକ ଭୁବନେଶ୍ୱର ମଝି ରାସ୍ତାର କିଛି ଅସାମାଜିକଙ୍କ ନିଷିଦ୍ଧ ଆଡାରେ ଡିଲ୍ ହୋଇ ସେମାନଙ୍କୁ କିଛି ଆଇନର ବଙ୍କାବାଟ ଦେଖାଯାଇ ନିର୍ବାଚନକୁ ନିଜ ପଟକୁ ଢ଼ଳେଇପାରିଛନ୍ତି। ଏ କ୍ଷେତ୍ରରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀମାନେ ଶୋଚନୀୟ ଭାବେ ଚିତପଟାଙ୍ଗ ମାରିଛନ୍ତି। ସମ୍ଭବତଃ ପ୍ରତିଦ୍ୱନ୍ଦ୍ୱୀମାନେ ଏହି ଚାଣକ୍ୟଙ୍କ ନୀତି ସମକକ୍ଷ ହୋଇପାରି ନାହାଁନ୍ତି। କଥାରେ ନାହିଁ 'ମାରିନେଲେ ମହାପାତ୍ରେ ଚାହିଁଥାରେ ଜଳକା'। ଏଠାରେ ଜଳକା କରାଯାଇ ବ୍ୟବସ୍ଥାକୁ ନିଜ ଢ଼ଙ୍ଗରେ ମୋଡି ମକଚି ଏକ ପରିଷଦକୁ ନିଜ ପକେଟରେ ପୁରାଇ ପାରିଥିବା ଏପରି ବ୍ୟକ୍ତିତ୍ୱମାନେ କେଉଁପରି ଆଇନର ଦିଗକୁ ବଙ୍କା କରିପାରନ୍ତି। ଏମାନେ ହେଉଛନ୍ତି ସେହିପରି ଅସାମାଜିକ ତତ୍ତ୍ୱମାନଙ୍କ ପ୍ରତିନିଧି ଯେଉଁମାନେ ଦିନ ଦ୍ୱିପ୍ରହରରେ ଜ୍ଞାନୀଗୁଣୀ ଲୋକଙ୍କ ଆଖିରେ ଶୁଖୁଆକଣ୍ଟା ଗେଞ୍ଜି ଏକ ପ୍ରକାର ଜଳକା ତ ନୁହଁ ଅନ୍ଧ କରିପାରନ୍ତି। ଏ କ୍ଷେତ୍ରରେ ଭଦ୍ର, ଗୁଣୀ, ଜ୍ଞାନୀ, ବିଚାର ମହତ୍ ଥିବା ଆଇନର ନୀତିନିଷ୍ଠ ବ୍ୟକ୍ତିମାନଙ୍କର କୌଣସି ସ୍ଥାନ ନାହିଁ। କେବଳ କଚେରୀ ପାଖରେ ନୁହେଁ ସାରା ଓଡ଼ିଶା ସାରା ଟୁପୁରୁ ଟାପୁରୁ ହେଉଛନ୍ତି ଯେ ଏଥର ଓଡ଼ିଶା ଆଇନଜୀବୀ ପରିଷଦ ନିର୍ବାଚନରେ ପ୍ରବଳ ଟଙ୍କା ଉଡିଲା। ଆଉ ଯିଏ ଉଡେଇ ପାରିଲା ସେ ଗଗନ ବିଜୟୀ ହୋଇଗଲେ। ଯାହାପାଖରେ ଟଙ୍କା ନାହିଁ ତାଙ୍କର ସମ୍ମାନ ବି ନାହିଁ। ଟଙ୍କା ଦେଇ, ମଦ ମାଂସ ଦେଇ ଅନ୍ୟ ବାଟରେ ଖୁସି କରି କିଛି ସତମିଛର ସ୍ୱପ୍ନ ଦେଖାଇ ଏହି ଆଇନର ଯୁଦ୍ଧରେ ଏକ ପ୍ରକାର ଜିତି ଯାଇଛନ୍ତି। କିନ୍ତୁ କଥାରେ ନାହିଁ ଏ ରଙ୍ଗ ରହିଲେ ହେଲା। କାରଣ ଆଜିର ସମାଜରେ ଗୁଣ, ଆଦର୍ଶ, ବ୍ୟକ୍ତିତ୍ୱ, ନିଷ୍କଳଙ୍କ ଚରିତ୍ର, ଅନୁଭବତା, ସମାଜ ପ୍ରତି ଉତ୍ସର୍ଗତା ଚରିତ୍ରର ଆଦର ବି ରହିଛି, ରହିଥିଲା ଆଉ ରହିବ। ପରାଣକୁ ଟିକେ ଯାଆନ୍ତୁ। ମହାଭାରତ ଯୁଦ୍ଧରେ କ'ଣ ଧୃତରାଷ୍ଟ୍ର, ଦ୍ରୋଣ ଓ ଭୀଷ୍ମ, କର୍ଣ୍ଣଙ୍କ ପରି ଶକ୍ତିଶାଳୀ ଚରିତ୍ର ଥାଇ ମଧ୍ୟ ଯୁଧିଷ୍ଠିରଙ୍କ ବିଜୟ ହୋଇଥିଲା। କାରଣ ସେମାନେ ଧର୍ମ ଓ ନ୍ୟାୟର ଯୁଦ୍ଧ ଲଢୁଥିଲେ। ରାମାୟଣରେ ମହାପରାକ୍ରମୀ ରାବଣର ଅଧର୍ମ ଚରିତ୍ରକୁ ରାମଙ୍କ ପବିତ୍ରତା, ସତ୍ୟବାଦୀତା, ପିତୃସମ୍ମାନ ନିଷ୍ଠତା ଓ ନ୍ୟାୟବନ୍ତତା ହିଁ ଯୁଦ୍ଧରେ ବିଜୟୀ କରିଥିଲା। ତେଣୁ ଆଇନର ଶାସନ ରହିବ। ଭାରତର ମର୍ଯ୍ୟାଦାପୂର୍ଣ୍ଣ ଗଣତନ୍ତ୍ର ଓ ସର୍ବୋପରି ନ୍ୟାୟପାଳିକାର ଯେଉଁପରି ନିଷ୍କଳଙ୍କ ଆଦର୍ଶ ଓ ବିଶ୍ୱସନୀୟତା ରହିଛି ତାହା ଯୁଗ ଯୁଗ ପାଇଁ ସମଗ୍ର ବିଶ୍ୱକୁ ଦେଖାଇ ପାରୁଛି ଯେ ଯେତେ ଅନ୍ୟାୟ, ଅନୀତି ହେଉ ବରଂ ସତ ଦିନେ ନା ଦିନେ ସମାଜରେ ପ୍ରତିଦିନର ସୂର୍ଯ୍ୟପରି ଉଦଭାସିତ ହେବ।

+ଆଇନଜୀବୀ ଓ ମାନବାଧିକାର କର୍ମୀ, ୨୨ ସୂର୍ଯ୍ୟବିହାର, ଭୁବନେଶ୍ୱର

# ଚେତନାର ଦର୍ପଣ - ୧୩

## ସୁଖର ପରିଭାଷା



♥ ଲଳିତ ମୋହନ ମିଶ୍ର

ଆମ ଜୀବନ ନଦୀର ଦୁଇଟି କୂଳ ପରି । ଗୋଟିଏ ପାର୍ଶ୍ୱ ହେଉଛି ସୁଖ ଓ ଅନ୍ୟଟି ହେଉଛି ଦୁଃଖ । ଜୀବନରେ ଯାହା ଆମକୁ ପ୍ରତିକୂଳ ଲାଗେ ତାହା ହେଉଛି ଦୁଃଖ ଏବଂ ଯାହା ଅନୁକୂଳ ମନେ ହୁଏ ତାହା ହେଉଛି ସୁଖ । ସମସ୍ତଙ୍କ ଚିନ୍ତା କରିବାର, ବୁଝିବାର, ଅନୁଭବ କରିବାର ଶୈଳୀ ସମ୍ପୂର୍ଣ୍ଣ ଭିନ୍ନ । ଯାହା ଜଣକୁ ଖୁସି ଲାଗେ ଅନ୍ୟ ଜଣକୁ ତାହା ଦୁଃଖଦାୟକ ମନେ ହୋଇପାରେ । ଦୁଃଖ, ଅସୁବିଧା ଏସବୁ ଖରାପ ଜିନିଷ ନୁହେଁ । କାରଣ ସେମାନେ ବ୍ୟକ୍ତିଙ୍କୁ ସଚେତନ କରିବାକୁ ଆସନ୍ତି । ଯାହା ଦ୍ୱାରା ବ୍ୟକ୍ତି ସତର୍କ ହୋଇଥାଏ । ତେଣୁ ବିଦ୍ୱାନ ବ୍ୟକ୍ତି କେବେ ବି ଦୁଃଖରେ ମର୍ମାହତ ହୁଏ ନାହିଁ । ସେ ଆତ୍ମବିଶ୍ୱାସ ଏବଂ ସାହସର ସହିତ ତାହାର ମୁକାବିଲା କରେ । ଶେଷରେ ବିଜୟୀ ହୁଏ ଏବଂ ଦୁଃଖକୁ ସୁଖରେ ପରିଣତ କରିଦିଏ । ଦୁଃଖର ଅନ୍ତ ହେଉଛି ସୁଖର ପ୍ରାରମ୍ଭ । ସମସ୍ତେ ସୁଖ ଚାହାଁନ୍ତି, କିନ୍ତୁ ସୁଖ କ'ଣ ? ଏହା ଜାଣିବା ଅତ୍ୟନ୍ତ ଜରୁରୀ । ଏହା ଜାଣିବା ପରେ ଆମେ ଜୀବନରେ ସୁଖକୁ ସ୍ଥାୟୀ ଭାବରେ ରଖିବାରେ ସକ୍ଷମ ହୋଇପାରିବା । ତେବେ ଜାଣନ୍ତୁ ସୁଖ କ'ଣ ? ପ୍ରଥମ ସୁଖ ସୁସ୍ଥ ଶରୀର - ଯଦି ଆମ ଶରୀର ସୁସ୍ଥ ଅଛି ତେବେ ପ୍ରତ୍ୟେକ ଜିନିଷ, ପ୍ରତ୍ୟେକ ପରିବେଶ ଆମ ପାଇଁ ଭଲ । ଯଦି ଆମ ଶରୀର ଅସୁସ୍ଥ ତେବେ ଧନ, ଯଶ, କିର୍ତ୍ତୀ , କୋଠାବାଡି ସବୁ ବେକାର । ଘରେ ସୁଖ ରହିବା ଦରକାର । ଯଦି ଆପଣଙ୍କର ବ୍ୟକ୍ତିଗତ ଧନ ଅଛି, ତେବେ ଜୀବନ ବଞ୍ଚିବାର କୌଣସି ଅସୁବିଧା ନାହିଁ। ନଚେତ୍ ଅର୍ଥ ବିନା ବ୍ୟକ୍ତି ଜୀବନ ବ୍ୟର୍ଥ । ତୃତୀୟ ସୁଖ - ଯଦି ଆଜ୍ଞାକାରୀ ସନ୍ତାନ , ପରିଶ୍ରମୀ, ସଚ୍ଚୋଟତା ଓ ବୁଦ୍ଧିମାନ ତେବେ ଘରେ ସବୁବେଳେ ଖୁସିର ବାତାବରଣ ରହିଥାଏ। ଏବଂ ପିଲାମାନଙ୍କ ଦ୍ୱାରା ହସଖୁସିର ବାତାବରଣ ସୃଷ୍ଟି ହୋଇଥାଏ। ଚତୁର୍ଥ ଖୁସି ପାରିବାରିକ ଏକତା - ଯେତେବେଳେ ଆମ ଘରର ବାତାବରଣ ଅନୁକୂଳ ରହିବ, ସେତେବେଳେ ଆମେ ଏସବୁ ପାଇପାରିବା । ଘରର ସମସ୍ତ ଛୋଟ ବଡ଼ ସଦସ୍ୟଙ୍କ ମଧ୍ୟରେ ପାରସ୍ପରିକ ସୌହାର୍ଦ୍ଦ୍ୟ ଓ ପ୍ରେମ ରହିବ। ସ୍ୱାମୀ-ସ୍ତ୍ରୀ, ବାପ -ପୁଅ, ମା'-ପୁଅ, ଝିଅ, ଭାଇ-ଭଉଣୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଓ ଉତ୍ତମ ଭାବନା ରହିବ ତେବେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହେବ। ପଞ୍ଚମ ଖୁସି - ଯଦି ଆମ ଦେଶର ପ୍ରଶାସନିକ ବ୍ୟବସ୍ଥା ସୁଲଭ, ସୁନ୍ଦର ଓ ଜନହିତକର ହୁଏ, ତେବେ ଆମେ ଏହାର ଯଥେଷ୍ଟ ଫାଇଦା ଉଠାଇପାରିବା। ଦେଶଭକ୍ତି ଭାବନାରେ ପରିପୂର୍ଣ୍ଣ ହୋଇ ଆମେ ନିଜ ଦେଶ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ହେବା । ଏହାଦ୍ୱାରା ଆମ ଦେଶରେ ପ୍ରଚଳିତ ସୁବିଧାସୁଯୋଗର ସମ୍ପୂର୍ଣ୍ଣ ଉପଯୋଗ କରିପାରିବା । ଷଷ୍ଠ ସୁଖ - ସୁସ୍ଥାନ ବାସ। ଯେଉଁଠାରେ ଆମକୁ ରହିବାକୁ ହେବ ତାହା ଶୁଦ୍ଧ, ଉତ୍ତମ ଏବଂ ପାରସ୍ପରିକ ପ୍ରେମ-ସୌହାର୍ଦ୍ଦ୍ୟଭାବ ରହିବା ଉଚିତ୍ । ସବୁଜ ପରିବେଶ ଦ୍ୱାରା କେବଳ ଉତ୍ତମ ସ୍ୱାସ୍ଥ୍ୟ ମିଳିନଥାଏ ବରଂ ହୃଦୟ ଓ ମନ ସଦା ଖୁସି ରହିଥାଏ । ସପ୍ତମ ସୁଖ - ସାକ୍ଷରତା ହେଉଛି ଜୀବନର ସବୁଠାରୁ ବଡ ଖୁସି । କାରଣ ଶିକ୍ଷା ଏମିତି ଏକ ଚାବିକାଠି, ଯାହାଦ୍ୱାରା ଆମେ ଯେକୌଣସି ତାଲା ଖୋଲି ପାରିବା । ଯେତେବେଳେ ବି କୌଣସି ବିଷମ ପରିସ୍ଥିତି ଆସେ, ସେଭଳି ପରିସ୍ଥିତିରେ ଆପଣଙ୍କର ଜ୍ଞାନଦ୍ୱାରା ବିଷମ ପରିସ୍ଥିତିକୁ ଏଡ଼ାଇ ଦେଇ ପାରିବେ। ମୋଟାମୋଟି କହିବାକୁ ଗଲେ ଯଦି ଆପଣଙ୍କ ପାଖରେ ଏହି ସାତଟି ଜିନିଷ ଅଛି । ତେବେ ଆପଣ ଖୁସି ଓ ସୁଖଶାନ୍ତିରେ ଜୀବନ ବିତାଇବେ। ଏହା ବି ଭୁଲିବା ଉଚିତ୍ ନୁହେଁ ଯେ ଆମେ ଏହି ସାତଟି ଜିନିଷ ଭଗବାନଙ୍କଠାରୁ ପାଇଛୁ । ତେଣୁ ସଦା ଭଗବାନଙ୍କୁ ସ୍ମରଣ କରିବା ହେଉଛି ସବୁଠାରୁ ବଡ଼ ଆନନ୍ଦ । ଯଦି ଭଗବାନଙ୍କ ହାତ ଆମ ଉପରେ ରହେ ତେବେ ଏହି ସାତଟି ସୁଖ ପାଇପାରିବା । ତେଣୁ ଭଗବାନଙ୍କ ପ୍ରତି ଭକ୍ତି ହିଁ ସବୁଠାରୁ ବଡ଼ ସୁଖ।

♥ କୁରାଳ, ନୟାଗଡ,
(ମୋ) ୯୪୩୭୯୮୫୮୬୬

## ॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



### ଆମର ନଇକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

### ( ୧୨ )
### ସେଦିନର ବସ୍ ଯାତ୍ରୀ

**ମୋ ପାଖରେ ବସିଲେ ମୋରି ବୟସର ଜଣେ ସୌମ୍ୟକାନ୍ତ ଯୁବକ -କମର୍ଦ୍ଦା ପାଖ କଟିସାହିର ଗିରିଜା କିଙ୍କର ମହାନ୍ତି । ପିନ୍ଧିଥିଲେ ମୋରି ଭଳି ଧୋତି ଓ ପୁରା ଜାମା। ତାଙ୍କର ଆଉ କେତେଜଣ ବନ୍ଧୁବି ସେଇ ଏକା ଉଦ୍ଦେଶ୍ୟରେ ଫକୀର ମୋହନ କଲେଜକୁ ଯାଉଥଲେ। ଅଚିହ୍ନାପଣ ବେଶୀ ସମୟ ରହିଲାନି। ପ୍ରଥମେ ପ୍ରଥେମେ ଦୁହେଁ କିଛି କଥାକୁ ନେଇ ପରସ୍ପରର ବିରୋଧ କରୁଥିଲେବି ପରେ ଆମେ ସହମତି ପ୍ରକାଶ କଲୁ । ଦୁହେଁ ଏକାଦିନେ ଏକା ଶ୍ରେଣୀରେ ଭର୍ତ୍ତି ହେଲୁ। ଏକାରକମର ବିଷୟସବୁ ରଖିଥିଲୁ। ପୁଣି କଲେଜରେ ଗୋଟିଏ ଛାତ୍ର ସଂଗଠନର ସଭ୍ୟ ହେଲୁ ।**

୧୯୬୦ ମସିହାର କଥା ।

ଜଳେଶ୍ୱର ହାଇସ୍କୁଲରୁ ମେଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲି । ଅଧିକ ପଢିବାର ଇଚ୍ଛାଥିଲା ପ୍ରବଳ । ମାତ୍ର ମୋପାଇଁ ସବୁଠାରୁ ବଡ ବାଧକ ଥିଲା ଦାରିଦ୍ର୍ୟ ।

ସେତେବେଳେ ବାଲେଶ୍ୱର ଜିଲ୍ଲାରେ ମାତ୍ର ଦୁଇଟି ମହାବିଦ୍ୟାଳୟ ଥାଏ।, ଯଥା:- ଫକୀରମୋହନ ମହାବିଦ୍ୟାଳୟ, ବାଲେଶ୍ୱର, ସରକାରୀ ସ୍ତରରେ ଓ ଭଦ୍ରକ ମହାବିଦ୍ୟାଳୟ, ବେସରକାରୀ ସ୍ତରରେ । (ପରେ ଅବଶ୍ୟ ଭଦ୍ରକ କଲେଜ ସରକାର ନିଜ ହାତକୁ ନେବାରୁ ତାହା ସରକାରୀ କଲେଜ ଭାବରେ ପରିଗଣିତ ହେଲା)। ଘରକୁ ପାଖ ହେବବୋଲି ଫକୀରମୋହନ ମହାବିଦ୍ୟାଳୟରେ +୨ କଳାରେ ପଢିବାପାଇଁ ଦରଖାସ୍ତ କଲି । ଡାକଯୋଗେ ମୋ ପାଖକୁ ଫର୍ମ ଆସିଲା । ପୁଣି ତାକୁ ପୂରଣକରି ସେଇ ଡାକଯୋଗେ ଅଧ୍ୟକ୍ଷଙ୍କ ପାଖକୁ ପଠାଇଦେଲି। ଯଥା ସମୟରେ ଏକ ନିର୍ଦ୍ଦିଷ୍ଟ ତାରିଖରେ କଲେଜରେ ଭର୍ତ୍ତି ହେବାପାଇଁ ପତ୍ର ପାଇଲି।

ତା' ପୂର୍ବରୁ କେବଳ ଦୁଇଥର ବାଲେଶ୍ୱର ଯାଇଥିଲି। ଥରେ ପ୍ରାଥମିକ ବିଦ୍ୟାଳୟ ବା ପଞ୍ଚମ ଶ୍ରେଣୀରେ ବୃତ୍ତି ପରୀକ୍ଷା ଦେବାପାଇଁ, ଆଉଥରେ ମେଟ୍ରିକ ପରୀକ୍ଷା ଦେବାପାଇଁ । ପ୍ରଥମଥର ବାଲେଶ୍ୱର ମିଶନ ଗାର୍ଲସ ପ୍ରାଥମିକ ବିଦ୍ୟାଳୟରେ, ଦ୍ୱିତୀୟଥର ବାଲେଶ୍ୱର ମିଶନ ହାଇସ୍କୁଲରେ ପରୀକ୍ଷା-କେନ୍ଦ୍ର ହୋଇଥିଲା। ତଥାପି, ତୃତୀୟ ଥର ଏକା ଯିବାପାଇଁ ସାହସ ହେଲାନି ।

ନିର୍ଦ୍ଦିଷ୍ଟଦିନ ବାପାଙ୍କ ସାଥୀରେ ଜଳେଶ୍ୱର ଗଲି । ସେତେବେଳେ ଜଳେଶ୍ୱର ରେଳ ଷ୍ଟେସନରେ ଦିନରେ ରହୁଥିବା ଏକମାତ୍ର ପାସେଞ୍ଜର ଟ୍ରେନ -ହାଓଡା-ପୁରୀ ପାସେଞ୍ଜର ଟ୍ରେନ ଭୋର ୪ଟାରୁ ଯାଉଥିଲା। ବର୍ଷାଦିନ ଯୋଗୁଁ ରାତିରୁ ନଦୀ ପାରି ହୋଇ ଜଳେଶ୍ୱର ଯିବା ସମ୍ଭବ ନଥିଲା। କାରଣ, ଘାଟରୁ ପ୍ରାୟ ସକାଳ ୭ଟାରେ ଲୋକ ନେଇ ନୌକା ଆରପାଖକୁ ଯାଉଥିଲା।

ଯାହାହେଉ, ଜଳେଶ୍ୱରରୁ ବସରେ ଯାଇ ସେକ୍ ସରାଇ ନୌକାଘାଟରେ ପହଞ୍ଚିଲୁ । ସେ ବସ୍ ସେଇଠି କିଛି ସମୟ ରହି ନଦୀ ଆରପଟରୁ ବିଭିନ୍ନ ସ୍ଥାନରୁ ଓ ଅନ୍ୟଏକ ବସରେ ବାଲେଶ୍ୱରରୁ ଆସିଥିବା ଲୋକଙ୍କୁ ନେଇ ଜଳେଶ୍ୱର ଫେରିଗଲା। ଆମେ ଦୌଡିଦୌଡି ଯାଇ ନୌକାରେ ଚଢିଲୁ। ପୁଣି, ନୌକା ରାଜଘାଟ ନୌକାଘାଟରେ ଲାଗିବାମାତ୍ରେ ସଙ୍ଗେସଙ୍ଗେ ନୌକାରୁ ଉହ୍ଲାଇ ବା ଡିଆଁମାରି କିଏ ଦୌଡି ଦୌଡି ବା କେହି କେହି କ୍ଷୀପ୍ର ପାଦରେ ଯାଇ ବାଲେଶ୍ୱରକୁ ଯିବାପାଇଁ ଅପେକ୍ଷା କରିଥିବା ଏକମାତ୍ର ବସ୍ ରେ ଚଢୁଥିଲେ। ସେ ଦୃଶ୍ୟ ଥିଲ। -ଏକା ବୟସର ପିଲା/ଯୁବକମାନଙ୍କ ମଧ୍ୟରେ ଚାଲିଥିବା ଦୌଡ ପ୍ରତିଯୋଗିତାରେ ଭାଗନେଇ ଦୌଡିବା ସମୟରେ ମୋଟା ସାଙ୍ଗ ଜଣକ ପଡିଗଲେ ଅନ୍ୟସାଥୀ ଓ ଦେଖଣାହାରୀମାନେ ଯେମିତି ହସି ଉଠନ୍ତି, ସେଇଭଳି ହସ ଉଦ୍ରେକକାରୀ। ପୁଣି, ଆଜିର ଦରଦାମ ବୃଦ୍ଧ ଯୋଗୁଁ ଯେମିତି ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି, ସେଇଭଳି ଯନ୍ତ୍ରଣାଦାୟକ। ସ୍ତ୍ରୀଲୋକ ଓ ପିଲାମାନଙ୍କ ଦୁରାବସ୍ଥା କହିଲେ ନସରେ 'ମହିଳାଙ୍କୁ ପ୍ରଥମେ ସୁଯୋଗ ଦିଅନ୍ତୁ' -ସେ ପରିସ୍ଥିତିରେ ସେ ପରାମର୍ଶ ମୂଲ୍ୟହୀନ ବିବେଚିତ ହୁଏ ।

କୌଣସି ପ୍ରକାରେ ଭିଡଠେଲି ବସ୍ ଭିତରକୁ ପଶିଗଲେ ବି ଦୁଃଖ ଦୂର ହୁଏନି । ପୁଣି ଏକା ପରିସ୍ଥିତି ଦେଖାଦିଏ ବସିବାପାଇଁ। ନଦୀ ଆରପାଖରୁ ଯିଏ ବସିକି ଆସି ଥାଉନା କାହିଁକି, ସିଏ ଏ ପାଖ ବସ ରେ ବସିବା ପାଇଁ ଜାଗା ନ ପାଇପାରେ। ସବୁଠାରୁ ଦୟନୀୟ ଅବସ୍ଥା ହୁଏ ବାଟଗାଁ ପାଖରୁ ବସ୍‌ରେ ବସିକି ଆସିଥିବା ଯାତ୍ରୀମାନଙ୍କର। ସେମାନେ ସିଟ୍ ପାଇପାରନ୍ତି ନ ପାଇପାରନ୍ତିବି। ଫେରିବା ବେଳେବି ସେଇ ଏକା ଅବସ୍ଥା। ତେବେ ଫେରିବାବେଳେ ଜଳେଶ୍ୱର ପର୍ଯ୍ୟନ୍ତ ଯାଉଥିବା କେତେକ ଯାତ୍ରୀ 'ଉଦାର ମନୋଭାବ' ଦେଖାଇ ଆଉ ବସିବାର ଚେଷ୍ଟା କରନ୍ତିନି । ( କାରଣ, ଜଳେଶ୍ୱର ସେଠାରୁ ଆଉ ମାତ୍ର ୫/୬ କି:ମି:ବାଟ ) ଫଳରେ କେତେଜଣ ଦୂର ପଥ ଯାତ୍ରୀ ବସିବାର 'ସୌଭାଗ୍ୟ' ଲାଭ କରନ୍ତି !

ସେ ଦୁରବସ୍ଥା ଦୂର ହେବାର ସୂଚନା ମିଳିଲା ଯେତେବେଳେ ପୂ: ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ସ୍ଥାୟୀ ପୋଲପାଇଁ ଭିତ୍ତିପ୍ରସ୍ତର ସ୍ଥାପନକଲେ ଓ ପରେ ଯେତେବେଳେ କାମ ସରିବାପରେ ଲୋକଙ୍କ ଯିବା ଆସିବା ପାଇଁ ଖୋଲି ଦିଆଗଲା। ପ୍ରଥମେ ଯନ୍ତ୍ର ଚାଳିତ ଯାନପାଇଁ ଟିକସ ନିଆଯାଉଥିଲେବି, ପରେ ସମସ୍ତେ ଅବାଧରେ ଯିବାଆସିବା କଲେ ।

ଯାହେଉ, ଆମେ ବାପ ପୁଅ ଥିଲୁ ଭାଗ୍ୟବାନ। ବାପା ଭିଡଠେଲି ବସ୍ ଭିତରକୁ ଯାଇ କୌଣସି ପ୍ରକାରେ ସେ ନିଜେ ବସିବା ସହିତ ମୋ ପାଇଁବି ବସିବା-ଜାଗା ରଖିଥିଲେ।

ମୋ ପାଖରେ ବସିଲେ ମୋରି ବୟସର ଜଣେ ସୌମ୍ୟକାନ୍ତ ଯୁବକ -କମର୍ଦ୍ଦା ପାଖ କଟିସାହିର ଗିରିଜା କିଙ୍କର ମହାନ୍ତି । ପିନ୍ଧିଥିଲେ ମୋରି ଭଳି ଧୋତି ଓ ପୁରା ଜାମା। ତାଙ୍କର ଆଉ କେତେଜଣ ବନ୍ଧୁବି ସେଇ ଏକା ଉଦ୍ଦେଶ୍ୟରେ ଫକୀର ମୋହନ କଲେଜକୁ ଯାଉଥଲେ। ଅଚିହ୍ନାପଣ ବେଶୀ ସମୟ ରହିଲାନି। ପ୍ରଥମେ ପ୍ରଥେମେ ଦୁହେଁ କିଛି କଥାକୁ ନେଇ ପରସ୍ପରର ବିରୋଧ କରୁଥିଲେବି ପରେ ଆମେ ସହମତି ପ୍ରକାଶ କଲୁ । ଦୁହେଁ ଏକାଦିନେ ଏକା ଶ୍ରେଣୀରେ ଭର୍ତ୍ତି ହେଲୁ। ଏକାରକମର ବିଷୟସବୁ ରଖିଥିଲୁ। ପୁଣି,କଲେଜରେ ଗୋଟିଏ ଛାତ୍ର ସଂଗଠନର ସଭ୍ୟ ହେଲୁ ।

ପରବର୍ତ୍ତୀ ସମୟର ସେ ହେଲେ ମୋର ଜଣେ ଉତ୍ତମ ବନ୍ଧୁ --ମାନେ ପ୍ରକୃତ ବନ୍ଧୁପରି ବନ୍ଧୁ ଜଣେ । ବାରାନ୍ତରେ ତାଙ୍କକଥା କହିବି।

ତେବେ, ସେଇଦିନ ପରଠୁ, ଅନେକ ଥର ନଦୀ ପାର ହେବାପରେ ଦୌଡି ଦୌଡି ଯାଇ ଅନ୍ୟ ଏକ ବସ୍‌କୁ ଉଠିବା ପାଇଁ ଭିଡଠେଲି ଭିତରକୁ ଯାଇ ପୁଣି ବସିବା ସ୍ଥାନ ପାଇବାପାଇଁ ପରସ୍ପର ଭିତରେ କଳିଗୋଳ କରିଛି ଏବଂ ସ୍ୱାର୍ଥପର ହୋଇ ମହିଳା ଓ କମ୍ ବୟସର ପିଲାଙ୍କୁ ବସିବାପାଇଁ ଜାଗା ଦେଇ ନ ଥିବା ଯୋଗୁଁ ପରବର୍ତ୍ତୀ ସମୟରେ ମୁଁ ଦେହ ଓ ମନରେ ଅନୁଭବ କରିଛି ଗଭୀର ଯନ୍ତ୍ରଣା ଓ ଗ୍ଲାନିବୋଧ। ସେସବୁ ଆଜିଯାଏ ମୁଁ ଭୁଲି ପାରିନି।

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ଓଡ଼ିଆ ସାହିତ୍ୟର କଥା ସମ୍ରାଟ ବ୍ୟାସକବି ଫକୀରମୋହନ ସେନାପତି

ବିଶ୍ୱବିଜୟୀ ଦାଶ

୧୮୪୩ ମସିହା ଜାନୁୟାରୀ ୧୩ ତାରିଖ ରେ ପବିତ୍ର ମକରସଂକ୍ରାନ୍ତି ଦିନ ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଓଡ଼ିଆ ଗାଳ୍ପିକ ତଥା ଔପନ୍ୟାସିକ ବ୍ୟାସକବି ଫକୀରମୋହନ ସେନାପତି।

ତାଙ୍କ ପିତାଙ୍କ ନାମ ଲକ୍ଷ୍ମଣ ଚରଣ ସେନାପତି ଓ ମାତାଙ୍କ ନାମ ତୁଳସୀ ଦେବୀ ସେନାପତି। ଓଡ଼ିଶାରେ ଫକୀରମୋହନଙ୍କ ଜନ୍ମଜୟନ୍ତୀକୁ ୧୪ ଜାନୁୟାରୀରେ ପାଳନ କରି ଆସୁଥିଲେ ମଧ୍ୟ ସଂକ୍ରାନ୍ତି ପୁରୁଷ ଙ୍କ ଜନ୍ମବର୍ଷ ମକର ସଂକ୍ରାନ୍ତି ଜାନୁୟାରୀ ୧୩ ତାରିଖ ରେ ପଡ଼ିଥିବାରୁ ତାଙ୍କର ପ୍ରକୃତ ଜନ୍ମତାରିଖ ୧୩ ଜାନୁୟାରୀ ୧୮୪୩।

ତାଙ୍କୁ ଏକ ବର୍ଷ ପାଞ୍ଚ ମାସ ବୟସ ବେଳେ ତାଙ୍କ ପିତା ଲକ୍ଷ୍ମଣ ଚରଣ ସେନାପତିଙ୍କର ମୃତ୍ୟୁ ଘଟିଲା । ଏହାର ମାତ୍ର ୧୪ ମାସ ପରେ ତାଙ୍କ ମାତା ତୁଳସୀ ଦେବୀ ସେନାପତି ମଧ୍ୟ ଇହଧାମ ତ୍ୟାଗ କରିଥିଲେ। ବାଲ୍ୟକାଳରୁ ତାଙ୍କର ଲାଳନପାଳନ ଭାର ତାଙ୍କର ଜେଜେମା ସମ୍ଭାଳିଥିଲେ।

ଫକୀରମୋହନଙ୍କ ପ୍ରକୃତ ନାମ ଥିଲା ବ୍ରଜମୋହନ । ବାଲ୍ୟକାଳରେ ସେ ପ୍ରାୟତଃ ଅସୁସ୍ଥ ରହୁଥିବାରୁ ତାଙ୍କ ଜେଜେ ତାଙ୍କୁ ଫକୀରମାନଙ୍କ ପାଖକୁ ନେଇଯାଉଥିଲେ । ସେହି ଫକୀରମାନଙ୍କ ସମ୍ମାନାର୍ଥେ ତାଙ୍କ ଜେଜେମା' ତାଙ୍କ ନାଁ ବଦଳାଇ କରିଦେଲେ ଫକୀରମୋହନ।

ଫକୀରମୋହନଙ୍କ ଅସୁସ୍ଥତା ଓ ଅର୍ଥର ଅଭାବ ସକାଶେ ମଧ୍ୟ ସେ ମାଇନର ପାଶ୍ କଲା ପରେ ବାଲେଶ୍ୱରର ବାରବାଟୀ ସ୍କୁଲରେ ବିଦ୍ୟାଧ୍ୟୟନ ଜାରି ରଖିଥିଲେ । ସେଠାରେ ସେ ଇତିହାସ, ଭୂଗୋଳ ଏବଂ ଗଣିତ ଶିକ୍ଷା କରୁଥିଲେ। ସେ ନିଜର ପାରଦର୍ଶିତା ଯୋଗୁଁ ଶିକ୍ଷକ ମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ଆର୍ଥିକ ଦୁରବସ୍ଥା ଯୋଗୁଁ ବିଦ୍ୟାଳୟର ମାସିକ ଖର୍ଚ୍ଚ ୨୫ ପଇସା ଦେଇ ନ ପାରି ତାଙ୍କୁ ପାଠପଢ଼ା ତ୍ୟାଗ କରିବାକୁ ପଡ଼ିଥିଲା ଏବଂ ସେହି ବାରବାଟୀ ସ୍କୁଲରେ ତାଙ୍କୁ ମାସିକ ୨.୫୦ ଟଙ୍କା ଦରମାରେ ଶିକ୍ଷକ ଚାକିରୀ କରିବାକୁ ହୋଇଥିଲା। ସେଠାରେ ସେ ଇତିହାସ, ଭୂଗୋଳ ଏବଂ ଗଣିତରେ ଶିକ୍ଷାଦାନ ଆରମ୍ଭ କରିଦେଲେ। ଏହି ସବୁ ବିଷୟରେ ସେ ନିଜେ ନିଜର ଜ୍ଞାନକୁ ପ୍ରଗାଢ଼ କରିପାରିଥିଲେ। ବାଲେଶ୍ୱର କଲେକ୍ଟରେଟ୍‌ରେ କିଛି କାଳ ପାଇଁ ସେ କିରାଣୀ ଚାକିରି କରିଥିଲେ । ପରବର୍ତ୍ତୀ କାଳରେ ସେ ବାଲେଶ୍ୱର ମିଶନ ସ୍କୁଲରେ ୧୮୭୧ ଯାଏଁ ଶିକ୍ଷକତା କରିଥିଲେ।

ଓଡ଼ିଆ ଭାଷା ସାହିତ୍ୟକୁ ସୁରକ୍ଷା ଦେବାରେ ହେଉ ଓ ସମାଜ ସଂସ୍କାର ଦିଗରେ ହେଉ, ତାଙ୍କର ଅବଦାନ ଅତୁଳନୀୟ ହୋଇରହିଛି। ସେ ଲେଖିଯାଇଥିବା ଗଳ୍ପ ଓ ଔପନ୍ୟାସିକ ଗୁଡ଼ିକ ଆଜି ବି ଅନ୍ୟ ଗାଳ୍ପିକ ମାନଙ୍କ ପାଇଁ ମାଇଲ ଖୁଣ୍ଟ ହୋଇ ରହିଛି।

ଜଣେ ସୁଦକ୍ଷ ସେନାପତି ଯେପରି ନିଜର ଉପସ୍ଥିତ ବୁଦ୍ଧି, ସାହାସ ଓ ଶକ୍ତି ଦ୍ୱାରା ଯୁଦ୍ଧକ୍ଷେତ୍ରରେ ବିଜୟର ଧ୍ୱଜା ଉଡ଼ାଇଥାଏ, ଠିକ୍ ସେହିପରି ବ୍ୟାସକବି ଫକୀରମୋହନ ସେନାପତି କଠିନ ସଂଗ୍ରାମ କରି ଆମ ମାତୃଭାଷାକୁ ବିଜୟ ମୁକୁଟ ପିନ୍ଧାଇ ଥିଲେ ଏବଂ ଫକୀରମୋହନ ସେନାପତି,ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସହ ଓଡ଼ିଆ ଭାଷା ଆନ୍ଦୋଳନର ପୁରୋଧା ଭାବରେ ଓଡ଼ିଆ ଭାଷାକୁ ବିଦେଶୀମାନଙ୍କ କବଳରୁ ବଞ୍ଚାଇବା ପାଇଁ ଲଢିଥିଲେ।

୧୮୬୮ ମସିହାରେ ଫକୀରମୋହନ ବାଲେଶ୍ୱରରେ ଏକ ପ୍ରେସ ପ୍ରତିଷ୍ଠା କରିବା ସହ କରିଥିଲେ ଓଡ଼ିଆ ଭାଷା ଆନ୍ଦୋଳନ ଯୁଦ୍ଧର ଅୟମାରମ୍ଭ।ଏହି ପ୍ରେସର ପ୍ରତିଷ୍ଠା ହେବା ପରେ ବହୁ ପାଠ୍ୟ ପୁସ୍ତକ ପ୍ରକାଶ କରିବା ସହ ଓଡ଼ିଆ ଭାଷାକୁ ସମୃଦ୍ଧ କରିଥିଲେ।ଗୌରୀଶଙ୍କର ରାୟଙ୍କ ଉତ୍କଳ ଦୀପିକା ସମ୍ବାଦପତ୍ର ଭଳି ତାଙ୍କରି ସମ୍ପାଦନାରେ ବାଲେଶ୍ୱରରୁ ପ୍ରକାଶ ହୋଇଥିଲା ପାକ୍ଷିକ ସାହିତ୍ୟପତ୍ର 'ବୋଧଦାୟିନୀ' ଓ ଦୈନିକ ଓଡ଼ିଆ ସମ୍ବାଦପତ୍ର 'ସମ୍ବାଦ ବାହିକା'। ଯାହା ତାଙ୍କର ଅକ୍ଳାନ୍ତ ପରିଶ୍ରମ, ପ୍ରାଣପାତ ଉଦ୍ୟମ, ଗଭୀର ଆତ୍ମବିଶ୍ୱାସ, ଜାତିପ୍ରୀତି ଓ କର୍ତ୍ତବ୍ୟନିଷ୍ଠାର ସୁସ୍ପଷ୍ଟ ପରିଚୟ। ଓଡ଼ିଆ ସାହିତ୍ୟକୁ ତାଙ୍କର ଥିଲା ଅନନ୍ୟ ଦାନ । ନିଜ ଲେଖନୀ ମୁନରେ ସି ଏ ଓଡ଼ିଆ ଭାଷାକୁ ଜୀବନ୍ତ କରି ଗଢି ତୋଳିଥିଲେ ।



ସେହି ସମୟର ସାଧାରଣ ସାମାଜିକ ଚଳଣିକୁ ନେଇ ହିଁ ସେ ରଚିଛନ୍ତି ଅନେକ ଉପନ୍ୟାସ, ପୁସ୍ତକ । ତାଙ୍କ ରଚନାରେ ତତକାଳୀନ ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ଅବସ୍ଥା ଗୁଡିକ ସହଜରେ ବାରି ହୋଇପଡେ। ୧୮୯୭ରୁ ୧୯୧୫ ମଧ୍ୟରେ ରଚିତ ତାଙ୍କର ଚାରୋଟି ଉପନ୍ୟାସ - 'ଛ' ମାଣ ଆଠ ଗୁଣ୍ଠ', 'ମାମୁଁ', 'ପ୍ରାୟଶ୍ଚିତ' ଓ 'ଲଛମା' ତତ୍କାଳୀନ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଓଡ଼ିଶାର ସାମାଜିକ ଅବସ୍ଥାର ନିଚ୍ଛକ ଦର୍ପଣ । ଛ' ମାଣ ଆଠ ଗୁଣ୍ଠ ଉପନ୍ୟାସରେ ଜମିଦାରମାନଙ୍କ ଦେଇ ଗରିବ ଚାଷୀମାନଙ୍କର ଶୋଷଣର କାହାଣୀ ବର୍ଣ୍ଣିତ ହୋଇଛି । ଓଡ଼ିଆର ପ୍ରଥମ ଆତ୍ମଜୀବନୀର ମଧ୍ୟ ସେ ଥିଲେ ରଚୟିତା । ଏହାର ନାମ ଥିଲା 'ଆତ୍ମ ଜୀବନ ଚରିତ' ।

ଫକୀରମୋହନ ସେନାପତି ଓଡ଼ିଆ ଗଳ୍ପ ସାହିତ୍ୟର ଜନକ । ଫକୀରମୋହନ ତାଙ୍କ ଜୀବନର ଶେଷ ୨୧ ବର୍ଷ ମଧ୍ୟରେ ଗଳ୍ପ ଏବଂ ଉପନ୍ୟାସ ରଚନା କରିଛନ୍ତି । ୧୮୬୦ରେ ଫକୀରମୋହନଙ୍କ ରଚିତ କ୍ଷୁଦ୍ରଗଳ୍ପ 'ଲଛମନିଆ', ତାଙ୍କରି ଦ୍ୱାରା ସମ୍ପାଦିତ।

୧୮୯୮ରେ ତାଙ୍କ ରଚିତ 'ରେବତୀ' ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିଲା ପ୍ରଥମ ଓଡ଼ିଆ ଗଳ୍ପର ମାନ୍ୟତା ପାଏ । 'ରେବତୀ' ଗଳ୍ପଟିରେ ଗୋଟିଏ ଛୋଟ ଝିଅର ପାଠ ପଢିବାର ଉତ୍ସାହ ଓ ଏଥିରେ ତା'ର ଅନ୍ତରାୟ ସାଜୁଥିବା ପାରମ୍ପରିକ ଅନ୍ଧବିଶ୍ୱାସପୂର୍ଣ୍ଣ ଗ୍ରାମୀଣ ସମାଜର ଚିତ୍ରଣ କରାଯାଇଛି। ପରେ ଯେବେ ଗାଁରେ ମହାମାରୀ ବ୍ୟାପିଛି ଏଥିପାଇଁ ତା'ର ଅଧ୍ୟୟନକୁ ଦାୟୀ କରାଯାଇଛି।

ଫକୀରମୋହନଙ୍କ ରଚିତ କ୍ଷୁଦ୍ରଗଳ୍ପଗୁଡିକ : ରେବତୀ (୧୮୯୮), ବାଲେଶ୍ୱରୀ ପଙ୍ଗାଲୁଣ (୧୯୦୭), ବାଲେଶ୍ୱରୀ ରାହାଜାନୀ (୧୯୦୭), ମୌନାମୌନୀ (୧୯୦୭), ପୁନର୍ମୂଷିକୋଭବ (୧୯୦୯), ଡାକମୁନିସୀ (୧୯୧୨), କାଳିକାପ୍ରସାଦ ଗୋରାପ (୧୯୧୩), କମଳାପ୍ରସାଦ ଗୋରାପ (୧୯୧୩), ଧୂଳିଆ ବାବା (୧୯୧୩), ପେଟେଣ୍ଟ ମେଡିସିନ (୧୯୧୩), ସୁନାବୋହୂ (୧୯୧୩), ବିରେଇ ବିଶାଳ (୧୯୧୩), ରାଣ୍ଡିପୁଅ ଅନନ୍ତା(୧୯୧୩), ବଗଲାବଗୁଲୀ (୧୯୧୪), ସଭ୍ୟ ଜମିଦାର (୧୯୧୪), ଅଜାନାତି କଥା (୧୯୧୫), ମାଧମହାନ୍ତିଙ୍କ କନ୍ୟାସୁନା (୧୯୧୫), ଅଧର୍ମ ବିତ୍ତ (୧୯୧୫), ପାଠୋଇ ବୋହୂ (୧୯୧୫), ଗାରୁଡିମନ୍ତ୍ର (୧୯୧୬)।

ଫକୀରମୋହନଙ୍କ ପ୍ରଥମ କବିତା ସଙ୍କଳନ 'ଉତ୍କଳ ଭ୍ରମଣ' ୧୮୯୨ରେ ପ୍ରକାଶ ପାଇଥିଲା। ତାଙ୍କର ଅନ୍ୟାନ୍ୟ ପଦ୍ୟ କୃତିମାନଙ୍କ ମଧ୍ୟରେ 'ପୁଷ୍ପମାଳା', 'ଉପହାର', 'ପୂଜା ଫୁଲ', 'ପ୍ରାର୍ଥନା', 'ଅବସର ବାସରେ' ଓ 'ଧୂଳି' ପ୍ରଧାନ । ନିଜସ୍ୱ କୃତି ବ୍ୟତୀତ ସେ ମଧ୍ୟ ସଂସ୍କୃତ 'ମହାଭାରତ' ଓ 'ରାମାୟଣ'କୁ ଓଡ଼ିଆରେ ଅନୁବାଦ କରିଥିଲେ । ଏ ଦୁଇଟିଯାକ ଆକ୍ଷରିକ ଅନୁବାଦ ନୁହେଁ ବରଂ ଭାବାନୁବାଦ । ତାଙ୍କର ପ୍ରଥମ ସ୍ତ୍ରୀ ରୋଗଶଯ୍ୟାରେ ଥିବାବେଳେ ରାମାୟଣ ଓ ମହାଭାରତକୁ ଓଡ଼ିଆରେ ଶୁଣିବାକୁ ଇଚ୍ଛା କରିବାରୁ ସେ ଏହି ଅନୁବାଦ ଦ୍ୱୟ କରିଥିଲେ । ତେବେ ତାଙ୍କର ଏହି ରଚନା ଦ୍ୱୟ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିବାରୁ ତାଙ୍କର ଏହି ମହତ ପ୍ରଚେଷ୍ଟା ଲାଗି ତାଙ୍କୁ ବ୍ୟାସକବିର ଆଖ୍ୟା ଦିଆଯାଇଛି । ତତ୍କାଳୀନ ବାମରାର ରାଜାଙ୍କଦ୍ୱାରା ସେ ମଧ୍ୟ 'ସରସ୍ୱତୀ' ଉପାଧିରେ ଭୂଷିତ ହୋଇଥିଲେ।

ଓଡ଼ିଆ ଭାଷାର ଉନ୍ନତି ଓ ପ୍ରଚାର ନିମନ୍ତେ ସେ ୧୮୬୭ରେ 'ଉତ୍କଳ ଭାଷା ଉନ୍ନତି ବିଧାନି ସଭା' ନାମକ ଏକ ସଙ୍ଗଠନ ଗଢ଼ିଥିଲେ । 'ଉତ୍କଳ ସାହିତ୍ୟ ସମାଜର' ୧୯୧୨ ଓ ୧୯୧୭ର ବାର୍ଷିକ ସଭାରେ ସେ ସଭାପତି ଦାୟିତ୍ୱ ତୁଲାଇଥିଲେ । ୧୯୧୫ ମସିହାରେ ଫକୀରମୋହନ ସତ୍ୟବାଦୀ ବିଦ୍ୟାଳୟକୁ ପରିଭ୍ରମଣରେ ଯାଇଥିଲେ ଏବଂ ସେଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର କାର୍ଯ୍ୟ ଦେଖି ଅତ୍ୟନ୍ତ ଖୁସି ହୋଇଥିଲେ। ଓଡ଼ିଆ ସାହିତ୍ୟର କଥା ସମ୍ରାଟ ବ୍ୟାସକବି ଫକୀରମୋହନ ସେନାପତି ୧୪ ଜୁନ୍ ୧୯୧୮ ମସିହାରେ ଦୁନିଆ ଛାଡ଼ି ଚାଲିଗଲେ।

ସେ ଏକାଧାରାରେ ଜଣେ ଗାଳ୍ପିକ, ଔପନ୍ୟାସିକ, କବି, ପ୍ରାବନ୍ଧିକ, ଅନୁବାଦକ, ଶିଶୁ ସାହିତ୍ୟିକ ଏବଂ ଦୂରଦ୍ରଷ୍ଟା ସମ୍ପନ୍ନ ସମାଜ ସଚ୍ଚେତକ।

ତାଙ୍କରି ସ୍ମୃତିରେ ତାଙ୍କ ଜନ୍ମସ୍ଥାନ ବାଲେଶ୍ୱରର ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ଆଦି କୁ ତାଙ୍କରି ନାମରେ ନାମିତ କରାଯାଇଛି।

ଏହି ଅସାଧାରଣ ପ୍ରତିଭାଧର ଓଡ଼ିଆ ଜାତିର ଚିରନମସ୍ୟ ଓ ପ୍ରାତଃସ୍ମରଣୀୟ। ଆଜି ତାଙ୍କର ଜୟନ୍ତୀ ଅବସରରେ ତାଙ୍କୁ କୋଟି କୋଟି ପ୍ରଣାମ।

+ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ଫୋନ ନଂ- ୬୩୭୦୨୦୮୪୨୮

# ମଦ ଠାରୁ ବେଶି ବିପଜ୍ଜନକ ନକଲି ଔଷଧ



କାଳି ଦାସ

ଆମେ ଆଜିଯାଏଁ ଜାଣିଛୁ ଯେ ମଦ ଏବଂ ଅନ୍ୟ ନିଶା ଦ୍ରବ୍ୟ ମଣିଷର ସ୍ୱାସ୍ଥ୍ୟ ପାଇଁ ବିପର୍ଯ୍ୟନକ କିନ୍ତୁ ଆଜିକାଲି ବଜାର ରେ ମିଳୁଥିବା ଔଷଧ କେତେ ବିପର୍ଯ୍ୟନକ ତାହା ଆମେ ଆଜିଯାଏଁ ବିଚାର କରିନାହୁଁ।

ଆଜିକାଲି ଦୋକାନ ଓ ବଜାରରେ ନକଲି ଔଷଧ ବା ଭେଜାଲ ଔଷଧ ବିକ୍ରି ହେଉଛି ଯାହାକୁ ଆମେ ପଇସା ଦେଇ କିଣି ଖାଇଥାଉ । ଏହି ନକଲି ଔଷଧ ଆମେ ଆମର ଆତ୍ମୀୟ ରୋଗୀ ଓ ବେମାର ଲୋକଙ୍କୁ ଦେଇ ଥାଉ ।

ଏହି ବିଶ୍ୱାସର ସହିତ ଦେଇଥାଉ ଯେ ଆମର ନିଜର ଆତ୍ମୀୟ ସୁସ୍ଥ ହୋଇ ଯିବେ କିନ୍ତୁ ଆମେ ଆମର ଅଜଣାତ ରେ ଆମର ଆତ୍ମୀୟଙ୍କୁ ଔଷଧ ନାମରେ ଅତି ମାରାତ୍ମକ ଜିନିଷ ଦେଉଛୁ ଓ ନିଜେ ଖାଉଛୁ । ଯାହା ଆମ କୁ ସୁସ୍ଥ କରିବା ପରିବର୍ତ୍ତେ ଅଧିକ ଅସୁସ୍ଥ କରିଦେଉଛି ।

ଏହି ନକଲି ଔଷଧର ଗୋଟିଏ ବଡ ନେଟୱାର୍କ ଆମ ଦେଶରେ ଚାଲିଛି । ଏବଂ ଛୋଟ ଛୋଟ ସହର ଗୁଡିକରେ ଏହି ଔଷଧ ଗୁଡିକ ବିନା ରୋକଟୋକ ରେ ବିକ୍ରି ହଉଛି।

ଅନେକ ସମୟରେ ଔଷଧ ଦୋକାନି ମାନେ ଡାକ୍ତର ପ୍ରେସକ୍ରାଇବ କରିଥିବା ମେଡ଼ିସେନ ବଦଳ ରେ ଅନ୍ୟ ଏକ ମେଡିସେନ ଦେଇଥାନ୍ତି । ସେହି ସମୟରେ ସେ ଔଷଧ ନକଲି ହେବାର ଚାନସ ରହିଛି।

ଇଣ୍ଟର ପୋଲର କହିବା ମୁତାବକ ଏହି ନକଲି ଔଷଧ ରେ ମେରକ୍ୟୁରୀ, ଆର୍ସେନିକ, ବେଳେବେଳେ ମୂଷା କୁ ମାରିବା ପାଇଁ ବ୍ୟବହାର ହୋଇଥିବା ଔଷଧ ବା ସିମେଣ୍ଟ ମଧ୍ୟ ଥାଏ ।

ଏହିପରି ଅଖାଦ୍ୟ ଯଦି ରୋଗୀକୁ ଦିଆଯାଏ ତାହେଲେ ତା ଅବସ୍ତା କଣ ହେବ ଭାବିବା କଥା ।

ଦିଲ୍ଲୀ ପୋଲିସର କ୍ରାଇମ ବ୍ରାଞ୍ଚ ଗୋଟିଏ ନକଲି ଔଷଧ କମ୍ପାନୀ ବା ଫେକ୍ଟରୀ କୁ ଖୋଜି ପାଇଥିଲା । ଦିଲ୍ଲୀ ସ୍ଥିତ ଗୁଲାବ ବାଗ ଇଣ୍ଡାଷ୍ଟ୍ରିଏଲ ଏରିଆ ରେ ଏହା ଚାଲିଥିଲା । ୨୦୧୭ର ରିପୋର୍ଟ ଅନୁଯାଇ ଆମ ଔଷଧର ୧୦.୫ % ଔଷଧ ହେଇଛି ନକଲି । ଏହା କେବଳ ଆମ ଦେଶରେ ନୁହେ ଅନ୍ୟ ଡେଭଲପିଙ୍ଗ ଦେଶ ମାନେ ମଧ୍ୟ ଏହି ନକଲି ଔଷଧର ଶିକାର ହେଉଛନ୍ତି।

ବର୍ତ୍ତମାନ ବିଶ୍ୱ ରେ ୭୦୦ ବିଲିଏନ ଡଲାରର ନକଲି ଔଷଧ ବିକ୍ରୀ ଚାଲିଛି ।

ଅନେକ ସମୟରେ ଆମେ ବିଶ୍ୱାସ କରି ଔଷଧ ଔଷଧ ଦୋକାନୀଠାରୁ ନେଇଥାଉ ବିଶ୍ୱାସ କରି ଥାଉ ଯେ ଏହି ଔଷଧ ଆମକୁ ଆରୋଗ୍ୟ କରିବ କିନ୍ତୁ ନକଲି ଔଷଧ ଆମକୁ ଆରୋଗ୍ୟ ପରିବର୍ତ୍ତେ ଆମକୁ ମୃତ୍ୟୁ ନିକଟକୁ କେବଳ ଠେଲିଦେଉଛି ସେଥିପାଇଁ ପ୍ରତ୍ୟେକ ସ୍ଥାନ ରେ ପ୍ରଶାସନ ଏଥିପାଇଁ ସଜାଗ ହେବା କଥା।

+ବ୍ରହ୍ମପୁର,
ଖୋଡ଼ାସିଙ୍ଗ କଳିଙ୍ଗନଗର ,
ମୋ: ୭୨୦୫୧୦୦୮୩୯

# ବୁଢ଼ାବଳଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବଡ଼ସାହି , ୧୩/୧ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ବୁଢ଼ାବଳଙ୍ଗ ସରକାରୀ ଉଚ୍ଚ ବିଦୟାଳୟ, ସୋରିଷକୋଠାର ୫୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଅଛି । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଜୟ କୁମାର ମହାଳିକ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ବନଲତା ପରିଡ଼ା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ରବିନାରାୟଣ ମହାନ୍ତି (ସହକାରୀ ବନ ସଂରକ୍ଷକ) ମୟୂରଭଞ୍ଜ, ସ୍ୱତନ୍ତ୍ର ଅତିଥି ଡଃ. ପ୍ରକାଶ ଚନ୍ଦ୍ର ମହାପାତ୍ର(ଅବସର ପ୍ରାପ୍ତ ଅଧ୍ୟକ୍ଷ ବଡ଼ସାହି ମହାବିଦ୍ୟାଳୟ), ମୁଖ୍ୟବକ୍ତା ଡଃ. ପ୍ରଦୀପ୍ତ କୁମାର ମିଶ୍ର (ନୀଳଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପକ), ସମ୍ମାନନୀୟ ଅତିଥି ସନ୍ତୋଷ କୁମାର ଖଣ୍ଡା( ଶାଳଗାଁ ମହାବିଦ୍ୟାଳୟର ଇକୋ କ୍ଲବ ସଂଯୋଜକ), ଲକ୍ଷ୍ମଣ ରାଉତ(ସମାଜ ସେବୀ) ଯୋଗ ଦେଇଥିଲେ । ଅତିଥିବୃନ୍ଦ ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପ ଦେଇ ଉଦ୍ଘାଟନ କରିଥିଲେ ।ଜଗନ୍ନାଥ ମିଶ୍ର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଜଡ଼ିଦା ମଞ୍ଚ ପରିଚାଳନା କରିଥିଲେ, ଚିନ୍ମୟ କୁମାର ମିଶ୍ର, ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବାର୍ଷିକ ବିବରଣୀ ପଠନ କରିଥିଲେ । ଛାତ୍ର - ଛାତ୍ରୀଙ୍କ ଠାରେ ସୃଜନଶୀଳତାର ଅଭାବ ପରିଲକ୍ଷିତ ହେଉଛି, ଉପଯୁକ୍ତ ପରିବେଶ ସହିତ ଖାପ ଖୁଆଇ ପାରିଲେ ଜୀବନର ଉନ୍ନତି ହେବ ବୋଲି ମତ ଦେଇଥିଲେ। ଆଜିର ଶିକ୍ଷା ବ୍ୟବସ୍ଥାର ନୈତିକ ଶିକ୍ଷା ସହିତ ଗୁଣାତ୍ମକ ଶିକ୍ଷାର ବିକାଶ ଅପରିହାର୍ଯ୍ୟ ଅଟେ । ଯେକୌଣସି କ୍ଷେତ୍ରରେ ସଫଳତା ହାସଲ ପାଇଁ ସ୍ୱପ୍ନ ଦେଖିଲେ ମଣିଷ ବଡ଼ ହେଇପାରିବ ବୋଲି ଅତିଥି ବୃନ୍ଦ ବକ୍ତବ୍ୟ ଦେଇଥିଲେ । ମୁଖ୍ୟ ଅତିଥି ବିଦ୍ୟାଳୟକୁ ଔଷଧୀୟ ବୃକ୍ଷ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ । ପୂର୍ବରୁ ବିଦ୍ୟାଳୟର ଛାତ୍ର - ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ବୃନ୍ଦ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଛାତ୍ର-ଛାତ୍ରୀ ମାନଙ୍କ ମଧ୍ୟରେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବନିତା ଗିରି, ନିୟତି କର, ସୁଧା ପାଣି ବେହେରା, ମମତା ମଞ୍ଜରୀ ସାହୁ, ଶୁଭଜ୍ୟୋତି ସାହୁ, ଶତ୍ରୁଘ୍ନ ନନ୍ଦୀ ଓ ଅନ୍ୟମାନେ ସହଯୋଗ କରିଥିଲେ । ସର୍ବଶେଷରେ ବିଷ୍ଣୁ ଚରଣ ଦାସ ସମସ୍ତ ଅତିଥି ବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜନ୍ମମାଟିର ସ୍ୱାଭିମାନ ରକ୍ଷା ପାଇଁ ଶହୀଦ ପଦ୍ମନାଭ ଛୋଟରାୟ ଶହୀଦ ହୋଇଥିଲେ

ଭୁବନେଶ୍ୱର, ୧୩/୧ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ବଡ଼ଗଡ଼ ଗ୍ରାମବାସୀ ଓ ଶହୀଦ ପଦ୍ମନାଭ ଛୋଟରାୟ ସ୍ମୃତି ସଂସଦ ଆନୁକୂଲ୍ୟରେ ଖୋର୍ଦ୍ଧା ପାଇକ ବିଦ୍ରୋହର ଅନ୍ୟତମ ଦୁର୍ଦ୍ଦଶ ସେନାପତି ବଡ଼ଗଡ଼ ଗ୍ରାମର ଯୋଗ୍ୟ ଦାୟାଦ ଶହୀଦ ପଦ୍ମନାଭ ଛୋଟରାୟଙ୍କ ୨୦୧ତମ ବଳିଦାନ ଦିବସ ଶନିବାର ପ୍ରତ୍ୟୁଷରେ ଭୁବନେଶ୍ୱର ବଡ଼ଗଡ଼ ତାଙ୍କ ପୈତୃକ ଗ୍ରାମସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ପ୍ରତାପ ଜେନା, କର୍ପୋରେଟର ଅଜିତ୍ ବେହେରା, ଜିତେନ୍ଦ୍ର ମାର୍ଥା ବ୍ରଜବନ୍ଧୁ ପରିଡ଼ା, ଯତୀନ୍ଦ୍ର ମୋହନ ଛୋଟରାୟ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ, ଗିରିଜା ଶଙ୍କର ମହାପାତ୍ର, ଗନ୍ଧର୍ବସେନ ପାତ୍ର, ଲକ୍ଷ୍ମୀଧର ଶ୍ରୀଚନ୍ଦନ, ସୁଧୀର କୁମାର ପରିଡ଼ା, ଇତିଶ୍ରୀ ବାରିକ, ହରପ୍ରିୟା ପାଟ୍ଟଯୋଶୀ, ଲିପକ ମହାନ୍ତି, ସନ୍ତୋଷ ସେଠୀ, ବିକ୍ରମ ଦାସ, ଶିକ୍ଷାବିତ୍ ବୀରକିଶୋର ପ୍ରଧାନ, ସରୋଜ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବକ୍ତାମାନେ ନିଜ ବକ୍ତବ୍ୟରେ ଶହୀଦ ପଦ୍ମନାଭ ଛୋଟରାୟ ବ୍ରିଟିଶ୍ କବଳରୁ ଖୋର୍ଦ୍ଧା ମାଟିର ସୁରକ୍ଷା ପାଇଁ ସଂଘର୍ଷ ଆରମ୍ଭ କରିଥିଲେ । ବକ୍ସି ଜଗବନ୍ଧୁଙ୍କ ଅତ୍ୟନ୍ତ ପ୍ରିୟ ସେନାପତି ଭାବରେ ବ୍ରିଟିଶ୍ ଶକ୍ତିକୁ ଥରହର କରିଥିଲେ । ପରବର୍ତୀ ଅବସ୍ଥାରେ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ସେ ବ୍ରିଟିଶ୍ ହାତରେ ଧରାପଡ଼ି ଅବିଚାରିତ ଭାବରେ ମୃତ୍ୟୁ ଦଣ୍ଡରେ ଦଣ୍ଡିତ ହୋଇଥିଲେ। ତାଙ୍କ ତ୍ୟାଗ ଓ ବଳିଦାନ ଏ ଜାତିକୁ ଦେଶପ୍ରେମରେ ଅନୁପ୍ରାଣିତ କରିଆସୁଛି ବୋଲି ମତ ଦେଇ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ କ୍ରୀଡ଼ା ପ୍ରଶିକ୍ଷକ ପ୍ରଶାନ୍ତ ବେହେରା ଓ ଯୁବ ପ୍ରତିଭା ରଶ୍ମିତା ଭୋଇଙ୍କୁ ଶହୀଦ ପଦ୍ମନାଭ ଛୋଟରାୟ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଝଲଝଲିଆ ମା' ତାରିଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବାଲିଆପାଳ , ୧୩/୧ (ନି.ପ୍ର): ବାଲିଆପାଳ ବ୍ଲକ୍ କୁମ୍ଭାରୀ ପଞ୍ଚାୟତ ଅଧିନସ୍ଥ ଝଲଝଲିଆ ଗ୍ରାମର ମା' ତାରିଣୀ ଫୁଟବଲ ଫିଟିଙ୍ଗ କ୍ଲବ୍ ଆନୁକୂଲ୍ୟରେ ଶନିବାର ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଭୂମିକନ୍ୟା ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରି, ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବରିଷ୍ଠନେତା ଭଗୀରଥ ଗିରି, ଅଦ୍ୱୈତ୍ୟ ଦାସ ଅଧିକାରୀ, ଯୁବନେତା ଲକ୍ଷ୍ମୀଧର ସେଠୀ,ଯୁବ ସଭାପତି ସନ୍ତୋଷ ଦାସ,ମହିଳା ସଭାପତି ଲକ୍ଷ୍ମୀପ୍ରିୟା ପ୍ରଧାନ, ପ୍ରତାପପୁର ସମିତି ସଦସ୍ୟାଙ୍କ ପ୍ରତିନିଧି ହାଡିବନ୍ଧୁ ରାଉତ, ସରୋଜ ଦାସ,୨୨ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ,ରାଜେଶ ଜେନା,ଶଙ୍କର ମାଝୀ,ଲମ୍ବୋଦର ମାଝୀ,ଚଗଲା ମାଝୀ ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ ।ପ୍ରାରମ୍ଭରେ ଆଦିବାସୀ ଭାଇ ଭଉଣୀମାନେ ମୁଖ୍ୟ ଅତିଥି ଶ୍ରୀମତୀ ଜେନାଙ୍କୁ ପାଳବେଗୁନିଆ ଛକ ଠାରୁ ଆଦିବାସୀ ନୃତ୍ୟର ତାଳେ ତାଳେ ଝଲଝଲିଆ ଗ୍ରାମକୁ ପାଛୋଟି ନେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଟୁର୍ଣ୍ଣାମେଣ୍ଟରେ ୧୬ ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଶନିବାର ପ୍ରଥମ ଦିବସରେ ୮ଟି ଫୁଟବଲ ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଛି ।ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଝଲଝଲିଆ ମା' ତାରିଣୀ ଫୁଟବଲ ଫିଟିଙ୍ଗ କ୍ଲବ୍ ର,ବାବୁ ମୁର୍ମୁ,ରାଜେଶ ମାଝୀ, ଜୟ ଟୁଡୁ,ବଳରାମ ମୁର୍ମୁ, ଚନ୍ଦନ ମୁର୍ମୁ,ଚିକୁ ମାଝୀ,ପାତ୍ର ମାରାଣ୍ଡି,ନାଥ ମୁର୍ମୁ,ବିଜୟ ହାଁସଦା,ଡାକ୍ତର ମୁର୍ମୁ,କାଇନ କିସ୍କୁ,କାର୍ତ୍ତିକ ମୁର୍ମୁ,ରତ୍ନାକର ମାଝୀ ପ୍ରମୁଖ ସଦସ୍ୟମାନେ ସହଯୋଗ କରିଥିଲେ ।

## ବାଲିଆ ହାଇସ୍କୁଲ ୧୯୮୧ବ୍ୟାଚର ବନ୍ଧୁମିଳନ

କେନ୍ଦ୍ରାପଡ଼ା, ୧୩/୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାଲିଆ ହାଇସ୍କୁଲର ୧୯୮୧ମାଟ୍ରିକ ବ୍ୟାଚର ୩୫ତମ ବନ୍ଧୁମିଳନ ଉତ୍ସବ ଜମଧର ପଂଚାୟତର ଜଂଟିଲୋ ସ୍ଥିତ ରାମଦାସ ମଠ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉପଲକ୍ଷେ ପୁରାତନ ଛାତ୍ର ରାଜକିଶୋର ଲେଙ୍କାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅମିୟ ନାୟକ, ଅଭୟ ନାୟକ, ସୁବାଷ ନାୟକ, ଅଶୋକ ରାଉତ, ରାମନାରାୟଣ ତ୍ରିପାଠୀ, ମନୋଜ ବାରିକ, କିଶୋର ସ୍ୱାଇଁ, ବିଜୟ ନାୟକ, ସଞ୍ଜୟ ମଲ୍ଲ, ଶ୍ରୀକାନ୍ତ ସାମଲ, ପ୍ରଦୀପ ସାହୁ, ଶ୍ରୀକାନ୍ତ ବାରିକ, ଜୟଦେବ ନାୟକ, ଲଳିତମୋହନ ପଟ୍ଟନାୟକ ପ୍ରମୁଖ ପୁରାତନ ଛାତ୍ରମାନେ ଯୋଗଦେଇ ସେହି ପୁରୁଣା ଅତୀତର ସ୍ମୃତିକୁ ରୋମନ୍ଥନ କରିଥିଲେ।

## ବଉଳଗଡିଆ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ



ନୀଳଗିରି , ୧୩/୧ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ୨୪ ତମ ବାର୍ଷିକ ଉତ୍ସବ ଓ ସ୍ୱାମୀ ବିବେକାନନ୍ଦ ଙ୍କ ଜନ୍ମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିବେକାନନ୍ଦ ଆଦର୍ଶ ରେ ଅନୁପ୍ରାଣିତ ହେଲେ ଛାତ୍ର ଟିଏ ଆଦର୍ଶ ଓ ମହାନ ହୋଇ ଉଠିବ । ଉତ୍ସବ ରେ ଅନୁଷ୍ଠାନ ର ସଭାପତି ପ୍ରଶାନ୍ତ କୁମାର ବେହେରା ଙ୍କ ସଭାପତି ତ୍ୱ ରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କୃତ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଯୋଗ ଦେଇ ବିବେକାନନ୍ଦ ଙ୍କ ଆଦର୍ଶ ଜୀବନୀ ଉପରେ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କ ଚରିତ୍ର ଗଠନ ଓ ମାନବିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପ୍ରଶାନ୍ତ କୁମାର ମଲ୍ଲିକ, ପରିଷଦ ର ପ୍ରାନ୍ତ ନିରୀକ୍ଷକ ରବି ନାରାୟଣ, ବରିଷ୍ଠ ନୀଳଗିରି ସଂକୁଳ ପ୍ରମୁଖ ନରେନ୍ଦ୍ର ରାଉତ, ଜମିଦାତା ଯୋଗେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଗୁରୁଜୀ ଇଶ୍ୱର ଚନ୍ଦ୍ର ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ବେଳେ ବରିଷ୍ଠ ଗୁରୁଜୀ ସନ୍ତୋଷ କୁମାର ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ । ଅନୁଷ୍ଠାନ ର ପ୍ରଧାନ ଆଚାର୍ଯ୍ୟ କସ୍ତୁରୀ ଚରଣ ରଣା ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଅନୁଷ୍ଠାନ ଗଠନ ର ଆଭିମୁଖ୍ୟ କହିଥିଲେ । ଏହି ଅବସରରେ ଅତିଥି ପ୍ରଶାନ୍ତ କୁମାର ମଲ୍ଲିକ ଙ୍କ ଦାନ ରେ ନିର୍ମିତ ହୋଇ ଥିବା ବିବେକାନନ୍ଦ ଙ୍କ ପ୍ରତିମୂର୍ତ୍ତି କୁ ଅତିଥି ମାନେ ଉନ୍ମୋଚିତକରିଥିଲେ । ଏହି ଅବସରରେ ସମଗ୍ର ରାଜ୍ୟ ଓ ବ୍ଲକ ସ୍ତର ରେ ମେଧାବୃତ୍ତି ପରୀକ୍ଷା ର ପ୍ରଥମ ଓ ଦ୍ୱିତୀୟ ହୋଇଥିବା ଛାତ୍ରୀ ପ୍ରୀତିପ୍ରଜ୍ଞକ୍ଷ ରାଜ ଓ ମୃତ୍ୟୁଞ୍ଜୟ ମହାନ୍ତି ଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା । ବିଭିନ୍ନ ବିଭାଗରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଏହି ଅବସରରେ ଉତ୍କଳ ପରିଷଦ ତରଫରୁ ବରିଷ୍ଠ ପଥର ଶିଳ୍ପୀ ହେମନ୍ତ ମହାନ୍ତି ଙ୍କୁ ଚଳିତ ବର୍ଷ ବିଶୁ ମହାରଣା ସମ୍ମାନ ରେ ସମ୍ମାନିତ କରାଯାଇଥିଲା ଶେଷରେ ଗୁରୁଜୀ ନିରଞ୍ଜନ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନାଚ, ଗୀତ, ନାଟକ ପରିବେଷଣ କରାଯାଇଥିଲା।

# ସ୍ୱାମୀ ବ୍ରହ୍ମାନନ୍ଦଙ୍କ ସ୍ୱନକ୍ଷତ୍ର ଉତ୍ସବ ପାଳିତ

ଭୁବନେଶ୍ୱର, ୧୩/୧ (ନି.ପ୍ର): ଶ୍ରୀ ଜଗନ୍ନାଥ ସଂସ୍କୃତିର ଅନନ୍ୟ ପ୍ରଚାରକ, ଭାଗବତ କଥାକାର, ସଦ୍‌ଗୁରୁ ଠାକୁର ନିଗମାନନ୍ଦ ସରସ୍ୱତୀଙ୍କ ଅନନ୍ୟ ଶିଷ୍ୟ, ନିଗମ କଳ୍ପତରୁ ଆଶ୍ରମର ପ୍ରତିଷ୍ଠାତା, ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜଙ୍କ ସ୍ୱନକ୍ଷତ୍ର ଉତ୍ସବ, ଶନିବାର ପୂର୍ବାହ୍ନରେ ରୁଦ୍ରବିହାରସ୍ଥିତ ନିଗମ କଳ୍ପତରୁ ଆଶ୍ରମ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ମହାରାଜ କହିଲେ ଯେ, ଆମ ପରମ୍ପରା ହଉଛି ବୈଦିକ ପରମ୍ପରା ତଥା ଋଷି ପରମ୍ପରା। ଗୁରୁ କେବଳ ଜ୍ଞାନଦାତା ନୁହଁନ୍ତି, ସେ ଶିଷ୍ୟର ପଥ ପ୍ରଦର୍ଶକ। ମୁଖ୍ୟ ଅତିଥି ପ୍ରଫେସର ଡଃ ହରେକୃଷ୍ଣ ଶତପଥି କହିଲେ ଯେ, ଶ୍ରୀ ଜଗନ୍ନାଥ ଧର୍ମ, ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର କ୍ଷେତ୍ରରେ ସ୍ୱାମୀ ବ୍ରହ୍ମାନନ୍ଦ ଜଣେ ଜ୍ଞାନଦୀପ୍ତ ସନ୍ନ୍ୟାସୀ। ସେ ସର୍ବଧର୍ମ ମତବାଦକୁ ସମ୍ମାନ ଦେବା ସହ ବୈଦିକ ସିଦ୍ଧାନ୍ତର ଜଣେ ବାର୍ତ୍ତାବହ। ଅନ୍ୟତମ ଅତିଥି ପ୍ରଫେସର ଡଃ ଦାସ ବେନୁହୁର ସ୍ୱାମିଜୀଙ୍କୁ ଜଣେ ଦରଦୀ ବନ୍ଧୁ ଭାବେ ବର୍ଣ୍ଣନା କରିଥିଲେ। କାଠ ପାଷାଣର ପୂଜା ଠାରୁ ମଣିଷର ପୂଜା ପ୍ରଥମେ ହେବା ଉଚିତ ବୋଲି ସେ କହିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ଗୁରୁ ଆଶୀର୍ବାଦ ମଣିଷକୁ ସମାଜର ମୁଖ୍ୟସ୍ରୋତରେ ଠିଆ ହେବା ପାଇଁ ସାହସ ଦେଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥି ସ୍ୱାମିଜୀଙ୍କ ଆଦର୍ଶ ଜୀବନଚର୍ଯ୍ୟା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ବୋଲି କହିଥିଲେ। ବାବା ବିଶ୍ୱନାଥ ଦାସ ସ୍ୱାମିଜୀଙ୍କୁ ଅଦ୍ୱୈତ ବ୍ରହ୍ମର ଶ୍ରେଷ୍ଠ ବାଖ୍ୟାକାର ବୋଲି କହିଥିଲେ। ରେକି ମିଶନର ସନ୍ଥ ଶ୍ରୀ ସ୍ୱାମିଜୀଙ୍କ ବନ୍ଧୁ ବତ୍ସଳତା ଅନ୍ୟକୁ ଆପଣେଇ ନେବାର ଗୁଣ ଅନ୍ୟମାନଙ୍କ ପାଇଁ ଶିକ୍ଷଣୀୟ। ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ଆଶୀର୍ବଚନ ପ୍ରଦାନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ପିଓକେରେ ବ୍ରିଟିଶ ...

ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି। ଆଗକୁ ମଧ୍ୟ ଏହା ରହିବ। ତେଣୁ ଏଠାରେ କୌଣସି ପ୍ରକାରର ଉଲ୍ଲଙ୍ଘନ ଆଦୌ ଗ୍ରହଣୀୟ ନୁହେଁ। ଜାନୁଆରୀ ୧୦ରେ ପିଓକେ ଗସ୍ତ ସମ୍ପର୍କରେ ମାରିଅଟ ଫଟୋ ପୋଷ୍ଟ କରି ସୂଚନା ଦେଇଥିଲେ। ସେ କହିଥିଲେ, "ମୀରପୁରରୁ ସଲାମ। ବ୍ରିଟେନ ଓ ପାକିସ୍ତାନ ଲୋକଙ୍କ ମଧ୍ୟରେ ହୃଦୟର ସମ୍ପର୍କ ରହିଛି। ୭୦% ବ୍ରିଟିଶ ପାକିସ୍ତାନୀଙ୍କ ମୂଳଦୁଆ ମୀରପୁର ଦେଇ ଯାଇଛି। ଆପଣମାନଙ୍କ ଆତିଥ୍ୟ ପାଇଁ ଧନ୍ୟବାଦ।" ତାଙ୍କର ଏପରି ଗସ୍ତକୁ ଅନେକ ସୋଶାଲ ମିଡିଆରେ ସମାଲୋଚନା କରିଥିଲେ। ବ୍ରିଟେନ ସରକାର ତାଙ୍କ ପ୍ରତିନିଧିଙ୍କୁ ପିଓକେ ପଠାଇବା ଲଜ୍ଜାଜନକ ବୋଲି ଅନେକ କହିଥିଲେ। ସେହିପରି ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ ତୁରନ୍ତ ମାରିଅଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ମଧ୍ୟ ଦାବି କରାଯାଇଛି।

## ଆସାମ ମୁଖ୍ୟମନ୍ତ୍ରୀଙ୍କ...

ବିଜେପି ଆଗାମୀ ନିର୍ବାଚନରେ ରାଜ୍ୟରେ ଭଲ ପ୍ରଦର୍ଶନ କରିବ ବୋଲି ଯୁକ୍ତି ବାଢ଼ି କହିଥିଲେ ଯେ, ୨୦୧୯ ନିର୍ବାଚନରେ ବିଜେପିକୁ ଲୋକସଭାରେ ୩୮ପ୍ରତିଶତ, ବିଧାନସଭାରେ ୩୨ ପ୍ରତିଶତ ଲୋକ ଭୋଟ ଦେଇଥିଲେ । ଯଦି ଓଡ଼ିଶାରେ ନବୀନ ବ୍ରାଣ୍ଡ ଅଛି ତାହାଲେ ବିଜେପିକୁ ୩୮ପ୍ରତିଶତ ଭୋଟ କେମିତି ମିଳିଲା ? ଓଡ଼ିଶାର ଯେଉଁ ବ୍ରାଣ୍ଡ ଅଛି ତାହାର ନେଗେଟିଭ ବ୍ରାଣ୍ଡ ମଧ୍ୟ ଅଛି । ୧କୋଟି ଲୋକ ଗୋଟିଏ ପାର୍ଟି ବା ଅନୁଷ୍ଠାନକୁ ବ୍ରାଣ୍ଡ ମାନୁନାହାନ୍ତି । ଗତଥର ମାତ୍ର ୪ ପ୍ରତିଶତ ଭୋଟ ବ୍ୟବଧାନ ଥିଲା । ଆଉ ଯେଉଁ ଏକ କୋଟି ଲୋକ କାହାରିକୁ ବ୍ରାଣ୍ଡ ମାନୁନାହାନ୍ତି ୨୦୨୪ ସାଧାରଣ ନିର୍ବାଚନରେ ସେଥିରୁ ୩୦ରୁ ୩୫ଲକ୍ଷ ଭୋଟ୍ ଆସିବା ପାଇଁ କେତେ ସମୟ ଲାଗିବ ବୋଲି ସେ କହିଛନ୍ତି। ତେଣୁ ୫ବର୍ଷରେ ମୋଦିଜୀ ଓଡ଼ିଶାର ବିକାଶ ପାଇଁ ଅନେକ କାର୍ଯ୍ୟ କରିଛନ୍ତି । ସେଥିରେ ଆପେଆପେ ଆଉ ୪ ପ୍ରତିଶତ ଭୋଟ୍ ଆସିବାକୁ ସମୟ ଲାଗିବ ନାହିଁ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଯୋଜନା ଦ୍ୱାରା ଓଡ଼ିଶାରେ ନିର୍ବାଚନ ଲଢ଼ାଯିବ । ସେଥିପାଇଁ ଓଡ଼ିଶାର ଲୋକେ ବିଜେପିକୁ ସେବା କରିବାର ସୁଯୋଗ ଦେବେ ଓ ଏହି ସୁଯୋଗର ଆଶୀର୍ବାଦ ଜଗନ୍ନାଥ ହିଁ କରିବେ । ଆଉ ଓଡ଼ିଶାରେ ବିଜେପି ସରକାର କରିବ ଓ ସେହି ଶପଥ ଗ୍ରହଣ ସମାରୋହରେ ମୋତେ ଆସିବାକୁ ପଡ଼ିବ ବୋଲି ଶ୍ରୀ ବିଶ୍ୱଶର୍ମା ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। ଅନ୍ୟ ରାଜନୀତିକ ଦଳ ଭଳି ବିଜେପି କୌଣସି ଜଣେ ବ୍ୟକ୍ତିଙ୍କୁ ଆଧାର କରି କାମ କରେ ନାହିଁ । ବିଜେପି ସଂଗଠନ ଆଧାରିତ ଦଳ । ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ସାମୂହିକ ନେତୃତ୍ୱରେ ବିଜେପି ସରକାର କରିବ । କଂଗ୍ରେସ ଜୀବନସାରା ପାପ କରିଛି । ରାମ ମନ୍ଦିର ନହେବା ପାଇଁ କଂଗ୍ରେସ ଷଡ଼ଯନ୍ତ୍ର କରିଥିଲା ।

## ସ୍ୱାଧୀନତାର ୭୭ବର୍ଷ ପରେ...

ପରେ ବହୁ ପ୍ରତିକ୍ଷିତ ନୀଳଗିରି ଗୋପୀନାଥପୁର ଠାରେ ନବନିର୍ମିତ ରେଳ ଷ୍ଟେସନ ଏବଂ ନୂତନ ମେମୁ ଟ୍ରେନ ଲୋକାର୍ପଣ ଉତ୍ସବ ଯୋଗଦେଇଥିଲେ। ବହୁ ଆକାଂକ୍ଷିତ ଯାତ୍ରୀବାହୀ ଟ୍ରେନର ଶୁଭାରମ୍ଭ ଉତ୍ସବରେ ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ। ଗୋପୀନାଥପୁର ରେଳ ଷ୍ଟେସନ ପରିସରରେ ଆୟୋଜିତ ସଭାରେ ମନ୍ତ୍ରୀ ଶ୍ରୀଯୁକ୍ତ ବୈଷ୍ଣବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଯୋଜନାରେ ନୀଳଗିରି ଭଳି ଉପାନ୍ତ ଅଞ୍ଚଳରେ ଏଭଳି ଅତ୍ୟାଧୁନିକ ରେଳଷ୍ଟେସନ ନିର୍ମାଣ ସହିତ ରେଳ ଚଳାଚଳ କରିବାର ସ୍ୱପ୍ନ ସାର୍ଥକ ହୋଇପାରିଛି ବୋଲି କହିବା ସହିତ ନୀଳଗିରିରୁ ବେତନଟୀ ପର୍ଯ୍ୟନ୍ତ ନୂତନ ରେଳପଥ ନିର୍ମାଣ ପାଇଁ ସର୍ଭେ ଚାଲିଥିବା ସୂଚନା ଦେଇଛନ୍ତି। ଏଥିସହିତ ମାନ୍ୟବର ବିଧାୟକ ସୁକାନ୍ତ ନାୟକଙ୍କ ଅନୁରୋଧ ରକ୍ଷାକରି ଖନ୍ତାପଡା ଠାରେ ଫ୍ଲାଇଓଭର ବ୍ରିଜ ନିର୍ମାଣ ପାଇଁ ସବୁଜ ସଂକେତ ଦେଇଛନ୍ତି। ଅପରାହ୍ନ ପ୍ରାୟ ୧୨.୪୫ ସମୟରେ ମନ୍ତ୍ରୀ ଶ୍ରୀଯୁକ୍ତ ବୈଷ୍ଣବ ଗୋପୀନାଥପୁର ନୂତନ ଷ୍ଟେସନ ଉଦ୍ଘାଟନ କରିବା ପରେ ପତାକା ଦେଖାଇ ନୂତନ ଯାତ୍ରୀବାହୀ ମେମୁ ଟ୍ରେନର ଶୁଭାରମ୍ଭ କରିଥିଲେ। ଯେଉଁଥିରେ ଶହଶହ ଯାତ୍ରୀ ଟ୍ରେନରେ ଚଢ଼ି ବାଲେଶ୍ୱରକୁ ଯାଇଥିବା ଦେଖିବାକୁ ମିଳିଥିଲା ।ଏହି ଯାତ୍ରୀବାହୀ ଟ୍ରେନରେ ମୋଟ ୮ଟି ବଗି ଥିବା ବେଳେ ମହିଳା ଏବଂ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବଗିର ସୁବିଧା ରହିଛି। ନୀଳଗିରିରୁ ବାଲେଶ୍ୱର ୧୭କିଲୋମିଟର ରାସ୍ତାକୁ ମାତ୍ର ୧୦ଟଙ୍କା ଭଡ଼ା ରଖାଯାଇଥିବାରୁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀଯୁକ୍ତ ବୈଷ୍ଣବଙ୍କ ସହିତ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ସୁକାନ୍ତ କୁମାର ନାୟକ, ଦକ୍ଷିଣ ପୂର୍ବ ରେଳବାଇ ଡିଆରଏମ କେ. ଆର ଚୌଧୁରୀ, ଦକ୍ଷିଣ ପୂର୍ବ ଖଡଗପୁର ଡିଭିଜନର ଜେନେରାଲ ମ୍ୟାନେଜର ଅନୀଲ ମିଶ୍ରଙ୍କ ସହିତ ବହୁ ବିଶିଷ୍ଟ ଅତିଥିଙ୍କ ସହ ରେଳବାଇର ବହୁ ପଦାଧିକାରୀ ଯୋଗ ଦେଇଥିଲେ। ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ପ୍ରାୟ ୨୦ହଜାରରୁ ଅଧିକ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା।

## ୭.୬୦ କୋଟି ଟଙ୍କା ମୂଲ୍ୟର...

ବିଦ୍ୟାଳୟରେ ଛାତ୍ରୀଙ୍କ ସଂଖ୍ୟା ବଢୁଥିବା ଦୃଷ୍ଟିରୁ ଆଜି ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଅତିରିକ୍ତ ଛାତ୍ରୀନିବାସର ଉଦଘାଟନ ହୋଇଛି । ଏହି ହଷ୍ଟେଲ ଦ୍ୱାରା ଛାତ୍ରୀମାନେ ଉପକୃତ ହେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିରେ ଛାତ୍ରଛାତ୍ରୀଙ୍କୁ ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍-ସ୍କିଲିଂ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ମର୍ମରେ ବିଦ୍ୟାଳୟରେ ପିଲାଙ୍କ ଦକ୍ଷତା ବିକାଶ ବୃଦ୍ଧି ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସ୍କିଲ୍ ଲ୍ୟାବ ଉଦଘାଟିତ ହୋଇଛି । ଆଜି ଲୋକାର୍ପିତ ସ୍କିଲ୍ ଲ୍ୟାବ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି କରିବ । ଏହି ଅବସରରେ ଶ୍ରୀ ପ୍ରଧାନ ବିଦ୍ୟାଳୟରେ ଆୟୋଜିତ ପ୍ରଦର୍ଶନୀ ବୁଲିବା ସହ ଛାତ୍ରଛାତ୍ରୀଙ୍କ ବୁଦ୍ଧିମତା କାର୍ଯ୍ୟକୁ ପ୍ରଶଂସା କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତିଦାତା ହେବା ପାଇଁ ପରାମର୍ଶ ଦେଇଥିଲେ । ସେ କହିଥିଲେ ଏକାଦଶ ଶ୍ରେଣୀରେ ଅଧ୍ୟୟନରତ ଛାତ୍ର ଅଙ୍କିତ୍ ସାମନ୍ତ ଏବଂ ଉଦିତ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ପେଟ୍ରୋଲରେ ଇଥାନଲ ବ୍ଲେଣ୍ଡିଂ ପ୍ରକଳ୍ପ ଦେଖି କେନ୍ଦ୍ରମନ୍ତ୍ରୀ ମୁଁ ବିଶେଷ ପ୍ରଭାବିତ । ଭାରତ ସରକାର ପେଟ୍ରୋଲରେ ଇଥାନଲ ମିଶ୍ରଣ କାର୍ଯ୍ୟକୁ ପ୍ରୋତ୍ସାହିତ କରୁଥିବା ବେଳେ ଏହି ବିଷୟରେ ଉଭୟ ଛାତ୍ରଙ୍କ ମଧ୍ୟରେ ଥିବା ସ୍ପଷ୍ଟତା ମୋର ଆତ୍ମବିଶ୍ୱାସ ବଢାଇଛି । ଆଗାମୀ ଦିନରେ ବିଜ୍ଞାନ ଓ ଟେକ୍ନୋଲୋଜି ମାଧ୍ୟମରେ ନୂଆ ଅର୍ଥନୀତି ତିଆରି ହେବ । ଏକବିଂଶ ଶତାବ୍ଦୀ ଜ୍ଞାନ ଆଧାରିତ ଅର୍ଥନୀତି ହେବ । ଏହି ସମୟରେ ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିର୍ଭର ହେବାକୁ ପଡିବ । ଆତ୍ମନିର୍ଭର ଅର୍ଥ ନିଜ ଗୋଡରେ ଠିଆ ହେବା । ଆତ୍ମନିର୍ଭର ହେବାକୁ ହେଲେ ନିଯୁକ୍ତିଦାତା ହେବାକୁ ପଡିବ । ଚାକିରି ଦେବା ପାଇଁ ହେଲେ ଇନୋଭେସନ ତିଆରି କରିବା ପାଇଁ ପଡିବ ।

## ପୁଣିଥରେ ଦୁଇ ...

ହେବ ସେ ନେଇ ଜଣାନ୍ତୁ ବୋଲି ଇଡି ଚିଠି ମାଧ୍ୟମରେ କହିଥିଲା। ରାଞ୍ଚିର ବଡଗାଇ ଅଞ୍ଚଳରେ ହୋଇଥିବା ଜମି ଦୁର୍ନୀତି ମାମଲରେ ଇଡି ହେମନ୍ତ ସୋରେନ୍‌ଙ୍କ ବୟାନ ରେକର୍ଡ କରିବାକୁ ଚାହୁଁଛି। ଏଥିପାଇଁ ତାଙ୍କୁ ଗତ ୨୯ ଡସେମ୍ବରରେ ସପ୍ତମ ଥର ପାଇଁ ତଦନ୍ତକାରୀ ଏଜେନ୍ସି ସମନ ପଠାଇ ଡକାଇଥିଲା। ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ତାଙ୍କୁ ଡିସେମ୍ବର ୩୧ ଡେଡ୍‌ଲାଇନ୍ ଦିଆଯାଇଥିଲା। ତେବେ ସେ ଏହାକୁ ଖାତିର କରିନଥିଲେ। ହାଜର ହବାକୁ ମନା କରିଦେଇଥିଲେ। ସେ ଜାନୁଆରୀ ୨ ତାରିଖରେ ବାରମ୍ବାର ସମନ ପଠାଇବାର କାରଣ ପଚାରିବା ସହ ଇଡି ଉପରେ ପ୍ରଶ୍ନ ଉଠାଇଥିଲେ। ରାଜନୈତିକ ଉଦ୍ଦେଶ୍ୟରେ ତାଙ୍କୁ ଏହି ସମନ ପଠାଯାଉଛି। ସମନ ପାଇଁ ତାଙ୍କୁ ବାରମ୍ବାର ମିଡିଆ ଟ୍ରାଏଲର ସାମ୍ନା କରିବାକୁ ପଡୁଛି। ଏଭଳି କରି ତାଙ୍କ ଭାବମୂର୍ତ୍ତି ଖରାପ କରିବାକୁ ଚେଷ୍ଟା କରାଯାଉଛି ବୋଲି ସୋରେନ୍ ଇଡି ଚିଠି ଲେଖି କହିଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ପୁଣିଥରେ ସମନ ପଠାଇଲା ଇଡି। ଦିଲ୍ଲୀ ମଦ ନୀତି ଦୁର୍ନୀତିକୁ ନେଇ ତାଙ୍କୁ ଜାରି ହୋଇଛି ନୋଟିସ । ଜାନୁଆରୀ ୧୮ ତାରିଖ ପୂର୍ବରୁ ହାଜର ହେବା ପାଇଁ ଇଡି ପକ୍ଷରୁ ସମନ ଜାରି କରଯାଇଛି । ଇଡି ପକ୍ଷରୁ ଚତୁର୍ଥ ଥର ପାଇଁ କେଜ୍ରିଓ୍ୱାଲଙ୍କୁ ସମନ୍ ଜାରି କରାଯାଇଛି । ମଦ ଦୁର୍ନୀତି ପ୍ରସଙ୍ଗକୁ ପୂର୍ବରୁ ମଧ୍ୟ ତିନିଥର ଇଡି ପକ୍ଷରୁ ହାଜର ହେବାକୁ କେଜ୍ରିଓ୍ୱାଲଙ୍କୁ ନୋଟିସ ଦିଆଯାଇଥିଲା। କିନ୍ତୁ ସେ ହାଜର ହୋଇ ନଥିଲେ । ନିର୍ବାଚନୀ ପ୍ରଚାର ନିମନ୍ତେ ଆସନ୍ତା ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ କେଜ୍ରିଓ୍ୱାଲ ଗୋଆରେ ରହିବେ ବୋଲି ଜଣାଯାଇଛି। ତେବେ ଇଡି ପକ୍ଷରୁ ପଠାଯାଉଥିବା ସମନ୍ ବେଆଇନ୍ । ତାଙ୍କୁ ଗିରଫ କରିବା ପାଇଁ ଇଡି ପକ୍ଷରୁ ଏଭଳି ସମନ୍ କରାଯାଉଛି ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହାବାଦ ଇଡି ଆସିଷ୍ଟାଣ୍ଟ ଡାଇରେକ୍ଟରଙ୍କୁ ଲେଖିଥିବା ପତ୍ରରେ କେଜ୍ରିଓ୍ୱାଲ ଉଲ୍ଲେଖ କରିଛନ୍ତି, ଦିଲ୍ଲୀ ରାଜ୍ୟସଭା ସିଟ୍ ନିମନ୍ତେ ଭାରତୀୟ ନିର୍ବାଚନ କମିଶନ ନିର୍ବାଚନ ଘୋଷଣା କରିଛନ୍ତି ।

## ପୃଥକ ପୃଥକ ବାଇକ...

ଗୁରୁତର ଥିବା ୨ ଜଣଙ୍କୁ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ୍ ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷରେ ଆଜି କୋରାପୁଟ ଜିଲ୍ଲା ମାଛକୁଣ୍ଡ ଥାନା ପାତ୍ରପୁଟ ଗାଁ ନିକଟରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଆଉ ଜଣେ ଗୁରୁତର ଆହତ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲା ମାଛକୁଣ୍ଡ ଥାନା ପାତ୍ରପୁଟ ଗାଁ ନିକଟରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଧନିଆ ଖରା ଓ ମାଣିକ ଖେମୁଣ୍ଡୁ। ସେମାନେ ନନ୍ଦପୁର ବ୍ଲକ ଖମରା ଗାଁର। ଆହତଙ୍କ ନାଁ ରବୀନ୍ଦ୍ର ଖରା। ତାଙ୍କ ଘର ଲମତାପୁଟ ବ୍ଲକ ପାଲାମ ଗାଁରେ। ରବୀନ୍ଦ୍ରଙ୍କୁ ଲମତାପୁଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦ୍ରୁତ ଗତି ଯୋଗୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଏତେ ଜୋରରେ ଧକ୍କା ହୋଇଥିଲା ଯେ ଗୋଟିଏ ବାଇକ୍ ଛିଟିକି ରାସ୍ତା ବାହାରକୁ ଚାଲି ଯାଇଥିଲା। ଧନିଆ ଖରା ଓ ମାଣିକ ଖେମୁଣ୍ଡୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

## ମମତା ହେଉଛନ୍ତି ବେଇମାନ...

ବିଜେପି ହିନ୍ଦୁତ୍ୱ ରାଜନୀତି କରିବ ଏବଂ ତୁମେ ହିନ୍ଦୁତ୍ୱକୁ ରୋକିବା ପାଇଁ ରାଜନୀତି କରିବ। ତୁମର ମିଳନ ହୋଇସାରିଛି। ମୋଦି ଅଯୋଧ୍ୟାର କୀର୍ତ୍ତନ କରୁଛନ୍ତି ଏବଂ ମମତା ଗଙ୍ଗାସାଗରର କୀର୍ତ୍ତନ କରୁଛନ୍ତି। ଅଯୋଧ୍ୟା ଏବଂ ଗଙ୍ଗାସାଗର ପୂର୍ବରୁ ନଥିଲା କି ବୋଲି କଂଗ୍ରେସ ସାଂସଦ ପ୍ରଶ୍ନ କରିଛନ୍ତି। ତୃଣମୂଳ କଂଗ୍ରେସ ଓ ବିଜେପି ମିଶିଥିବା ନେଇ ଅଭିଯୋଗ ଆଣିବା ସହ ପ୍ରଧାନମନ୍ତ୍ରୀ ମୋଦି ହିନ୍ଦୁ ଭୋଟ୍‌ର ଠେକା ନେଇ ଯାଇଥିବା କଂଗ୍ରେସ ସାଂସଦ ଟାର୍ଗେଟ୍ କରି କହିଛନ୍ତି। ଉତ୍ତରପ୍ରଦେଶ ଠାରୁ ମହାରାଷ୍ଟ୍ର ଏବଂ ବିହାରରୁ ପଶ୍ଚିମବଙ୍ଗ ଯାଏଁ ଇଣ୍ଡିଆ ବ୍ଲକରେ ଝଗଡ଼ା ଓ ମତଭେଦ ଭିତରେ ଆଜି ମୋଦି ବିରୋଧୀ ମିଳିତ ମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ଯାଉଛି। ଏହାପରେ ପୂରା ଦେଶର ନଜର ରହିଛି।

ରବିବାର, ଜାନୁଆରୀ ୧୪, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବ୍ୟାସକବି ଅନୁଷ୍ଠାନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବସ୍ତା, ୧୩/୧ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ହଳଦୀପଦା ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଶନିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲଡ଼ ବ୍ୟାଙ୍କ ଅଫିସର ଡ଼ା. ବସନ୍ତ କୁମାର ଉପାଧ୍ୟାୟ ଏହି ଶିବିରକୁ ଉଦଘାଟନ କରି ଏହି ଶିବିର ମାଧ୍ୟମରେ ରକ୍ତ ସଙ୍କଟ ଦୂର ହେଉଥିବାରୁ ବହୁ ଜୀବନ ବଞ୍ଚିବା ସମ୍ଭବ ବୋଲି କହିଥିଲେ। ମୁଖ୍ୟ ଅତିଥି ରୂପସା ଆଞ୍ଚଳିକ ବିକାଶ ପରିଷଦର ସଭାପତି ଭଗବାନ ମହାପାତ୍ର, ମୁଖ୍ୟ ବକ୍ତା ପିଞ୍ଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ, ସମ୍ମାନିତ ଅତିଥି ସାମ୍ବାଦିକ ବାଞ୍ଛାନିଧି ଦେ, ଅତିରିକ୍ତ ତହସିଲଦାର ମନୋଜ କୁମାର ସାହୁ ଯୋଗ ଦେଇ ରକ୍ତଦାତା ହିଁ ପ୍ରକୃତ ଜୀବନ ଦାତା ବୋଲି ବକ୍ତବ୍ୟରେ କହିଥିଲେ । ଡ଼. ବ୍ରଜଗୋପାଳ ମହାନ୍ତି ଏହି ଉଦଘାଟନୀ ଉତ୍ସବରେ ଅଧକ୍ଷତା କରିଥିଲେ । ଅନୁଷ୍ଠାନର ସଭାପତି ମହେନ୍ଦ୍ର କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ । ସମ୍ପାଦକ ଅନିଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାଉନସେଲର ସୁଚିସ୍ମିତା ଦାସ, ଟେକନିସିଆନ ବସନ୍ତ କୁମାର ଜେନା ଓ ରାଜେଶ ମିଶ୍ର, ଆଟେଣ୍ଡାଣ୍ଟ ହେମଲତା ସେଠୀ, ସନ୍ତୋଷ କୁମାର ଜେନା, ବିଦ୍ୟାଧର ସାହୁଙ୍କ ତତ୍ତ୍ୱାବଧାନରେ ୫୯ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । କର୍ମକର୍ତ୍ତା ଚନ୍ଦନ



କୁମାର ସାହୁ, ସାଗର ସାହୁ, ସନ୍ତୋଷ ସାହୁ, ଶଶିକାନ୍ତ ସାହୁ ମୋନାଲିସା ସାହୁ ଗଣେଶ ସାହୁ, ନନ୍ଦନ ବେହେରା, ସୁବିନାଶ ବେହେରା, ରାଜେନ୍ଦ୍ର ମହାଳିକ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

# ଭଦ୍ରକ ସାଂସ୍କୃତିକ ମହୋତ୍ସବର ନବମ ସନ୍ଧ୍ୟା




ଭଦ୍ରକ , ୧୩/୧ (ନି.ପ୍ର): ଭଦ୍ରକ ସାଂସ୍କୃତିକ ମହୋତ୍ସବ ଭାଇଚାରା ସଂପର୍କକୁ ସୁଦୃଢ କରିବା ସହିତ ସଂପର୍କର ସେତୁ ସ୍ଥାପନ କରିବାରେ ସହାୟକ ହୋଇଥାଏ । ଏଥିସହିତ ଭଦ୍ରକର ମହାନ ତ୍ୟାଗୀମାନଙ୍କ ସ୍ମୃତିକୁ ଉଜ୍ଜିବିତ କରିବା ସହିତ ଜିଲ୍ଲାର ଗାରିମା ବୃଦ୍ଧି କରିଥାଏ ବୋଲି ନବମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । କମିଟିର ଉପସଭାପତି ପ୍ରାଧାନଶିକ୍ଷୟତ୍ରୀ ଜାନକୀ ପାଢୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପିଡି ମାନସ ରଂଜନ ରାୟ, ସମ୍ମାନୀତ ଅତିଥିଭାବେ ବିଜେଡି ମହିଳା ଜିଲ୍ଲା ସଭାନେତ୍ରୀ ବିଦ୍ୟୁତଲତା ନାୟକ, କଂଗ୍ରେସ ଜିଲ୍ଲା ମହିଳା ସଭାନେତ୍ରୀ ସବିତା ଚାନ୍ଦ ଓ ବିଜେପି ମହିଳା ଜିଲ୍ଲା ସଭାନେତ୍ରୀ ତଥା ଓଡିଶା ତେଜସ୍ୱିନୀ ମହିଳା ସଂଗଠନର ସଭାପତି କଳ୍ପନା ଜେନା, ସମାଜସେବୀ ସାବିତ୍ରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସଭାପତି ରବିନାରାୟଣ ଖିଲାର ମଂଚ ଆହ୍ୱାଣ କରିଥିବାବେଳେ ଉପସଭାପତି ମନୋରମା ରାୟ ଅତିଥି ପରିଚୟ ପ୍ରଦାନ, ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି ସ୍ୱାଗତ ଭାଷଣ , ସଦସ୍ୟା ତେଜସ୍ୱିନୀ ଦାସ, ସସ୍ମିତା ବଳ ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ ଓ ବ୍ୟାଚ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ସ୍ମୃତି ରଞ୍ଜନ ସାହୁ, ଡ.ହରିହର ନାୟକ, ଉମା କଲ୍ୟାଣ ମହାପାତ୍ର, କମିଟିର ସାଂସ୍କୃତିକ ସମ୍ପାଦକ ରାମ ନାରାୟଣ ମହାନ୍ତି, ସୀତାକାନ୍ତ ପାଢୀ, ଆବାହକ ଅବିନାଶ ପଣ୍ଡା, କାର୍ଯ୍ୟକାରୀ ସଭାପତି ଚାରୁଦତ୍ ନାୟକ, ଜଗବନ୍ଧୁ ବେହେରା, ପ୍ରଭାତ ଦାସ, ରାଜେଶ ଦାସ, ଶୁଭଦୀପ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ମନ୍ଦିରା ଗ୍ରୁପର ପିଲାମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ।

# ଅବସର ପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ବନ୍ଧୁମିଳନ ଓ ନବବର୍ଷକୁ ସ୍ୱାଗତ

ବାଲେଶ୍ୱର, ୧୩/୧ (ନି.ପ୍ର): ଅବସର ପ୍ରାପ୍ତ ରାଜ୍ୟ ଅବସର ପାପ୍ତ କର୍ମଚାରୀ ସଂଘର ମାସିକ ବୈଠକ ବନ୍ଧୁମିଳନ ଉତ୍ସବ ସଂଘର ସଭାଗୃହରେ ତା ୧୩-୦୧-୨୪ରିଖ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ସଂଘର ଉକ୍ତ ଉତ୍ସବ କାର୍ଯ୍ୟକ୍ରମରେ ସଭାପତି ଇଂ ବନମାଳୀ ନାୟକ ସଭାପତିତ୍ୱ କରିଥିଲେ। ଅବସର ପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ବହୁ ସଦସ୍ୟଙ୍କ ସହିତ ସହାୟକର କର୍ମକର୍ତ୍ତାବୃନ୍ଦ ଓ କେତେଜଣ ସଦସ୍ୟ ଉପସ୍ଥିତ ଥିଲେ। ସର୍ବପ୍ରଥମେ ସଂଘର ସମ୍ପାଦକୀୟ ଶ୍ରୀ ବସନ୍ତ ନାୟକ ବିବରଣୀ ପାଠ କରିଥିଲେ। ଅର୍ଥ ସମ୍ପାଦକ ଶ୍ରୀ ଦାମୋଦର ନାୟକ ଅର୍ଥ ସମ୍ବନ୍ଧୀୟ ବିବରଣୀ ପ୍ରଦାନ ପରେ ଦୃଢ଼ୀଭୂତ ହୋଇଥିଲା। ପରିଶେଷରେ ଯୁଗ୍ମ ସମ୍ପାଦକ ସୁଦର୍ଶନ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ। ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ



ପୁଷ୍ପ, ଧୂପ, ଦୀପ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ପ୍ରାକ୍ତନ ସଭାପତି ଧୀରେନ୍ଦ୍ର ନାରାୟଣ ଦାସ, ଉପସଭାପତି ପୁଷ୍ପଲତା ମହାନ୍ତି, ସଂଗଠନ ସମ୍ପାଦକ ସୁଜିତ କୁମାର ଜେନା ଉପସ୍ଥିତ ହୋଇଥିଲେ। ଡ. ରମାକାନ୍ତ ବେହେରା, ଡ. କ୍ଷୀତିଶ୍ୱର ଦାଶ, ପୂର୍ଣ୍ଣଚନ୍ଦ୍ର ଓଝା, ଜ୍ୟୋତିଷ ଚନ୍ଦ୍ର କର, ନବକିଶୋର ଦାସ, ଶିଶିର କୁମାର ରଥ, କୁମୁଦ ରଞ୍ଜନ ଗିରି, ଯୋଗେନ୍ଦ୍ର ନାଥ ସିଂ, ପ୍ରଫୁଲ୍ଲ କୁମାର ଦାସ, ଶୋଭନା ମିଶ୍ର, ଅକ୍ଷୟ କୁମାର ତ୍ରିପାଠୀ, ଜଳଧର ପଣ୍ଡା, ପ୍ରଭାତୀ ସେଠୀ, ଜ୍ଞାନେନ୍ଦ୍ର ନାଥ ସାହୁ, ଅରୁଣା ରାୟ, ବାସନ୍ତୀ ପାଣି, ପଦ୍ମଲୋଚନ ଦତ୍ତ, ନିରଞ୍ଜନ ପରିଡ଼ା, ରମେଶ ଚନ୍ଦ୍ର ଜେନା ବକ୍ତବ୍ୟ ରଖିଥିଲେ। ଉକ୍ତ ଦିବସରେ ଡ. ହିରଣ୍ମୟ ମହାନ୍ତି, ଲଲାଟେନ୍ଦୁ ମହାନ୍ତି, ଡ. ପ୍ରଭାକର ରଥ, ଡ. ଜନାର୍ଦ୍ଦନ ବେହେରା, ଡ. କବିତା ପାତ୍ର, ପ୍ରହ୍ଲାଦ ଚରଣ ବେହେରାଙ୍କୁ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଇଂ ଡ. ହୃଷିକେଶ ସାହୁ, ସାବିତ୍ରୀ ଦାସ, ଗୁଣାକର ଦେ, ବାସନ୍ତୀ କର, ଭବେଶ ଚନ୍ଦ୍ର ପଣ୍ଡା, ଶେଖ ଆଲ୍ଲାଉଦ୍ଦିନ, ଚିତ୍ତରଞ୍ଜନ ଜେନା, ବେଣୁଧର ପାଳ, ଅଜିତ୍ କୁମାର ସରକାର, ରବୀନ୍ଦ୍ର କୁମାର ମହାନ୍ତି, ମୀନା ସେଠୀ, ପ୍ରଣିତା ମିଶ୍ର, ବାସନ୍ତୀ ମାସନ୍ତ, ରୀତା ରାୟ, ଜ୍ୟୋତ୍ସ୍ନା ରାୟ, ସଞ୍ଜିତ କୁମାର ଦେ, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଲୋକନାଥ ଆଚାର୍ଯ୍ୟ, ରବିନାରାୟଣ ବେହେରା, ହିମାଂଶୁ ଶେଖର ଦାସ, ପ୍ରତିମା ପଣ୍ଡା, ସାବିତ୍ରୀ ଜେନା, ସୀତାରାମ ପ୍ରଧାନ, ଭାଗୀରଥୀ ମହାନ୍ତି, ବେଣୁଧର ସାହୁ ଉପସ୍ଥିତ ଥିଲେ।

# ରାପ୍ତି ନଦୀରେ ବସ୍ ଖସି ୧୨ ଯାତ୍ରୀଙ୍କ ମୃତ୍ୟୁ

କାଠମାଣ୍ଡୁ, ୧୩/୧ (ନି.ପ୍ର): ନେପାଳରେ ଗତ ରାତିରେ ଏକ ଯାତ୍ରୀବାହୀ ବସ୍ ଭାଲୁବାଂଗର ନିକଟରେ ରାପ୍ତୀ ନଦୀର ପୋଲରୁ ନଦୀମଧ୍ୟକୁ ଖସିଯାଇଥିଲା। ଏହି ଦୁର୍ଘଟଣାରେ ୧୨ ଲୋକଙ୍କ ମୃତ୍ୟୁ ହୋଇଯାଇଛି ଏବଂ ୨୩ ଲୋକ ଆହତ ହୋଇଛନ୍ତି। ଆହତ ଯାତ୍ରୀମାନଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ପୋଲିସ୍ କହିଛି ଯେ ମୃତକ ଏବଂ ଆହତ ଯାତ୍ରୀଙ୍କ ମଧ୍ୟରେ କେତେକ ଭାରତୀୟ ନାଗରିକ ମଧ୍ୟ ଅଛନ୍ତି। ନେପାଳଗଞ୍ଜରୁ କାଠମାଣ୍ଡୁ ଆଡ଼କୁ ଆସୁଥିବା ଏହି ଯାତ୍ରୀବାହୀ ବସ୍ ଗତ ମଧ୍ୟରାତ୍ରରେ ଭାଲୁବାଂଗ ପାଖରେ ଦୁର୍ଘଟଣାଗ୍ରସ୍ତ ହୋଇଯାଇଥିଲା। ଆହତ ଯାତ୍ରୀମାନେ ପୋଲିସ୍‌କୁ କହିଛନ୍ତି ଯେ ଶୁକ୍ରବାର ଦିନ ସନ୍ଧ୍ୟାରେ ନେପାଳଗଞ୍ଜରୁ କାଠମାଣ୍ଡୁ ପାଇଁ ବାହାରିଥିବା ଏହି ବସ୍‌ର ସ୍ପିଡ୍ ବହୁତ ଅଧିକ ଥିଲା। ରାପ୍ତୀ ନଦୀର ପୋଲ ଉପରେ ଡ୍ରାଇଭର ବସ୍ ଉପରେ ନିୟନ୍ତ୍ରଣ ହରାଇଥିଲା ଏବଂ ବସ୍ ପୋଲରୁ ତଳକୁ ନଦୀ ମଧ୍ୟକୁ ଖସିପଡ଼ିଥିଲା।

# ସାଧୁମାନଙ୍କ ଉପରେ ଆକ୍ରମଣ ମାମଲାରେ ୧୨ ଗିରଫ

କୋଲକାତା, ୧୩/୧ (ନି.ପ୍ର): ପଶ୍ଚିମବଙ୍ଗର ପୁରୁଲିଆରେ ତିନି ସାଧୁଙ୍କୁ ପିଟିବା ମାମଲାରେ ବିବାଦ ବଢ଼ିବା ପରେ ପୋଲିସ୍ ୧୨ ଜଣଙ୍କୁ ଗିରଫ କରିଛି। ପୋଲିସ୍‌ର ଦାବି ଯେ ସ୍ଥାନୀୟ ଲୋକମାନେ ତାଙ୍କୁ ଅପହରଣ କରିବାକୁ ଭାବି ଆକ୍ରମଣ କରିଦେଇଥିଲେ। ପୋଲିସ୍ ଘଟଣାସ୍ଥଳରେ ପହଂଚି ସାଧୁମାନଙ୍କୁ ଗହଳିରୁ ବଂଚାଇ ନିକଟବର୍ତ୍ତୀ ପୋଲିସ୍ ଷ୍ଟେସନ ପହଂଚାଇଥିଲା। ପୁରୁଲିଆର ପୋଲିସ୍ ଅଧିକ୍ଷକ ଅଭିଜିତ ବାନାର୍ଜୀ ଘଟଣା ସମ୍ବନ୍ଧରେ କହିଛନ୍ତି ଯେ ସାଧୁମାନଙ୍କୁ ମାର୍‌ପିଟ କରିଥିବା ୧୨ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ଏବେ ମାମଲାର ଯାଂଚ କରାଯାଉଛି। ଘଟଣାରେ ସାମିଲ ଅନ୍ୟ ଲୋକଙ୍କ ତଲାସରେ ଚଢ଼ାଉ ମଧ୍ୟ କରାଯାଉଛି। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ପୁରୁଲିଆ ଜିଲ୍ଲାର ରଘୁନାଥପୁର ସବ୍‌ଡିଭିଜନାଲ କୋର୍ଟରେ ହାଜର କରାଯିବ। ପୋଲିସ୍ ଏହା ମଧ୍ୟ କହିଛି ଯେ କିଛି ବାଳିକା ସାଧୁମାନଙ୍କୁ ଡରି ଦୌଡ଼ିବାରୁ ସ୍ଥାନୀୟ ଲୋକଙ୍କୁ ସେମାନଙ୍କ ଉପରେ ସନ୍ଦେହ ହୋଇଥିଲା, ଯାହାପରେ ଭିଡ଼ ସେମାନଙ୍କ ଉପରେ ଆକ୍ରମଣ କରିଛି। ପରେ ପୋଲିସ୍ ସାଧୁମାନଙ୍କୁ ଗଙ୍ଗାସାଗର ମେଳା ପହଂଚାଇବା ପାଇଁ ବାହାନର ବ୍ୟବସ୍ଥା କରିଥିଲେ।

# ଜନନୀ ପରିବାର ପକ୍ଷରୁ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ




ଲଙ୍ଗଳେଶ୍ୱର, ୧୩/୧ (ନି.ପ୍ର): ବାଲେଶ୍ୱର ଜନନୀ ପରିବାର ପକ୍ଷରୁ ଶନିବାର ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତ ଡୁମିଚକ ରୁ ମଦ ବିରୋଧୀ ରାଲି ଆରମ୍ଭ ହୋଇଥିଲା। ରାଲି ଦେଭୋଗ , ଘଣ୍ଟିଆଡ଼ି ଛକ , ଦାନ୍ତୁଣିଦା ଛକ , ଗେଙ୍ଗୁଟିଆ ଛକ ଅତିକ୍ରମ କରି ବ୍ଲକ ଛକ ରେ ପହଞ୍ଚିଥିଲା। ରାଲିରେ ଦୁଇ ଶହ ରୁ ଅଧିକ ମହିଳା ସାମିଲ ହୋଇଥିଲେ। ମହିଳା ମାନେ ବିଭିନ୍ନ ପ୍ଲା କାର୍ଡ ଧରି ସ୍ଲୋଗାନ ଦେଇଥିଲେ। ବାଲିଆପାଳ ସରକାରୀ ମଦ ଦୋକାନ ପାର୍ଶ୍ୱରେ ଥିବା ଚାଖନା ଦୋକାନକୁ ହଟାଇବା ପାଇଁ ଦାବି କରିବା ସହିତ ଭାଙ୍ଗି ଥିଲେ।ରାଲି କୁ ଜନନୀ ପରିବାର ମୁଖ୍ୟ ଜ୍ୟୋସ୍ନା ରାଣୀ ମହାନ୍ତି , ଉଡାଣ ରାଜ୍ୟ ସାଧାରଣ ସମ୍ପାଦକ ସଦାଶିବ ସେଠୀ , ଆଇନ ଜୀବୀ ବିଚିତ୍ରା ନନ୍ଦ ଦାସ , ବ୍ଲକ ସଭାନେତ୍ରୀ ସୁଭଦ୍ରା ରାଉତ ପ୍ରମୁଖ ନେତୃତ୍ୱ ନେବା ସହିତ ପରିଚାଳନା କରିଥିଲେ।ବ୍ଲକ ଛକ ଠାରେ ସେମାନେ ମଦ ବିରୋଧୀ ସଭା ମଧ କରିଥିଲେ।ଡୁମି ଚକ ଠାରେ ମହିଳା ମାନେ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ ମନ୍ତ୍ରୀ ଙ୍କ ନିଜ ଜିଲ୍ଲା ବାଲେଶ୍ୱର ଏଠାରେ ବହୁଳ ମାତ୍ରାରେ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଦୋକାନରେ ମଦ ଗଞ୍ଜେଇ ବିକ୍ରୀ ହେଉଛି।

# ସିଂଲା ଉଚ୍ଚ ବିଦ୍ୟାଳୟ ୫ଟି ରୂପାନ୍ତରଣ ଲୋକାର୍ପିତ



ବସ୍ତା , ୧୩/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ସିଂଲା ସ୍ଥିତ ସିଂଲା ଉଚ୍ଚ ବିଦ୍ୟାଳୟ ଚତୁର୍ଥ ପର୍ଯ୍ୟାୟରେ ୫ ଟି ରୂପାନ୍ତରଣ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି , ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହାକୁ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ବସ୍ତା ବ୍ଲକ ଅଧ୍ୟକ୍ଷ ଅଞ୍ଜଳି ଦାସ ଯୋଗଦେଇ ଥିଲେ, ସମ୍ମାନିତ ଅତିଥି ଭାବରେ ବସ୍ତା ବ୍ଲକ ସହକାରୀ ଯନ୍ତ୍ରୀ କୋଇଲି ଟୁଡୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ , ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଭଗବାନ ବିଶ୍ୱାଳ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ସିଂ ଯୋଗଦେଇ ଉଦଘାଟନ କାର୍ଯ୍ୟକ୍ରମରେ ସାମିଲ ହୋଇ ଥିଲେ, ଏହି ଅବସର ରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ପରିଚାଳନା କମିଟିର ସଭାପତି ଏବଂ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

# ବାଲେଶ୍ୱର ପୌରାଞ୍ଚଳ ସ୍ଥିତ ୧୮ନଂ ୱାର୍ଡରେ ଶୁଭାରମ୍ଭ ହୋଇଛି ଜୟ ଜଗନ୍ନାଥ ଅର୍ପଣ ରଥ

ବାଲେଶ୍ୱର, ୧୩/୧ (ନି.ପ୍ର): ଏହି ଅବସରରେ ସକାଳ ୧୦.୩୦ମିନିଟରେ ଉକ୍ତ ୱାର୍ଡର କାଉନ୍ସିଲର ଶ୍ରୀମତୀ ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକଙ୍କ ପ୍ରତ୍ୟେକ ତତ୍ତ୍ୱାବଧନରେ ବାଲେଶ୍ୱର ଝାଡେଶ୍ୱର ମନ୍ଦିରରୁ ରଥ ବାହାରି ସହରର ନୂଆବଜାର, ଫାଣ୍ଡିଛକ, ନିଳିଆବାଗ, ରାଣୀପାଟଣା, ଅରଡବଜାରର ବିଭିନ୍ନ ସାହି ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉପନଗରପାଳ



ମନୋଜ ରାଉତ, କାଉସିଲର ମୀତା ପଟ୍ଟନାୟକ, ସବିତା ରାଣୀ ଦାସ, ମୀରାଜ ବାନୋ, ସେକ ଆୟୁବ, ସୁନିଆ ମୁର୍ମୁ, ପୂର୍ବତନ କାଉସିଲର ଧନଞ୍ଜୟ ଜେନା, ସାକିର ଖାନ, ଯୁବନେତା ସେକ ଅନସର, ଅକ୍ଷୟ ନାୟକ, ପ୍ରକାଶ ଚନ୍ଦ୍ର ମହାନ୍ତି, ନିରଞ୍ଜନ ପରିଡା,ଅକ୍ଷୟ ନାୟକ, ପୂର୍ବୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସାତକୋଶିଆରେ ବଢ଼ିଛନ୍ତି କୁମ୍ଭୀର: କମିଲେ ପକ୍ଷୀ

ଭୁବନେଶ୍ୱର, ୧୩/୧ (ନି.ପ୍ର): ସାତକୋଶିଆରେ ଚଳିତ ବର୍ଷ କୁମ୍ଭୀର ସଂଖ୍ୟା ବଢିଥିବା ବେଳେ ପକ୍ଷୀଙ୍କ ସଂଖ୍ୟା କମିଛି। ସାତକୋଶିଆ ଡିଏଫ୍‌ଓ ସରୋଜ କୁମାର ପଣ୍ଡା ଗଣନା ପରେ ଏନେଇ ସୂଚନା ଦେଇଛନ୍ତି। ସାତକୋଶିଆରେ ଗତ ବର୍ଷ ମଗର ସଂଖ୍ୟା ୮୧ ଥିଲା, ଚଳିତ ବର୍ଷ ୯୭କୁ ବୃଦ୍ଧି ପାଇଛି। ସେହିପରି ଘଡ଼ିଆଳ ସଂଖ୍ୟା ୭ରୁ ୧୪କୁ ବଢ଼ିଛି। ତେବେ ଗତ ବର୍ଷ ପକ୍ଷୀ ସଂଖ୍ୟା ୩୮୦୦ ରହିଥିଲା ବେଳେ ଏଥର ୩୩୦୦ କୁ ହ୍ରାସ ପାଇଛି।

# ପୂର୍ବତନ ତହସିଲଦାରଙ୍କ ବିୟୋଗରେ ପ୍ରେସ କ୍ଲବର ଶୋକସଭା



ବଡ଼ସାହି, ୧୩/୧ (ନି.ପ୍ର): ଗୋପବନ୍ଧୁ ନଗର ତହସିଲର ପୂର୍ବତନ ତହସିଲଦାର ତଥା ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକର କାର୍ଯ୍ୟରତ ବିଡିଓ ବିଶ୍ୱରଞ୍ଜନ ମହାନ୍ତି ଙ୍କ ଅକାଳ ମୃତ୍ୟୁ ରେ ଆଜି ଗୋପବନ୍ଧୁ ନଗର ପ୍ରେସ କ୍ଲବ ପକ୍ଷରୁ ପୁରୁଣା ବାରିପଦା ଠାରେ ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପୁରୁଣାବାରିପଦା ପଞ୍ଚାୟତ ସରପଞ୍ଚ ଭୋଲାନାଥ ସିଂ ଙ୍କ ସମେତ ପ୍ରେସ କ୍ଲବର ସଦସ୍ୟ ଚିତ୍ତରଞ୍ଜନ ଦଳେଇ, ହିରେନ ରାୟ, ଶାନ୍ତନୁ କୁମାର ମଢୁଆଳ, ଯୋଗେଶ୍ୱର ସାହୁ, ବିଶ୍ୱଜିତ ଦାଶ, ଜୟନ୍ତ କୁମାର ସ, ସଂପାଦକ କୁମାର ବାବୁଲି, ସମ୍ବିତ ରାଉତ, ଦୀପକ କୁମାର ଚୌଧୁରୀ, ରଞ୍ଜନ କୁମାର ମଢୁଆଳ, ସୂର୍ଯ୍ୟକାନ୍ତି ପୂହାଣ ପ୍ରମୁଖ ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ। ଫୋଟ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

# ପାଣି ପଂଚାୟତ ପକ୍ଷ ପାଳନ ପ୍ରସ୍ତୁତି ପର୍ବ

ଉଦଳା , ୧୩/୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ତରଫରୁ ପ୍ରତି ବର୍ଷ ଜାନୁଆରି ମାସ ୧୬ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ପାଣି ପଂଚାୟତ ପକ୍ଷ ପାଳିତ ହୋଇଥାଏ । ଚଳିତ ବର୍ଷ ଏହାକୁ ସଫଳ କରିବା ପାଇଁ 'ସୁନେଇ' ଓ 'କାଳ' ଜଳ ସେଚନ ବିଭାଗ ତରଫରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । ଏହି ଅବସରରେ ଚଳିତ ଜାନୁଆରି ୧୧ ତାରିଖ ଗୁରୁବାର ଦିନ ଉଦଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ ମଡ୍ଲେ ପ୍ରଦର୍ଶନ ପ୍ରଭୃତି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଉଦଳା, କପ୍ତିପଦା, ଗୋପବନ୍ଧୁନଗର ଓ ଖୁଂଟା ବ୍ଲକ ଅନ୍ତର୍ଗତ ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରି ମାନେ ଅଂଶ ଗ୍ରହଣ କରିଥିଲେ । ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ 'ଜଳ ସେଚନରେ ପାଣି ପଂଚାୟତର ଭୂମିକା' ବିଷୟବସ୍ତୁ ରଖା ଯାଇଥିବା ବେଳେ ପ୍ରବନ୍ଧରେ 'ଜୀବନ ଜୀବିକା ପାଇଁ ଜଳ', ଚିତ୍ରାଙ୍କନରେ 'ହାତରେ ହାତ ମିଳାଇବା ଜଳକୁ ସଂଚୟ କରିବା' ଓ ମଡ୍ଲେ ପ୍ରଦର୍ଶନରେ 'ଜଳର ବ୍ୟବହାରିକ କ୍ଷମତା ବୃଦ୍ଧି ନିମନ୍ତେ ଏକ ଅଭିନବ କୌଶଳ' ବିଷୟ ବସ୍ତୁ ରଖାଯାଇଥିଲା । ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଗଜେନ୍ଦ୍ର ନାୟକଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା



ବେଳେ ଇଂ. ସଂଜୟ କୁମାର ନାୟକ, ଇଂ. ରାଜକିଶୋର ପାତ୍ର, ଇଂ. ଅନନ୍ତ ମୁର୍ମୁ, ଇଂ. ସୁଚାରୁ କୁମାର ଜେନାଙ୍କ ସମେତ ବିଭାଗୀୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଆସନ୍ତା ୧୬ ତାରିଖ ସୋମବାର ଦିନ ବାଲିଡ଼ିହା (ବାରିପଦା ପାଖ) ଠାରେ ହେବାକୁ ଥିବା ବିଭାଜନ ସ୍ତରୀୟ ପାଣିପଂଚାୟତ ପକ୍ଷ ପାଳନର ଉତ୍ସବ ମଂଚରେ ଉକ୍ତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତିୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଜଣାଇଛନ୍ତି ।

# କାଳୀପଦାରେ ସ୍ୱାଧିକାର ସମାବେଶ

ଲଙ୍ଗଳେଶ୍ୱର ୧୩/୧(ନିପ୍ର) ବାଲିଆପାଳ ବ୍ଲକ କାଳୀପଦା ଠାରେ ବାଲିଆପାଳିଆ ସ୍ୱାଭିମାନ ମଞ୍ଚ ପକ୍ଷରୁ ସ୍ୱାଧିକାର ସମାବେଶ ଅପରାହ୍ନ ରେ ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦ ଦେବାଶିଷ ପାତ୍ର ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବାଲିଆପାଳିଆ ସ୍ୱାଭିମାନ ମଞ୍ଚର ଆବାହକ ସତ୍ୟକାମ ମହାନ୍ତି, କାଳୀପଦା ବଜାର କମିଟି ର ସଭାପତି



ନିତ୍ୟାନନ୍ଦ ଦାସ, ପୂର୍ବତନ ସରପଞ୍ଚ ଗୌତମ ପରିଡ଼ା, ଯୁବନେତା ଆଦିତ୍ୟ ନାୟକ, ଜନନୀ ପରିବାରର ମୁଖ୍ୟ ଜ୍ୟୋସ୍ନା ରାଣୀ ମହାନ୍ତି, ଉଡାନ ର ସମ୍ପାଦକ ସଦାଶିବ ସେଠୀ ପ୍ରମୁଖ ଯୋଗଦେଇ, ବାଲିଆପାଳ ବ୍ଲକ ର ବିକାଶ ପଛକୁ ଠେଲି ହୋଇଯାଇଛି, ବାଲିଆପାଳ ବ୍ଲକ ର ବିକାଶ ପାଇଁ ବାଲିଆପାଳିଆ ସ୍ୱାଭିମାନ ମଞ୍ଚ ନିରନ୍ତର ଚେଷ୍ଟା ଯାରିରହିବ ଯୁବ ସାମ୍ବାଦିକ ରାଧାକୃଷ୍ଣ ଦାସ ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo